READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୧୦ ସଂଖ୍ୟା-୨ ୧୯ ଜାନୁଆରୀ - ୨୫ ଜାନୁଆରୀ, ୨୦୨୬ ଭୁବନେଶ୍ୱର Monday Weekly VOL-10 ISSUE-2 19th JANUARY- 25th JANUARY, 2026 BHUBANESWAR ₹ 5/- (8 Pages)

## ‘ଓଡ଼ିଶା ରାଜନୀତିରେ ନବୀନ ଜିରୋ’



**ଭୁବନେଶ୍ୱର :** ରାଜ୍ୟ ରାଜନୀତି ଏବେ ଖୁବ୍ ସରଗରମ। ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ଘଟଣା, ରାଜ୍ୟ ରାଜନୀତିରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ, କାହିଁକି ଅରବିନ୍ଦଙ୍କୁ କରାଗଲା ନିଲମ୍ବନ ? କ’ଣ ଥିଲା ତାଙ୍କର ଭୁଲ। ତେବେ ଏହାରି ଭିତରେ ଅରବିନ୍ଦ ମହାପାତ୍ରଙ୍କ ବାପା ବିଜୟ ମହାପାତ୍ରଙ୍କୁ ଭେଟିଛନ୍ତି ପୂର୍ବତନ ବିଧାୟକ ତଥା ସାଂସଦ ରବି ପାଣି। ସେଠାରେ ସେ ଗଣମାଧ୍ୟମ ଆଗରେ ଦେଇଛନ୍ତି ବିସ୍ଫୋରକ ବୟାନ। ସେ ନବୀନଙ୍କୁ ସିଧା ସିଧା ସମାଲୋଚନା କରିଛନ୍ତି। ନବୀନଙ୍କ ନାଁ ନେଇ ସେ କହିଛନ୍ତି, ନବୀନ ନିଜ ଛାଇକୁ ବି ଦେଖିଲେ ଭୟ କରନ୍ତି। ରବି ପାଣି କହିଛନ୍ତି, ଓଡ଼ିଶା ରାଜନୀତିରେ ନବୀନ ବାବୁ ଜିରୋ। ସେ ହାତ ହଲେଇଦେଲେ ଭୋଟ ହେଉଥିଲା, କିନ୍ତୁ ଆଉ ହେବନି । ନୂଆପଡ଼ାରେ ଦଳର ଅବସ୍ଥା କଣ ହେଲା ତାହା ଦେଖନ୍ତୁ। ବିଜୟଙ୍କ ପୁଅକୁ ଡାକି ଆଣି ନବୀନ ପଟ୍ଟନାୟକ ପାର୍ଥୀ କରିଥିଲେ, ବାପାଙ୍କୁ କିଛି ପଚାରି ନାହାନ୍ତି। ସେତେବେଳେ ବିଜୟ ଆଉ ନଳିନୀଙ୍କୁ ବାହାର କରି କହିଥିଲେ ଦୁର୍ନୀତିଗ୍ରସ୍ତ ଆଉ ଏବେ ବି ସେୟା। ଏମିତି କହି ପରୋକ୍ଷରେ ଅତନୁଙ୍କୁ ଟାର୍ଗେଟ କରିଛନ୍ତି ରବି। ଏହାସହ ସେ ଆହୁରି କହିଛନ୍ତି ଯେଉଁମାନେ କାଲି ବିଶ୍ୱାସଘାତକ ଓ ଦୁର୍ନୀତିଗସ୍ତ କହୁଥିଲେ ସେମାନେ ମେ’ ୨୯ ରେ କଣ କରିଥିଲେ। ନବୀନଙ୍କ ପାଖରେ ଘେରିକି ଅଛନ୍ତି ବିଶ୍ୱାସଘାତକ। ନବୀନ କଣ କୋଳି ଖାଇ ମଞ୍ଜି ପୋତିଛନ୍ତି କି ସବୁବେଳେ ରହିବେ। ଆମେ ୫୦ ରୁ ୬୦ ସବୁବେଳେ ବସୁଛୁ, ଓଡିଶା ବୁଲୁଛୁ ନୂଆ ସମୀକରଣ କଥା ଚିନ୍ତା କରାଯାଉଛି। ବିଜୁ ବାବୁ ଟିକେ ଭୁଲ ପାଇଁ ୪୫ କୁ ଖସି ଆସିଥିଲେ ଆଉ ନବୀନ ଏବେ ଜିରୋ। କହୁଥିଲେ ହାତ ହଲେଇଲେ ଭୋଟ, କିନ୍ତୁ ନୂଆପଡ଼ାରେ କଣ ହେଲା। ଦୁଇ ବିଧାୟକଙ୍କ ଉପରେ

➤ ପୃ-୬

## ପୁଣି ବିଜେଡିକୁ ଶ୍ରୀମୟୀଙ୍କ କାଉଣ୍ଟର



**ଭୁବନେଶ୍ୱର :** ବିଜେଡିରୁ ତଡ଼ା ଖାଇଥିବା ଚର୍ଚ୍ଚିତ ନେତ୍ରୀ ଶ୍ରୀମୟୀ ମିଶ୍ର ପୁଣି ବିଜେଡିକୁ କରିଛନ୍ତି କାଉଣ୍ଟର। ନାଁ ନନେଇ ପାଣ୍ଡିଆନ ଓ ନବୀନଙ୍କୁ କରିଛନ୍ତି ଟାର୍ଗେଟ୍। ସେ ପୁଣି ଏକ ବାଘ, ହାତୀ ଗାଈ ଗପ କହି ବିଜେଡି ମୁଖିଆଙ୍କୁ କରିଛନ୍ତି କଡ଼ା ସମାଲୋଚନା। କହିବାକୁ ଗଲେ ପୁଣି ବିଜେଡି ଉପରେ ପଡ଼ିଛି ଚଡ଼କ। ଗୁରୁବାର ବିଜେଡି ପକ୍ଷରୁ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ଯାହାକୁ ନେଇ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି ହୋଇଛି। ଆଉ ଶୁକ୍ରବାର ସକାଳୁ ସକାଳୁ ବିଜେଡିକୁ କଡ଼ା ସମାଲୋଚନା କରିଛନ୍ତି ଦଳରୁ ବିତାଡ଼ିତ ନାରୀ ନେତ୍ରୀ ଶ୍ରୀମୟୀ ମିଶ୍ର। ବିଜେଡିର ଏଭଳି ଦୁଃସ୍ଥିତି, ତାସଲ୍ୟ କରିବାର ସୁଯୋଗ ହାତଛଡ଼ା କରିନାହାନ୍ତି ଶ୍ରୀମୟୀ।। ସେ ବାଘ, ହାତୀ, ଗାଈ ଉପାଖ୍ୟାନ ଦେଇ ବିଜେଡିକୁ ପ୍ରବଳ ଧୋଇଛନ୍ତି । ବାପାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇବା ସହ ପୁଅର ମିଛକୁ ସତ କଥା କହି, ତା ହଁରେ ହଁ କୁହନ୍ତି ତେବେ ଜଣେ ହସିବେ ବୋଲି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି, ପିଲାବେଳେ ଆପଣ ସମସ୍ତେ ନିଜ ମାଆ କୋଳରେ ବସି ଅନେକ କାହାଣୀ ଶୁଣି ଖାଇବା ଖାଇଥିବେ। ପିଲାଙ୍କୁ ଖୁଆଇବା ପାଇଁ ବାପା ମାନେ ମଧ୍ୟ ଅନେକ କାଳ୍ପନିକ ଚରିତ୍ରରେ ଅଭିନୟ କରିଥାଆନ୍ତି। ଗାଁ ଦାଣ୍ଡରେ ବାପା କାନ୍ଧରେ ବସି ବୁଲୁବୁଲୁ କେତେବେଳେ କେଉଁ ଜୀବଜନ୍ତୁ ଦେଖି ସବୁ ଛୁଆ ଖୁସି ହେଇ ଯାଆନ୍ତି। କେତେବେଳେ କେମିତି ଯଦି ପିଲା କୁକୁରକୁ ଦେଖି ବାଘ କହିଦିଏ, ବାପା ତା ହଁରେ ହଁ ମିଶାନ୍ତି, କେତେବେଳେ ଯଦି ଗାଈ ଦେଖି ହାତୀ କହିଦିଏ, ତେବେ ବି ବାପା କିଛି କୁହନ୍ତିନି,

➤ ପୃ-୬

## ଭଣ୍ଡବାବାଙ୍କୁ ଖଣ୍ଡଗିରି ମନା



**ଭୁବନେଶ୍ୱର :** ଆସନ୍ତା ୨୫ ତାରିଖ ମାଘ ସପ୍ତମୀରୁ ଆରମ୍ଭ ହେବାକୁ ଯାଉଛି ଖଣ୍ଡଗିରି ପ୍ରସିଦ୍ଧ ମାଘ ମେଳା। ଆଉ ଏହି ମେଳାକୁ ପବିତ୍ରତା, ଶ୍ରଦ୍ଧା ଓ ଆସ୍ଥାର ମହୋତ୍ସବ ଭାବେ ରଖିବା ଉଦ୍ଦେଶ୍ୟରେ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। କାହିଁକି ନା ଗତ କିଛିବର୍ଷମାନଙ୍କରେ କିଛି ତଥାକଥିତ ଭଣ୍ଡ ବାବାମାନେ ଖଣ୍ଡଗିରିକୁ ଆସୁଛନ୍ତି। କିଏ କର୍କଟ ରୋଗ ଭଲ କରିବା ପାଇଁ ପାଣି ବୋତଲ ବ୍ୟବହାର କଥା କହି ଲୋକଙ୍କୁ ଭଣ୍ଡାଉ ଥିଲେ ତ ଆଉ କିଏ ବିଭୂତି ଦେଇ ରୋଗ ଭଲ କରିଦେଉଥିବା ଦାବି କରୁଥିଲେ। ଶ୍ରଦ୍ଧାଳୁମାନେ ଏମାନଙ୍କୁ ବିଶ୍ୱାସ ମଧ୍ୟ କରୁଥିଲେ, ପରେ ଅନେକ ଅସନ୍ତୋଷ ପ୍ରକାଶ କରୁଥିଲେ। ଏଭଳି କିଛି ଭଣ୍ଡବାବାଙ୍କ ପାଇଁ ପ୍ରସିଦ୍ଧ ଖଣ୍ଡଗିରି ମେଳାର ଗରିମା କ୍ଷୁର୍ଣ୍ଣ ହେବାରେ ଲାଗିଛି । ତେଣୁ ଖଣ୍ଡଗିରିରେ ଭଣ୍ଡ ବାବା ଉପରେ ଲାଗିଛି ରୋକ୍। ଏହି ବିଷୟରେ କଡ଼ା ନଜର ରଖିବା ସହ ପ୍ରଶାସନ ସହ ସମନ୍ୱୟରେ କାମ କରିବ କମିଟି। ଯଦି କୌଣସି ବ୍ୟକ୍ତି ଏଭଳି ଅନୈତିକ କିମ୍ବା ଭ୍ରମକାରୀ କାର୍ଯ୍ୟରେ ଜଡ଼ିତ ଥିବା ଦେଖାଯାଏ, ତେବେ ତୁରନ୍ତ ପ୍ରଶାସନକୁ ଅବଗତ କରାଯିବ ଏବଂ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଆଉ ଏହି ନିଷ୍ପତିକୁ ସ୍ୱାଗତ କରିଛନ୍ତି ଦୀର୍ଘ ୩୩ ବର୍ଷା ଧରି ଖଣ୍ଡଗିରି କୁମ୍ଭମେଳାକୁ ଆସୁଥିବା ହରି ଓମ୍ ବାବା। ଅନ୍ୟପଟେ ୫୦୦ ରୁ ଅଧିକ ସାଧୁ, ଯୋଗୀ ଖଣ୍ଡଗିରିକୁ ଆସିବେ। ସେମାନଙ୍କ ରହଣି, ଖାଇବା, ସ୍ନାନ, ଶୌଚ ଓ ଉପାସନା ପାଇଁ ଆଗୁଆ ବନ୍ଦୋବସ୍ତ ସହ ଏଥର ଅଶ୍ଳୀଳତାକୁ ମଧ୍ୟ ନା, ଶାନ୍ତିଶୃଙ୍ଖଳାର ସହ ପରିବେଷଣ ହେବ ଖଣ୍ଡଗିରି ଯାତ୍ରା।

➤ ପୃ-୬

## ଛୋଟ ପ୍ରୟାସରୁ ଆସିବ ବଡ଼ ପରିବର୍ତ୍ତନ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଭୁବନେଶ୍ୱର ପରିଦର୍ଶନରେ ଆସି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଠ୍ୟକ୍ରମ ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ସମ୍ପର୍କରେ ଏକ ଆଲୋଚନା ବୈଠକରେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ ସୁଶ୍ରୀ ଅର୍ଚ୍ଚନା ଶର୍ମା ଅବସ୍ଥି, ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ଃ ଏନ୍.ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଏନସିଇଆରଟିର ବରିଷ୍ଠ ପ୍ରାଧାପକ ରଞ୍ଜନ ଅରୋରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ୩୦ ଗୋଟି ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଜିଲ୍ଲା ଡାଏଟ୍, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ୍ ମଧ୍ୟ ଆଭାସୀ ମାଧ୍ୟମରେ ସାମିଲ୍ ହୋଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ପାଠ୍ୟପୁସ୍ତକ ବିକାଶ କରୁଛନ୍ତି ରାଜ୍ୟ ସରକାର। ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷରୁ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ୫୫ ଟି ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ, ଏନେଇ ଜିଲ୍ଲାର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପାଠ୍ୟକ୍ରମର ବିକାଶ ଏବଂ ମାଷ୍ଟର ରିସୋର୍ସ ପର୍ସନଙ୍କ ଦକ୍ଷତା ବିକାଶ ସମ୍ପର୍କରେ ଜିଲ୍ଲାମାନଙ୍କୁ ପଚାରିବୁଝିଥିଲେ। ଏଥିସହ ନୂଆ ବହି ସମ୍ପର୍କରେ ରାଜ୍ୟର ଛାତ୍ରଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ୪ ଗୋଟି ପରାମର୍ଶ ଦେଇଛନ୍ତି। ପ୍ରଥମେ ନିପୁଣ ଭାରତକୁ ପ୍ରାଧାନ୍ୟ ଦେଇ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) କୁ ସୁଦୃଢ଼ କରିବା ଉପରେ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟରେ ଅତିକମ୍ ରେ ପଞ୍ଚମ ଶ୍ରେଣୀ ଯାଏଁ ମାତୃଭାଷା ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦେବାକୁ କହିଛନ୍ତି। ତୃତୀୟରେ ଛାତ୍ରଛାତ୍ରୀଙ୍କ ପୋଷଣକୁ ଗୁରୁତ୍ୱ ଦେଇ ପିଏମ-ପୋଷଣକୁ

➤ ପୃ-୬

### ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

## ‘ନିପା ପାଇଁ ଆମେ ପ୍ରସ୍ତୁତ’



**ଭୁବନେଶ୍ୱର :** ରାଜ୍ୟରେ ନିପା ଭାଇରସ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ଗୁରୁ, ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମହାଲିଙ୍ଗ କହିଛନ୍ତି ଯେ ପଶ୍ଚିମବଙ୍ଗରେ ନିପା ଭାଇରସ କେସ ଚିହ୍ନଟ ହେଲା ପରେ ଓଡିଶାରେ ପ୍ରତିରୋଧମୂଳକ ବୈଠକ କରାଯାଇଛି। ବର୍ତ୍ତମାନ କୌଣସି ନିପା ଭାଇରସର ସନ୍ଦିଗ୍ଧ କେସ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ସଂପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ସାଧାରଣ ଜନତାଙ୍କୁ ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି। ସମସ୍ତ ସୀମାବର୍ତ୍ତୀ ଜିଲ୍ଲାକୁ ସତର୍କ ରହିବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ, ପିପିଇ କିଟ୍ ଓ ଚିକିତ୍ସା ସାଧନ

➤ ପୃ-୬

### ସରକାରଙ୍କୁ ଫାଙ୍କୁଛନ୍ତି ବ୍ୟବସାୟୀ

## ଜମି ନେଉଛନ୍ତି, ଟଙ୍କା ଦେଉ ନାହାନ୍ତି

**ପୁରୀ :** ଶ୍ରୀକ୍ଷେତ୍ର ପୁରୀରେ ୫୦୦ରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ ଦଆଯାଇଛି ଲିଜ। ହେଲେ ରାଜସ୍ୱ ଆୟ ଶୂନ। ଲିଜ ଅବଧି ଶେଷ ପରେ ବି କୋଠା ପରେ କୋଠା କରି ଚାଲିଛନ୍ତି ବ୍ୟବସାୟୀ। ୩୦ ବର୍ଷ ଧରି ସରିଲାଣି ଲିଜ୍ , ତଥାପି ଚାଲିଛି ବେପାର। କ୍ଷମତା ନଥାଇ ବି ସମ୍ପତ୍ତି ଉପଭୋଗ କରୁଛନ୍ତି ଲିଜଧାରୀ। ମୌଳିକ ସୁବିଧା ଯୋଗାଇ ଟଙ୍କାଟିଏ ପାଉନି ପୌର ସଂସ୍ଥା। ଶ୍ରୀକ୍ଷେତ୍ରରେ ୫୦୦ରୁ ଉର୍ଦ୍ଧ୍ୱ ଏକର ସରକାରୀ ଜମିରୁ ମିଳୁନି ଟଙ୍କାଟିଏ ବି ରାଜସ୍ୱ। ୩୦ ବର୍ଷ ହେଲା ଲିଜ ସରିବା ପରେ ବି ବ୍ୟବସାୟ ଚଳାଇଛନ୍ତି ସଂସ୍ଥା। ନାଳ, ସ୍ୱେରେଜ୍, ବିଜୁଳି, ପାନୀୟ ଜଳ ପ୍ରଭୃତି ମୌଳିକ ସୁବିଧା ପାଉଥିଲେ ବି ଟଙ୍କାଟିଏ ଦେଉନାହାନ୍ତି ରାଜସ୍ୱ। ପୁରୀ ମେଡିକାଲ ଛକ ହେଉ ଅବା ସମୁଦ୍ରକୂଳ, ଏସବୁ ଜାଗାରେ ରହିଥିବା ସରକାରୀ ଜମିରୁ ଆୟ ହରାଉଛି ପୌର ସଂସ୍ଥା। ୧୯୯୭ ମସିହା ଠାରୁ ଲିଜରେ ଦିଆଯାଇଥିବା ପାଞ୍ଚଶହ ଚାରି ଏକର ସରକାରୀ ଜମିକୁ ଆଉ ପୁନଃ ଲିଜ ଆକାରରେ ଦିଆ ଯାଇନାହିଁ। ଆଉ ଯେଉଁମାନେ ଲିଜ ନେଇଥିଲେ ସେମାନେ କ୍ଷମତା ନଥାଇ ବି ସମ୍ପତ୍ତି ଉପଭୋଗ କରୁଛନ୍ତି। ଏମିତିକି ଯେଉଁଠି ଗୋଟିଏ ମହଲା ଥିଲା,ସେଠାରେ ୫ ମହଲା ଛିଡା ହେଲାଣି, ତଥାପି ପ୍ରଶାସନ ଚୁପ୍ ବସିଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

➤ ପୃ-୬

## ଓଡ଼ିଶାରେ ଏସ୍‌ଆଇଆର୍; ବିଦାହେବେ ବାଂଲାଦେଶୀ



**ଭୁବନେଶ୍ୱର :** ଏସ୍‌ଆଇଆର ପାଇଁ ଓଡ଼ିଶାରେ କାଉଣ୍ଟ ଡାଉନ ଆରମ୍ଭ। ଶେଷ ହୋଇଛି ୫ ମାସ ଧରି ଚାଲିଥିବା ପ୍ରସ୍ତୁତି ପ୍ରକ୍ରିୟା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଓଡ଼ିଶାରେ ଆରମ୍ଭ ହେବ ଏସଆଇଆର। ଓଡ଼ିଶାରେ ବଢ଼ିଲା ବୁଥ ସଂଖ୍ୟା। ତେଜିଲା ରାଜନୀତି, ଅନୁପ୍ରବେଶକାରୀଙ୍କ ଭିତରେ ଛନକା। ଏସ୍‌ଆଇଆର ପାଇଁ ଓଡ଼ିଶା ପ୍ରସ୍ତୁତ। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏହି ମନ୍ତବ୍ୟ ପରେ ଏସ୍‌ଆଇଆରକୁ ନେଇ ପୁଣି ଥରେ ଓଡ଼ିଶାରେ ଆରମ୍ଭ ହୋଇଛି ଚର୍ଚ୍ଚା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ବୁଥ ସଂଖ୍ୟାକୁ ବଢ଼ା ଯାଇଛି। ପୂର୍ବରୁ ୩୬ ହଜାର ବୁଥ ଥିବା ବେଳେ ଏବେ ଏହାକୁ ବଢାଇ ପ୍ରାୟ ୪୩ ହଜାର ବୁଥ କରାଯାଇଛି। ପ୍ରତି ବୁଥରେ ୧୨୦୦ କିମ୍ବା ତାଠାରୁ କମ ଭୋଟର ରହିବେ। ସବୁ ବୁଥରେ ବୁଥ ଲେବୁଲ ଅଧିକାରୀ ନିଯୁକ୍ତ କରାଯାଇଛି। ୨୦୦୨ ମସିହାରେ ଶେଷ ଥର ପାଇଁ ଓଡ଼ିଶାରେ ଏସ୍‌ଆଇଆର ହୋଇଥିଲା। ୨୦୦୨ର ଏସ୍‌ଆଇଆରରେ ପ୍ରସ୍ତୁତ ଭୋଟର ଲିଷ୍ଟରେ ଯେଉଁମାନଙ୍କ ନାମ ଥିଲା ସେମାନଙ୍କ ନାମ ପୁଣି ଥରେ ୨୦୨୫ରେ ହୋଇଥିବା ଭୋଟର ଲିଷ୍ଟରେ ସଂଶୋଧନର ଆବଶ୍ୟକତା ନାହିଁ। ୭୦ ପ୍ରତିଶତ ମ୍ୟାପିଙ୍ଗ ସରିଛି। କେବଳ ସେମାନଙ୍କ ପୁଅ ଝିଅଙ୍କ ନାମ ଯୋଡ଼ାଯିବ। ଯେଉଁ ଭୋଟର ମାନେ ମ୍ୟାପିଙ୍ଗରେ ମିଳିବେ ନାହିଁ ସେମାନଙ୍କୁ ଅନ୍ୟ ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ। ସେପଟେ କିନ୍ତୁ ତେଜିଛି ରାଜନୀତି।

➤ ପୃ-୬

## ବକ୍ରବାଣୀ



ପୁରୁଣା ବିଧାନସଭା ହଟିବ
ନୂଆ ଆସେମ୍ବିଲି ତିଆରି ହବ
ଓନ୍ଲି ତିନି ହଜାର୍ କୋଟି ଲାଗିବ
ଏମେଲେଙ୍କୁ ଭାରି ମଜା ଆଇବ
ଓଡ଼ିଶା ନମ୍ବର ୱାନ୍ ଧନରେ
ଜନତା ଚଳେ ସର୍କାରୀ ଦାନରେ
ଶିକ୍ଷା, ସ୍ୱାସ୍ଥ୍ୟ ନ୍ୟାୟ ଚୁଲିକି ଯାଉ
ଏମେଲେଙ୍କ ପେଟ ଫୁଲିକି ଥାଉ
ବେହିଆ ମୁହଁରେ ବଥ ଉଠିଲେ
ଛାଇ ପଡ଼ିଅଛି କହି ସେ ବୁଲେ।

—— ଟୁଟୁ

### ଦଳରେ ଚାଲିଥିବା ଅସ୍ଥିରତା ଉପରେ ଲଗାମ ଦେବାକୁ ପ୍ରୟାସ

## ପାଣ୍ଡିଆନ ହିଁ ବିଜେଡିର ସର୍ବେସର୍ବା !



**ଭୁବନେଶ୍ୱର :** ଦୀର୍ଘଦିନ ଧରି ବିଜେଡିରେ ଚାଲିଥିବା ବୟାନବାଜି, ଅସ୍ଥିରତା ଓ ଆଭ୍ୟନ୍ତରୀଣ କନ୍ଦଳ ଉପରେ ଲଗାମ ଦେବାକୁ ଆରମ୍ଭ ହୋଇଛି ‘କ୍ଲିନ୍ ଅପ୍’ ପ୍ରକ୍ରିୟା । ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ପୁଣିଥରେ ‘ସୁପର ପାୱାର’ ଭାବେ ଉଭା ହୋଇଛନ୍ତି। ରାଜ୍ୟସଭା ନିର୍ବାଚନକୁ ଆଉ ମାତ୍ର ଦୁଇମାସ ବାକି ଥିବାବେଳେ ଦଳର ଦୁଇଜଣ ବିଧାୟକଙ୍କୁ ନିଲମ୍ବନ କରି ବିଜେଡି ନେତୃତ୍ୱ ‘ଅସନ୍ତୁଷ୍ଟଙ୍କ ସ୍ୱର’କୁ ଚପାଇବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି। ପାଣ୍ଡିଆନଙ୍କ କବଜାରୁ ଦଳକୁ ମୁକ୍ତ କରିବା ପାଇଁ ଯେଉଁ ମେଳି ଓ ବୟାନବାଜି ଚାଲିଛି ତା’ଉପରେ ଅଙ୍କୁଶ ଲଗାଇବା ଏବଂ ପାଣ୍ଡିଆନ ହିଁ ବିଜେଡିର ସର୍ବେସର୍ବା ବୋଲି ସନ୍ଦେଶ ଦେବାକୁ ଏଭଳି ପ୍ରାୟୋଜିତ କାର୍ଯ୍ୟାନୁଷ୍ଠାନ ହୋଇଥିବା ରାଜନୀତିକ ମହଲରେ ଆକଳନ କରାଯାଉଛି। ବିଜେଡି ସୁପ୍ରିମୋ ଗତ ୪-୫ଦିନ ଧରି ଦଳର ବିଧାୟକମାନଙ୍କୁ ନବୀନ ନିବାସ ଡକାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଗତ ଗୁରୁବାର ତୃତୀୟ ପର୍ଯ୍ୟାୟରେ ଦଳର ୧୦ଜଣ ବିଧାୟକଙ୍କୁ ଡାକି ବୈଠକ କରିଥିଲେ। ସୂତ୍ର ଅନୁସାରେ, ଏହି ବୈଠକରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ହିଁ ପ୍ରଥମେ ଦଳବିରୋଧୀ ବୟାନବାଜି କରୁଥିବା ବରିଷ୍ଠ ନେତାମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ସମର୍ଥନ କରିଥିଲେ। ନବୀନ ସେହି ନେତାମାନଙ୍କ ନାଁ ଜାଣିବାକୁ ଚାହିଁଥିଲେ। ବୈଠକରେ ଭୂପିନ୍ଦର ସିଂ, ବଦ୍ରି ପାତ୍ର, ଦେବାଶୀଷ ସାମନ୍ତରାୟ, ସନାତନ ମହାକୁଡ଼ ଆଦି ବରିଷ୍ଠ ନେତାମାନଙ୍କ ନାଁ ନବୀନଙ୍କୁ କୁହାଯାଇଥିଲା। ଆଉ ବୈଠକ ଶେଷ ହେବାବେଳକୁ ନବୀନ ଦଳର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ନିଲମ୍ବନ ନିଷ୍ପତ୍ତି ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ତେବେ ଅରବିନ୍ଦଙ୍କ ନିଲମ୍ବନକୁ ନେଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆପତ୍ତି ଉଠାଇ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ନବୀନଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ନବୀନ ତୀବ୍ର ପ୍ରତିକ୍ରିୟାଶୀଳ ହୋଇ ଅତୀତର ‘ବିଶ୍ୱାସଘାତକତା’ ପ୍ରସଙ୍ଗ ଉଠାଇ ସମସ୍ତଙ୍କ ମୁହଁ ବନ୍ଦ କରିଦେଇଥିଲେ। ଚର୍ଚ୍ଚା ହେଉଛି, ବୈଠକବେଳେ ଏହି ବରିଷ୍ଠ ନେତାମାନଙ୍କ ନାଁରେ

➤ ପୃ-୬

### ୪୫ ଦିନରେ ଆସିବ ପରୀକ୍ଷା ଫଳ

## ଅନଲାଇନ୍‌ରେ ହୋଇପାରେ ଖାତା ଦେଖା



**ଭୁବନେଶ୍ୱର :** ଅନଲାଇନ ହୋଇପାରେ ଯୁକ୍ତ ୨ ଖାତା ଦେଖା। ଚଳିତ ବର୍ଷ ସବୁ ବିଭାଗର ଉତ୍ତର ଖାତା ଅନଲାଇନ୍ ମୂଲ୍ୟାୟନ ହେବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି। ବଜେଟ୍‌ରେ ବ୍ୟବସ୍ଥା ହେଲେ ଏଭଳି ବ୍ୟବସ୍ଥା ଗ୍ରାହଣ କରାଯିବ। ଖାତା ମୂଲ୍ୟାୟନ ଅନଲାଇନରେ ହେଲେ ସ୍ୱଚ୍ଛତା ଓ ସଠିକ୍ ସମୟରେ ରେଜଲ୍ଟ ପ୍ରକାଶ ପାଇ ପାରିବ। ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ହୋଇପାରେ ଅନଲାଇନ୍ ପ୍ରଶ୍ନପତ୍ର ମୂଲ୍ୟାୟନ। ଆସନ୍ତା ଫେବ୍ରୁଆରୀ ୧୮ରୁ ମାର୍ଚ୍ଚ ୨୫ ଯାଏ ଚାଲିବ ଯୁକ୍ତ ୨ ପରୀକ୍ଷା।

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଭଲ ରହିବ। ଅନେକ ଅର୍ଥ ଲାଭର ସୁଯୋଗ ସୃଷ୍ଟି ହେବ। ଘରେ ଅନେକ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟରେ ଲିପ୍ତ ରହିବାକୁ ବାଧ ହେବେ। ଅର୍ଥନୀତି, ରାଜନୀତି ଓ ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ଛାତ୍ରମାନଙ୍କୁ ସଫଳତା ମିଳିବ।

**ବୃଷ** ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଷ୍ଟ ଅନୁଭବ କରିବେ। ଆର୍ଥିକ ସ୍ଥିତି ସୁଧୁରିବ। ପୁରୁଣା ସମ୍ପର୍କର ପୁଣି ଆରମ୍ଭ ହେବ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। ଶିକ୍ଷାରେ ପ୍ରତିକୂଳ ସ୍ଥିତି ଦେଖାଦେବ। ଦମ୍ପତ୍ତିଙ୍କ ମନମାଳିନ୍ୟ ଦୂର ହେବ।

**ମିଥୁନ** ମନ ପସନ୍ଦ ଖାଦ୍ୟ ଖାଇବେ। ଅନେକ ଦିନରୁ ଖୋଜୁଥିବା ଚାକିରି ପାଇପାରନ୍ତି। ପୁରୁଣା ଋଣ ପରିଶୋଧ କରିପାରନ୍ତି। ଛାତ୍ରମାନଙ୍କୁ ସଫଳତା ମିଳିବ। ମନରୁ ଅହଙ୍କାର ଦୂର କରନ୍ତୁ।

**କର୍କଟ** କାର୍ଯ୍ୟର ଚାପ ଯୋଗୁ ଶରୀର ଅସୁସ୍ଥ ହୋଇପାରେ। ଜମିଜମା ବ୍ୟବସାୟରୁ ଲାଭବାନ ହେବେ। ପରିବାର ଓ କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ସଫଳ ହେବେ।

**ସିଂହ** ମାନସିକ ଚାପରେ ରହିବେ। ବାସି ଖାଦ୍ୟରୁ ଦୂରେଇ ରହନ୍ତୁ। ଚାକିରି ଓ ବ୍ୟବସାୟରେ ସଫଳତା ମିଳିବ। ଧୀରେ ଧୀରେ ବ୍ୟବସାୟରେ ଧନ ନିବେଶ କରନ୍ତୁ। ଦାମ୍ପତ୍ୟ ଜୀବନ ଆନନ୍ଦରେ କଟିବ।

**କନ୍ୟା** ଘରେ କୌଣସି ସଦସ୍ୟ ଶରୀର ଆରୋଗ୍ୟ ଲାଭ ଯୋଗୁଁ ମନ ଖୁସି ରହିବ। କୋର୍ଟ କଚେରୀ କାର୍ଯ୍ୟରେ ସଫଳତା ମିଳିବ। ଆର୍ଥିକ ସ୍ଥିତି ଭଲ ରହିବ। କୌଣସି କାର୍ଯ୍ୟ କରିବା ପୂର୍ବରୁ ପିତା-ମାତାଙ୍କ ଅନୁମତି ନିଅନ୍ତୁ।

**ତୁଳା** ସୁନ୍ଦର ସ୍ୱାସ୍ଥ୍ୟ ଅନୁଭୂତ ହେବ। ଛୋଟ ଭାଇଭଉଣୀଙ୍କୁ ଆର୍ଥିକ ସାହାଯ୍ୟ କରିପାରନ୍ତି। ବନ୍ଧୁଙ୍କଠାରୁ ଉପହାର ମିଳିପାରେ। ଛାତ୍ରମାନଙ୍କୁ ଶିକ୍ଷକ ମାନଙ୍କଠାରୁ ସହଯୋଗ ମିଳିବ। ଜୀବନ ସାଥିକି ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ବିଛା** ଛୋଟ ଛୋଟ କଥାରେ ବିରକ୍ତ ହେବେ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ପରିବାରରେ ସମ୍ପର୍କ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଜୀବନସାଥୀଙ୍କ ସହ ଅଧିକ ସମୟ କଟାଇବେ।

**ଧନୁ** ଅଚାନକ ଧନପ୍ରାପ୍ତିର ଯୋଗ ଅଛି। ବେପାରୁଆ ମନଭାବ ପାଇଁ ବଡକ୍ଷତି ସହିପାରନ୍ତି। କେସରେ ଥିବା ଜମି ସମାଧାନ ହୋଇ ଆପଣଙ୍କ ପାଖକୁ ଫେରିବ। ଧାର୍ମିକ କାର୍ଯ୍ୟରେ ମନଦେବେ।

**ମକର** ଅନେକ ବାଧାବିଘ୍ନର ସମ୍ମୁଖୀନ ହେବେ। ଆପଣ ଦୁଃଖ ଅଛନ୍ତି ବୋଲି ପରିବାର ଲୋକେ ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ମନ ଅସ୍ଥିର ରହିବ। ଶିକ୍ଷା କ୍ଷେତ୍ରରେ ବିବାଦର ସମାପ୍ତ ହେବ। ଜୀବନସାଥୀଙ୍କ ସହ ବିତାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବ। ନୂତନ ଲୋକଙ୍କ ସହ ସାକ୍ଷାତ ଫଳରେ ଅନେକ ସୁବିଧା ସୁଯୋଗ ପାଇପାରନ୍ତି। ନିଜ ଲୋକ ଉଦ୍ଧାର ମାଗି ପାରନ୍ତି। ଛାତ୍ରମାନଙ୍କୁ ବିଦେଶରେ ପଢ଼ିବାର ସୁଯୋଗ ମିଳିବ। ଦମ୍ପତିଙ୍କ ମତାନ୍ତର ହୋଇପାରେ।

**ମୀନ** ମଦ୍ୟପାନଠାରୁ ଦୂରେଇ ରହନ୍ତୁ। ଅନେକ ଦିନପରେ ଆର୍ଥିକ ସ୍ଥିତି ସୁଧୁରିବ। ବାପା-ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ହେବେ। କାର୍ଯ୍ୟ କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଆସିବ। ମନକୁ ଶାନ୍ତ ରଖନ୍ତୁ। ଛାତ୍ରମାନେ ସଫଳ ହେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୭୫ ଦେଶ ପାଇଁ ଭିସା ବନ୍ଦ କଲା ଆମେରିକା

**ୱାଶିଂଟନ :** ବାଉଳା ହେଲେଣି ଟ୍ରମ୍ପ। ଶାନ୍ତି ନୋବେଲ ପାଇଁ ଦିନେ ଜିଦି କରୁଥିବା ନେତା, ଆଜି ରାଗରେ ରକ୍ତ ଚାଉଳ ଚୋବାଉଛନ୍ତି। ଯାକୁ ମାରିବି ତାକୁ ମାରିବି କହି ସାରା ବିଶ୍ୱରେ ଉତ୍ପାତ ଆରମ୍ଭ କରିଛନ୍ତି। ତେଣୁ ଏବେ ପୂରା ବିଶ୍ୱ ଟ୍ରମ୍ପଙ୍କ କାର୍ଯ୍ୟକଳାପ ପ୍ରତି ଅସନ୍ତୋଷ ପ୍ରକାଶ କରିଛି। ଅନ୍ୟପଟେ କିଛି ନେତା ସିଧା ସଳଖ ଭାବେ ଟ୍ରମ୍ପଙ୍କୁ ଧମକ ଦେଲେଣି। ଆଉ ଏହାରି ଭିତରେ ଟ୍ରମ୍ପ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆମେରିକାକୁ ନୋ ଏଣ୍ଟ୍ରି ବୋର୍ଡ ଲଗାଇଛନ୍ତି ଟ୍ରମ୍ପ। ଜାନୁଆରୀ ୨୧ ରୁ ଋଷ, ଇରାନ, ଆଫଗାନିସ୍ତାନ, ବ୍ରାଜିଲ ସମେତ ୭୫ଟି ଦେଶ ପାଇଁ ଭିସା ବନ୍ଦ କରିଛି ଆମେରିକା। ଆମେରିକାର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭିସା ବିରତି ଆରମ୍ଭ ହେବାକୁ ଯାଉଛି। କନସୁଲାର ଅଧିକାରୀମାନଙ୍କୁ ଭିସା ଆବେଦନ ପ୍ରତ୍ୟାଖ୍ୟାନ କରିବାକୁ ୟୁଏସ ଷ୍ଟେଟ ଡିପାର୍ଟମେଣ୍ଟ କଡ଼ା ନିର୍ଦ୍ଦେଶ ଦେଇଛି। ସମୀକ୍ଷା ସମୟରେ କନସୁଲାର ଅଧିକାରୀମାନେ 'ପବ୍ଲିକ୍ ଚାର୍ଜ' ନିୟମକୁ ଅଧିକ କଠୋର ଭାବରେ ଲାଗୁ କରିବେ। ଏହି ପଦକ୍ଷେପ, ସୋମାଲିଆ, ରୁଷିଆ, ଆଫଗାନିସ୍ତାନ, ବ୍ରାଜିଲ, ଇରାନ, ଇରାକ, ମିଶର, ନାଇଜେରିଆ, ଥାଇଲ୍ୟାଣ୍ଡ, ୟେମେନ ସମେତ ୭୫ ଦେଶ ପାଇଁ ପ୍ରଯୁଜ୍ୟ। ଏଯାଏ ଭିସା ରଦ୍ଦ ହେବାକୁ ଯାଉଥିବା ଦେଶର ସମ୍ପୂର୍ଣ୍ଣ ତାଲିକା ଜାରି ହୋଇନାହିଁ। ରାଷ୍ଟ୍ରପତି ଟ୍ରମ୍ପ ଇମିଗ୍ରେସନ ଆଇନର 'ସାର୍ବଜନୀନ ଚାର୍ଜ' ବ୍ୟବସ୍ଥାକୁ ଅଧିକ କଠୋର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ହୁତୁହୁତୁ ଜଳୁଛି ଇରାନ। ଟ୍ରମ୍ପଙ୍କ ସାମ୍ରାଜ୍ୟବାଦ ନୀତିକୁ ନେଇ ବିଶ୍ୱରେ ଘମାସାନ।




ମାଦୁରୋଙ୍କ ପରେ ୟୁଏସ ଟାର୍ଗେଟରେ ଇରାନ ସୁପ୍ରିମ ଲିଡର ଖାମେନେଇ। ଭେନେଜୁଏଲା ପରେ କ୍ୟୁବାରେ ବି ଶାସନ ପରିବର୍ତ୍ତନର ସ୍ପଷ୍ଟ ସଂକେତ। ଏବେ ଟ୍ରମ୍ପଙ୍କ ଟାର୍ଗେଟରେ ଗ୍ରୀନଲ୍ୟାଣ୍ଡ ଓ ତେହେରାନ। ରାଜରାସ୍ତାରେ ଉଗ୍ର ହେଉଛି ଉତ୍ୟକ୍ତ ଯୁବପିଢ଼ିଙ୍କ ଆକ୍ରୋଶ। ଏପଟେ ଇରାନୀ ଯୁବକଙ୍କୁ ପ୍ରଦର୍ଶନରେ ସାମିଲ ହେବାକୁ ଅପିଲ କରିଛନ୍ତି ନିର୍ବାସିତ କ୍ରାଉନ ପ୍ରିନ୍ସ ରଜା ପହଲବୀ। ଗତବର୍ଷ ଡିସେମ୍ବର ୨୮ରୁ ଆରମ୍ଭ ହଇଥିବା ହିଂସାତ୍ମକ ପ୍ରଦର୍ଶନରେ ବର୍ତ୍ତମାନ ସୁଦ୍ଧା ୨ ହଜାରରୁ ଅଧିକ ମୃତ୍ୟୁ ହୋଇଥିବା ବେଳେ ପରିସ୍ଥିତିକୁ ନେଇ ନୂଆ ଚକ୍ରବ୍ୟୁହ ରଚିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ପରି ଇରାନ ସୁପ୍ରିମଲିଡର ଆୟାତୋଲା ଅଲି ଖାମେନେଇଙ୍କୁ ଉଠାଇ ନେବାକୁ ଯୋଜନା ପ୍ରସ୍ତୁତ ହୋଇସାରିଥିବା ବିଶ୍ୱବ୍ୟାପୀ ଚର୍ଚ୍ଚା ଜୋର ଧରିଛି। ଟ୍ରମ୍ପଙ୍କ ବୟାନରୁ ମଧ୍ୟ ଏହାର ସଂକେତ ମିଳିସାରିଛି। ଟ୍ରମ୍ପ ଗୋଟିଏ ପଟେ ନାଗରିକ ଅଧିକାର ନେଇ ଇରାନୀ ଯୁବକଙ୍କୁ ଉତ୍ତେଜିତ କରିବା ସହ ନିଜ ଦୂତଙ୍କ ସହାୟତାରେ କ୍ରାଉନ ପ୍ରିନ୍ସଙ୍କ ସହ ବଢ଼ାଉଛନ୍ତି ସମ୍ପର୍କ।

### ସୁପ୍ରିମ୍‌କୋର୍ଟଙ୍କ ବଡ଼ ରାୟ

# ବିଧବା ବୋହୂଙ୍କୁ ଭରଣପୋଷଣ ଦେବେ ଶ୍ୱଶୁର

**ନୂଆଦିଲ୍ଲୀ :** ବିଧବାଙ୍କ ଭରଣପୋଷଣ ଉପରେ ସୁପ୍ରିମକୋର୍ଟଙ୍କ ଐତିହାସିକ ନିଷ୍ପତ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ୍ ଏସଭିଏନ ଭଟ୍ଟିଙ୍କ ଖଣ୍ଡପୀଠ ସାରା ଦେଶରେ ବିଧବା ବୋହୂମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେଇଛନ୍ତି। ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ପୁଅର ମୃତ୍ୟୁ ପରେ, ଶ୍ୱଶୁର ତାଙ୍କ ସମ୍ପତ୍ତିରୁ ବିଧବା ବୋହୂଙ୍କୁ ଭରଣପୋଷଣ ଯୋଗାଇବାକୁ ବାଧ ହେବେ। ଖଣ୍ଡପୀଠ ରାୟ ଶୁଣାଇବା ସମୟରେ କହିଛନ୍ତି ଯେ, ମନୁସ୍ମୃତିରେ କୁହାଯାଇଛି ଯେ ଜଣେ କେବେ ବି ନିଜ ମାଆ, ବାପା, ପୁଅ କିମ୍ବା ଝିଅକୁ ପରିତ୍ୟାଗ କରିବା ଉଚିତ୍ ନୁହେଁ। ପୁଅକୁ ବିବାହ କରୁଥିବା ବୋହୂ ମଧ୍ୟ ଝିଅର ସମାନ, ତେଣୁ ତାଙ୍କୁ କିପରି ପରିତ୍ୟକ୍ତ କରାଯାଇପାରିବ ? ତାଙ୍କ ସ୍ୱାମୀଙ୍କ ପିତାମାତା ଭାବରେ, ଶ୍ୱଶୁର ଘର ଲୋକ ତାଙ୍କ ସମ୍ମାନ ଏବଂ ଭରଣପୋଷଣ ପାଇଁ ଦାୟୀ। ତେଣୁ, ହିନ୍ଦୁ ଗ୍ରହଣ ଏବଂ ଭରଣପୋଷଣ ଆଇନ,



୧୯୫୬ ଅନୁଯାୟୀ, ଜଣେ ବିଧବା ବୋହୂଙ୍କୁ ଭରଣପୋଷଣ ଯୋଗାଇବା ଶ୍ୱଶୁର ଘର ଲୋକଙ୍କର ଅଧିକାର। ଅନ୍ୟପକ୍ଷରେ, ଯେତେବେଳେ ପ୍ରଶ୍ନ ଉଠିଲା କି ଯଦି ଜଣେ ବୋହୂ ତାଙ୍କ ଶ୍ୱଶୁରଙ୍କ ମୃତ୍ୟୁ ପରେ ବିଧବା ହୋଇଯାଆନ୍ତି, ତେବେ କ'ଣ ସେ ତାଙ୍କ ଶ୍ୱଶୁରଙ୍କ ସମ୍ପତ୍ତିରୁ ଭରଣପୋଷଣ ପାଇବେ ? ଆବେଦନକାରୀ ତାଙ୍କ ଆବେଦନରେ ଯୁକ୍ତି ଦେଇଥିଲେ ଯେ ଜଣେ ବୋହୂ ତାଙ୍କ ଶ୍ୱଶୁରଙ୍କ ମୃତ୍ୟୁ ପରେ ତାଙ୍କ ଶ୍ୱଶୁରଙ୍କ ସମ୍ପତ୍ତିରୁ ଭରଣପୋଷଣ ପାଇବାର ହକଦାର ନୁହଁନ୍ତି। ତଥାପି, ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ଯୁକ୍ତିକୁ ଖାରଜ କରି କହିଛନ୍ତି ଯେ ସ୍ୱାମୀଙ୍କ ମୃତ୍ୟୁ ସମୟରେ ବିଧବା ବୋହୂଙ୍କ ପ୍ରତି ଭେଦଭାବ, ଅନ୍ୟାୟ କରିବା ଉଚିତ୍ ନୁହେଁ। ଉଭୟ କ୍ଷେତ୍ରରେ, ବିଧବା ବୋହୂ ତାଙ୍କ ଶ୍ୱଶୁରଙ୍କ ସମ୍ପତ୍ତିରୁ ଭରଣପୋଷଣ ପାଇବେ। ସୁପ୍ରିମ କୋର୍ଟ ଖଣ୍ଡପୀଠ ଅନୁଯାୟୀ, ୧୯୫୬ ଆଇନର ଧାରା ୨୨ରେ ପ୍ରାବଧାନ କରାଯାଇଛି ଯେ, ଯଦି କେହି ପରିବାରର କାହାର ମୃତ୍ୟୁ ହୋଇଯାଏ, ତେବେ ତାଙ୍କ ଉପରେ ନିର୍ଭର କରୁଥିବା ଲୋକଙ୍କ ଭରଣପୋଷଣର ବ୍ୟବସ୍ଥା କରାଯିବ। ମୃତକଙ୍କ ଉପରେ ନିର୍ଭର ଲୋକଙ୍କ ମଧ୍ୟରେ ବୋହୂ ବି ସାମିଲ, ଯାହାର ଭରଣପୋଷଣ କରିବା ମୃତକଙ୍କ ପରିବାର ଲୋକଙ୍କର ଆଇନ ଓ ନୈତିକ ଅଧିକାର। ଯଦିବି ସ୍ୱାମୀ ତାଙ୍କ ସ୍ତ୍ରୀ ପାଇଁ ସମ୍ପତ୍ତି ଛାଡ଼ି ଛାଡିଥାଇପାରନ୍ତି, ତଥାପି ଯଦି ସେଥିରୁ ସେ ତାଙ୍କର ପ୍ରତିପାଳନ କରିବାରେ ଅକ୍ଷମ ହୁଅନ୍ତି, ତେବେ ତାଙ୍କ ଭରଣପୋଷଣର ଦାୟିତ୍ୱ ତାଙ୍କ ଶ୍ୱଶୁର ଘର ଲୋକଙ୍କ ଉପରେ ପଡ଼ିବ।

# ବିବିଧତାକୁ ଗଣତନ୍ତ୍ରର ଶକ୍ତିରେ ପରିଣତ କରିଛି ଭାରତ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଗୁରୁବାର ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ଆୟୋଜିତ ରାଷ୍ଟ୍ରମଣ୍ଡଳ ବାଚସ୍ପତି ଏବଂ ପୀଠାସୀନ ଅଧିକାରୀଙ୍କ ୨୮ତମ ସମ୍ମିଳନୀ (ସିଏସପିଓସି)କୁ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏକ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିଙ୍କ ଭୂମିକା ଅନନ୍ୟ। ବାଚସ୍ପତିଙ୍କୁ କହିବାକୁ ଅଧିକ ସୁଯୋଗ ମିଳେ ନାହିଁ; କିନ୍ତୁ ତାଙ୍କର ଦାୟିତ୍ୱ ହେଉଛି ଅନ୍ୟମାନଙ୍କ କଥା ଶୁଣିବା ଏବଂ ସମସ୍ତଙ୍କୁ କହିବାର ସୁଯୋଗ ସୁନିଶ୍ଚିତ କରିବା। ଧୈର୍ଯ୍ୟ ହେଉଛି ବାଚସ୍ପତିମାନଙ୍କର ସବୁଠାରୁ ବଡ ଗୁଣ, ଯେଉଁମାନେ ହସ ହସରେ କୋଳାହଳପୂର୍ଣ୍ଣ ଏବଂ ଅତ୍ୟଧିକ ଉତ୍ସାହିତ ସଦସ୍ୟମାନଙ୍କୁ ମଧ୍ୟ ସମ୍ଭାଳିଥାନ୍ତି। ଏହି ବିଶେଷ ଅବସରରେ ରାଷ୍ଟ୍ରମଣ୍ଡଳ ଦେଶରୁ ଆସିଥିବା ଅତିଥିମାନଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ସେମାନଙ୍କ ଉପସ୍ଥିତି ପ୍ରତି ସମ୍ମାନ ଜଣାଇଥିଲେ। ଏଥରକୁ ମିଶାଇ ଭାରତରେ ଚତୁର୍ଥ ଥର ପାଇଁ ରାଷ୍ଟ୍ରମଣ୍ଡଳ ବାଚସ୍ପତି ଏବଂ



ପୀଠାସୀନ ଅଧିକାରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ହେଉଛି ସଂସଦୀୟ ଗଣତନ୍ତ୍ରର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଭାରତ ସ୍ୱାଧୀନତା ପାଇଲା, ସେତେବେଳେ ଏକ ଆଶଙ୍କା ଥିଲା ଯେ ଏତେ ବିବିଧତାପୂର୍ଣ୍ଣ ଦେଶରେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ। ମାତ୍ର ଭାରତ ଏହି ବିବିଧତାକୁ ଏହାର ଗଣତନ୍ତ୍ରର ଶକ୍ତିରେ ପରିଣତ କରିଛି। ଆଉ ଏକ ପ୍ରମୁଖ ଚିନ୍ତା ଥିଲା ଯେ ଯଦିବା ଭାରତରେ ଗଣତନ୍ତ୍ର କୌଣସି ପ୍ରକାରେ ବଞ୍ଚି ରହିବ, ତେବେ ଏଠାରେ ବିକାଶ ସମ୍ଭବ ହେବ ନାହିଁ। କିନ୍ତୁ ଭାରତ ପ୍ରମାଣିତ କରିଛି ଯେ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଗଣତନ୍ତ୍ରକୁ ସ୍ଥିରତା, ଗତି ଓ ବିସ୍ତୃତି ପ୍ରଦାନ କରେ।

# ରାସ୍ତାରେ ଗୋରୁ ବୁଲୁଥିଲେ ଚାଳକଙ୍କୁ ସତର୍କ ସୂଚନା ମିଳିବ



**ନୂଆଦିଲ୍ଲୀ:** ଅଧିକାଂଶ ସମୟରେ ରାସ୍ତା ଉପରକୁ ହଠାତ୍ ଗୋରୁଗାଈ ଚାଲିଆସିଲେ ଦୁର୍ଘଟଣା ଘଟୁଛି। ଦେଶରେ ଏଭଳି ଅନେକ ସ୍ଥାନ ରହିଛି, ଯେଉଁମାନେ ଗୋରୁମାନେ ରାସ୍ତା ଉପରକୁ ଚାଲିଆସିଥାନ୍ତି। ସେବିଷୟରେ ସଡ଼କ ବ୍ୟବହାରକାରୀମାନଙ୍କୁ ବାସ୍ତବ ସମୟରେ ସତର୍କ ସୂଚନା ପ୍ରଦାନ କରିବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏକ ପରୀକ୍ଷଣ ଆରମ୍ଭ କରିଛନ୍ତି। ଜୟପୁର-ଆଗ୍ରା ଓ ଜୟପୁର-ରେୱାରି ଜାତୀୟ ରାଜପଥରେ ଏହି ପରୀକ୍ଷଣ ଆରମ୍ଭ କରାଯାଇଛି। ଟେଲିକମ୍ କମ୍ପାନିମାନଙ୍କ ସହ ମିଶି ଏନ୍‌ଏଚ୍‌ଏଆଇ ଏହି ଅଭିଯାନ ଆରମ୍ଭ କରିଛି। ଏହାଦ୍ୱାରା ଗୋରୁଙ୍କ ପାଇଁ ହେଉଥିବା ସଡ଼କ ଦୁର୍ଘଟଣା ହ୍ରାସ ପାଇବ ଓ ଉଭୟ ଗୋରୁ ଓ ମଣିଷଙ୍କ ଜୀବନ ବଞ୍ଚିଯିବ। ଗୋରୁଗାଈ ଚଳପ୍ରଚଳ କରୁଥିବା ରାସ୍ତା ବିଷୟରେ ଗାଡ଼ି ଚାଳକମାନଙ୍କୁ ପ୍ରଥମେ ଏକ ଫ୍ଲାସ୍ ଏସ୍‌ଏମ୍‌ଏସ୍ ପଠାଯିବ ଓ ତା'ପରେ ଭଏସ୍ ଆଲର୍ଟ ଦିଆଯିବ। ଏସ୍‌ଏମ୍‌ଏସ୍‌ରେ ଲେଖାଯିବ 'ଆଗରେ ବୁଲା ଗୋରୁ ପ୍ରବଣ କ୍ଷେତ୍ର ରହିଛି। ଦୟାକରି ଗାଡ଼ି ସାବଧାନତାର ସହ ଚଲାନ୍ତୁ'। ସେହି ବାର୍ତ୍ତା ଫୋନ୍‌ରେ ଭଏସ୍ ମେସେଜ୍ ଆକାରରେ ବି ବାଜିବ। ଚାଳକମାନଙ୍କୁ ବାସ୍ତବ ସମୟ ସତର୍କ ସୁଚନା ପ୍ରଦାନ କରିବା ଲାଗି ରିଲାଏନ୍ସ ଜିଓ ଏହାର ପ୍ଲାଟଫର୍ମକୁ ଅପଗ୍ରେଡ୍ କରିଛି। ପରୀକ୍ଷଣ ସଫଳ ହେଲେ ଏହି ଅଭିଯାନକୁ ଦେଶବ୍ୟାପୀ ସମ୍ପ୍ରସାରଣ କରିବା ଯୋଜନା ରହିଛି।

# 'ପତ୍ନୀଙ୍କୁ ଛାଡ଼ିଲେ ଆୟର ୪ ଭାଗରୁ ଭାଗେ ଦେବେ'

**ପ୍ରୟାଗରାଜ :** ବାହା ହୋଇଛ, ହାତଗୋଡ଼ ଚଳୁଛି, କାମ କରୁଛ ମାନେ ସ୍ତ୍ରୀକୁ ଛାଡ଼ପତ୍ର ଦେଲେ ଭରଣପୋଷଣ ଦେବାକୁ ପଡ଼ିବ। ସ୍ୱାମୀ ତାଙ୍କ ଆୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ଭରଣପୋଷଣ ପାଇଁ ଦେବେ। ଏକ ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ। ଏଥିସହ ଭରଣପୋଷଣ ରାଶି କମାଇବାକୁ ସ୍ୱାମୀ ହାଇକୋର୍ଟରେ କରିଥିବା ଆବେଦନକୁ ଖାରଜ ହୋଇଛି। ପରିବାର ଅଦାଲତ ଭରଣପୋଷଣ ରାଶି ବଢ଼ାଇବାକୁ ଦେଇଥିବା ନିର୍ଦ୍ଦେଶରେ ମଧ୍ୟ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ହାଇକୋର୍ଟ କହିଛନ୍ତି ଆବେଦନକାରୀ ସ୍ୱାମୀଙ୍କ ଆଇନ୍‌ଗତ କର୍ତ୍ତବ୍ୟ ହେଉଛି ତାଙ୍କ ସ୍ତ୍ରୀଙ୍କ ଖର୍ଚ୍ଚ ବହନ କରିବେ। କାରଣ ମହିଳା ଜଣଙ୍କ ନିଜ ଖର୍ଚ୍ଚ ନିଜେ ତୁଲାଇବା ଲାଗି ଅସମର୍ଥ। ଅନ୍ୟପଟେ ପୁରୁଷ ଜଣଙ୍କ ଦିବ୍ୟାଙ୍ଗ ନୁହନ୍ତି। ସେ ସୁସ୍ଥ ସବଳ ବ୍ୟକ୍ତି ଏବଂ ସ୍ତ୍ରୀଙ୍କ ଖର୍ଚ୍ଚ ଉଠାଇ ପାରିବେ ବୋଲି ପୂର୍ବରୁ କହିଛନ୍ତି। ଜଷ୍ଟିସ୍ ମଦନ ପାଲ୍ ସିଂହ ଆବେଦନକାରୀ ସୁରେଶ ଚନ୍ଦ୍ରଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ୨୦୨୪ ଡିସେମ୍ବରରେ ସୁରେଶ ଚନ୍ଦ୍ର ଆହ୍ଲାବାଦ



ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଯେଉଁଥିରେ ପରିବାର ଅଦାଲତ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ ସୁରେଶ। ୨୦୨୪ ଜୁଲାଇ ୨୬ରେ ପରିବାର ଅଦାଲତ, ଟ୍ରାଏଲ୍ କୋର୍ଟ ଦେଇଥିବା ମାସିକ ୫୦୦ ଟଙ୍କା ଭରଣପୋଷଣ ରାଶିକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। ହାଇକୋର୍ଟରେ ସୁରେଶ ଏହି ରାୟକୁ ଚ୍ୟାଲେଞ୍ଜ କରିଥିଲେ। ୨୦୧୫ ଜୁନ୍ ୬ରେ ଟ୍ରାଏଲ୍ କୋର୍ଟ ମାସିକ ୫୦୦ ଟଙ୍କା ଭରଣପୋଷଣ ପାଇଁ ଦେବାକୁ କହିଥିଲେ। ୨୦୧୫ ଜୁନ୍‌ରେ କୋର୍ଟ ଉକ୍ତ ରାଶିକୁ ୩ ହଜାର ଟଙ୍କାକୁ ବଢ଼ାଇ ଥିଲେ। ଯାହାକୁ ସୁରେଶଙ୍କ ଓକିଲ କୋର୍ଟରେ ବିରୋଧ କରି କହିଥିଲେ, ମୋ ମହକିଲ ଜଣେ ଶ୍ରମିକ। ଖଟିଲେ ପେଟ ପୋଷନ୍ତି। କୋର୍ଟ ନିର୍ଦ୍ଦେଶ ଦେଇଥିବା ଭରଣପୋଷଣ ଅର୍ଥରାଶି ୬ ଗୁଣ ବଢ଼ିବା ଅତ୍ୟଧିକ ଅଟେ। ଏପରିକି କୋର୍ଟ ଭରଣପୋଷଣ ରାଶି ବଢ଼ାଇବା ବେଳେ ଅନେକ ଦିଗକୁ ଗୁରୁତ୍ୱ ଦେଇନଥିବା କହିଥିଲେ ଓକିଲ। ଅନ୍ୟପଟେ ସରକାରୀ ଓକିଲ ମହିଳାଙ୍କ ପକ୍ଷରୁ ଯୁକ୍ତି ରଖି ବର୍ଦ୍ଧିତ ଦରଦାମ କଥା କହିଥିଲେ। ସେ କହିଥିଲେ ଯେ, ଆଜିର ଦିନରେ ମାସିକ ୩ ହଜାର ଟଙ୍କା ଭରଣପୋଷଣ ପାଇଁ ଦେବା ଅତ୍ୟଧିକ ନୁହେଁ। ଉଭୟ ପକ୍ଷଙ୍କୁ ଶୁଣିବା ପରେ କୋର୍ଟ କହିଥିଲେ, ସ୍ତ୍ରୀର ଖର୍ଚ୍ଚ ଉଠାଇବା ସ୍ୱାମୀର ଆଇନ୍ଗତ କର୍ତ୍ତବ୍ୟ। ସୁରେଶଙ୍କ ସ୍ତ୍ରୀଙ୍କ ପାଖରେ ଆୟର କୌଣସି ପନ୍ଥା ନାହିଁ । ତେଣୁ ସେ ଭରଣପୋଷଣ ପାଇବେ। ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଉଲ୍ଲେଖ କରି କୋର୍ଟ କହିଛନ୍ତି, ଶ୍ରମିକ ଭାବେ ସୁରେଶ ଦୈନିକ ୬୦୦ ଟଙ୍କା ପାଉଛନ୍ତି। ଅର୍ଥାତ୍ ମାସିକ ୧୮ ହଜାର ଟଙ୍କା। ତେଣୁ ସେ ସୁପ୍ରିମକୋର୍ଟଙ୍କ ଅନୁସାରେ, ଆୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ଟଙ୍କା ମାସିକ ୪ ହଜାର୫ ୫୦୦ ଟଙ୍କା ଦେଇ ପାରିବେ।

# ବୃଦ୍ଧ ବାପା-ମା'ଙ୍କୁ ନ ପଚାରିଲେ ଦରମାର ୧୦% କାଟିବେ ସରକାର

**ନୂଆଦିଲ୍ଲୀ :** ଆଜିକାଲି ଆମେ ଯେତେ ଶୀଘ୍ର ଆଧୁନିକତାକୁ ଗ୍ରହଣ କରୁଛେ। ଅତୀତକୁ ସେତେ ଶୀଘ୍ର ଭୁଲି ଯାଉଛେ। ବାପା ମା' ଏହି ଦୁଇଟି କେବଳ ଶବ୍ଦ ନୁହେଁ। ଏହା ହେଉଛି ଜୀବନର ଅମୂଲ୍ୟ ରତ୍ନ। କିନ୍ତୁ ସରକାର କଲେ ନୂଆ ନିୟମ। ଏଥର ବାପା-ମାଆଙ୍କୁ ଅଣଦେଖା କଲେ କଟାଯିବ ଦରମା। ତେଲେଙ୍ଗାନା ସରକାର ଏନେଇ ଏକ ଆଇନ ପ୍ରଣୟନ କରିବେ। ତେବେ ଯେଉଁ କର୍ମଚାରୀମାନେ ପିତାମାତାଙ୍କ ଯତ୍ନ ନେଉ ନାହାଁନ୍ତି, ସେମାନଙ୍କ ଦରମାରୁ ୧୦% କାଟି ଦିଆଯିବ। ଏହି ଟଙ୍କା ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ। ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ସୋମବାର କହିଛନ୍ତି ଯେ ବୃଦ୍ଧ ପିତାମାତାଙ୍କ ଦ୍ୱାରା ସେମାନଙ୍କ ପୁଅମାନଙ୍କ ବିରୁଦ୍ଧରେ ଦାଖଲ କରାଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନିଆଯିବ ଏବଂ ଦରମାର ୧୦% ସିଧାସଳଖ ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯିବା ଉଚିତ। ସେ



ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ରେଟ୍ରୋଫିଟେଡ୍ ମୋଟରଯାନ, ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍, ବ୍ୟାଟେରୀ ଚାଳିତ ହ୍ୱିଲଚେୟାର, ଲାପଟପ୍, ଶ୍ରବଣ ଯନ୍ତ୍ର, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣ ମାଗଣାରେ ବଣ୍ଟନ ଆରମ୍ଭ କରିବା ସମୟରେ ଏହି ଘୋଷଣା କରିଥିଲେ। ଏହି ନୂତନ ଯୋଜନା ପାଇଁ ସରକାର ୫୦ କୋଟି ବ୍ୟୟବରାଦ କରିଛନ୍ତି। ସରକାର ବରିଷ୍ଠ ନାଗରିକଙ୍କ ପାଇଁ "ପ୍ରଣାମ" ନାମକ ଡେ-କେୟାର ସେଣ୍ଟର ମଧ୍ୟ ପ୍ରତିଷ୍ଠା କରୁଛନ୍ତି। ଏହା ସହ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ବିବାହ ପାଇଁ ୨ ଲକ୍ଷ ଖର୍ଚ୍ଚ କରିବା ଏବଂ ପ୍ରତ୍ୟେକ ପୌର ନିଗମରେ ଟ୍ରାନ୍ସଜେଣ୍ଡର ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି ଯେ, ୨୦୨୬-୨୦୨୭ ବଜେଟ୍ ପ୍ରସ୍ତାବରେ ଏକ ନୂତନ ସ୍ୱାସ୍ଥ୍ୟ ନୀତି ପ୍ରଚଳନ କରାଯିବ। ଅକ୍ଷମ ବ୍ୟକ୍ତିଙ୍କୁ ସଶକ୍ତ କରିବା ପାଇଁ, ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ସେମାନଙ୍କୁ ଶିକ୍ଷା ଏବଂ ନିଯୁକ୍ତିରେ ସ୍ୱତନ୍ତ୍ର କୋଟା ଦିଆଯାଇଛି। ସରକାର ପୂର୍ବରୁ ଘୋଷଣା କରିଛନ୍ତି ଯେ ନବ ବିବାହିତ ଭିନ୍ନକ୍ଷମ ବ୍ୟକ୍ତିମାନେ ୨ ଲକ୍ଷ ପାଇବେ। ସେ କହିଛନ୍ତି ଯେ ସରକାର ସମସ୍ତ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସୁଯୋଗ ପ୍ରଦାନ କରୁଛନ୍ତି, ଯାହା ଦ୍ୱାରା ସେମାନେ ଏହି ପ୍ରତିଯୋଗିତାମୂଳକ ଦୁନିଆରେ ପଛରେ ନପଡ଼ନ୍ତି, ଏବଂ ସେ ସେମାନଙ୍କୁ ଏହି ସୁଯୋଗର ସୁଯୋଗ ନେବାକୁ ଆହ୍ୱାନ କରିଛନ୍ତି। ଏଭଳି ଏକ ଘଟଣା ଶୁଣିବାକୁ ମିଳୁଛି ଯାହାକୁ ଶୁଣିଲେ ଆପଣ ବିଶ୍ୱାସ ମଧ୍ୟ କରିପାରିବେନି କିନ୍ତୁ କଥାଟା ସତ। ଉତ୍ତର ପ୍ରଦେଶର ଗୋରଖପୁରରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଦୁଇ ପିଲାଙ୍କ ବାପା ଲୁଚିକି ଲିଙ୍ଗ ପରିବର୍ତ୍ତନ କରି ମହିଳା ହୋଇଛନ୍ତି। ସାତ ବର୍ଷର ବିବାହ ପରେ ସ୍ତ୍ରୀ ଏହି ବିଷୟରେ ଜାଣିବାକୁ ପାଇ ତାଙ୍କ ପାଦ ତଳୁ ମାଟି ଖସି ଯାଇଛି। ବିନା ଦ୍ୱିଧାରେ ସେ ନ୍ୟାୟ ପାଇଁ କୋର୍ଟର ସାହାର ନେଇଛନ୍ତି । ସେ ଏହାକୁ ବିଶ୍ୱାସଘାତକତା ବୋଲି କହି ତାଙ୍କ ସ୍ୱାମୀଙ୍କଠାରୁ କ୍ଷତିପୂରଣ ଏବଂ ନ୍ୟାୟ ପାଇଁ ଆବେଦନ କରିଛନ୍ତି। ମାମଲାଟି ବାଂସଗାଁଓ ଅଞ୍ଚଳର। ପୀଡିତାଙ୍କ ଅନୁଯାୟୀ, ସେମାନଙ୍କର ବିବାହକୁ ପୂରିଛି ସାତ ବର୍ଷ। ସେମାନଙ୍କର ଦୁଇଟି ଝିଅ ଅଛି। ସେ ଅଭିଯୋଗ କରିଛନ୍ତି ଯେ, ଦିଲ୍ଲୀର ଏକ ଘରୋଇ କମ୍ପାନୀରେ ଉଚ୍ଚ ପଦବୀରେ ଥିବା ତାଙ୍କ ସ୍ୱାମୀ ପ୍ରାୟ ଦୁଇ ବର୍ଷ ପୂର୍ବରୁ ଲିଙ୍ଗ ପରିବର୍ତ୍ତନ କରିଛନ୍ତି। କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଷୟରେ ପରିବାରକୁ ଜଣାଇ ନାହାନ୍ତି। ଏହି ଆଶ୍ଚର୍ଯ୍ୟଜନକ ସତ୍ୟ ସେତେବେଳେ ସାମ୍ନାକୁ ଆସିଲା , ଯେତେବେଳେ ପତ୍ନୀଙ୍କ ହାତରେ ଡାକ୍ତରୀ କାଗଜପତ୍ର ଲାଗିଲା।



ବାଲି ଗାଡ଼ିକୁ ଘୋଡ଼ାଇବା ବାଧ୍ୟତାମୂଳକ

## ନିୟମ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ବାଲି ବୋଝେଇ ଗାଡ଼ିରେ ବାଲିକୁ ଘୋଡ଼ାଇ ରଖିବା ବାଧ୍ୟତାମୂଳକ କରାଯାଇଛି। ଜାତୀୟ ରାଜପଥରେ ବାଲି ଖସି ଦୁର୍ଘଟଣା ଘଟୁଥିବାରୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପରିବହନ କମିଶନର। ବାଲି ଘାଟରୁ ଗାଡ଼ି ବାହାରିବା ପୂର୍ବରୁ ବାଲି ଗାଡିକୁ ଭଲଭାବରେ ଘୋଡାଇ ନେବା ବାଧ୍ୟତାମୂଳକ। ଯଦି ଘୋଡା ଯାଇନଥିବ ତେବେ ତାକୁ ଅନୁମତି ମିଳିବ ନାହିଁ। ବାଲିଗୁଡିକୁ ଟାର୍ପୋଲିନ କିମ୍ବା ମୋଟା ପଲିଥିନରେ ଘୋଡ଼ାଇବାକୁ ପଡିବ। ଗାଡ଼ି ବାହାରିବା ପୂର୍ବରୁ ଘାଟରେ ଥିବା କର୍ମଚାରୀ, ସୁନିଶ୍ଚିତ କରିବେ ଯେ ବାଲି ଗାଡ଼ି ଘୋଡ଼ା ହୋଇଛି ନା ନାହିଁ। ପ୍ରତି ଲୋଡିଂ ପଏଣ୍ଟରେ ସିସିଟିଭି ଜରିଆରେ କଡ଼ା ଚେକିଂ କରାଯିବ। ନିୟମ ଉଲଂଘନ କଲେ ଓଏମଏମସି ନିୟମ ଅଧିନରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ରଦ୍ଦ ହେବ ବାଲି ଉଠାଣ ଅନୁମତି ସହ ଖାଦାନର ଲିଜ୍।

ଓବିସିଙ୍କ ପାଇଁ ମୋହନ ସରକାରଙ୍କ ବଡ଼ ନିଷ୍ପତ୍ତି

# ମେଡିକାଲ, ଇଞ୍ଜିନିୟରିଂରେ ମିଳିବ ୧୧.୨୫% ସଂରକ୍ଷଣ

**ଭୁବନେଶ୍ୱର :** ପଛୁଆବର୍ଗଙ୍କ ଦୀର୍ଘଦିନର ଦାବି ଉପରେ ଖୁବ୍‌ଶୀଘ୍ର ବାଜିବ ମୋହନ ସରକାରଙ୍କ ମୋହର। ଉଚ୍ଚଶିକ୍ଷା ପରେ ଏବେଠୁ ମେଡିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷାରେ ବି ମିଳିବ ସଂରକ୍ଷଣ। ଚଳିତବର୍ଷ ଠାରୁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ପାଇଁ ଯୋଜନା କରୁଛନ୍ତି ସରକାର। ବଡ଼ କଥା ହେଲା ମେଡିକାଲ ଏବଂ ଇଞ୍ଜିନିୟରିଂରେ ଏସ୍‌ସି-ଏସ୍‌ଟିଙ୍କୁ ମିଳିବ ଦୁଇଗୁଣା ସଂରକ୍ଷଣ। କିନ୍ତୁ ବିରୋଧୀଙ୍କ ଦାବି ଖାଲି ଶିକ୍ଷାରେ ନୁହେଁ ଓବିସିଙ୍କୁ ନିଯୁକ୍ତି କ୍ଷେତ୍ରରେ ବି ସଂରକ୍ଷଣ ଦିଅନ୍ତୁ ସରକାର। ଏପଟେ ପଛୁଆ ବର୍ଗ ମଞ୍ଚର ଦାବି ୧୧ ନୁହେଁ ୨୭ ପ୍ରତିଶତ ସଂରକ୍ଷଣ ଦିଅନ୍ତୁ ସରକାର। ରାଜ୍ୟ ସରକାରଙ୍କୁ ଏଭଳି ପ୍ରସ୍ତାବ ଦେଇଛି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ନୀତି ନିର୍ଦ୍ଧାରଣ କମିଟି। ଆଉ ଏ ପ୍ରସ୍ତାବକୁ ଚଳିତ ଶିକ୍ଷାବର୍ଷରୁ ଲାଗୁ ପାଇଁ ଯୋଜନା ବି ଆରମ୍ଭ କରିଦେଇଛନ୍ତି ରାଜ୍ୟ ସରକାର। ପ୍ରସ୍ତାବ ଅନୁସାରେ ଓବିସି ପାଇଁ ମେଡିକାଲ ଏବଂ ଇଞ୍ଜିନିୟରିଂରେ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ। ଆଉ ଏକ ବଡ଼ ପ୍ରସ୍ତାବ ହେଉଛି ଏସ୍‌ସି-ଏସ୍‌ଟିଙ୍କ ପାଇଁ ଥିବା ସଂରକ୍ଷିତ ସିଟ୍ ଦୁଇ ଗୁଣା କରାଯିବ। ଅର୍ଥାତ୍ ଅନୁସୂଚିତ ଜାତି ସଂରକ୍ଷଣକୁ ୮%ରୁ ୧୬.୨୫% ଏବଂ ଅନୁସୂଚିତ ଜନଜାତି ସଂରକ୍ଷଣକୁ ୧୨%ରୁ ୨୨.୫୦%କୁ ବୃଦ୍ଧି କରାଯିବ। ନିଯୁକ୍ତି ବେଳେ ଥିବା ସଂରକ୍ଷଣ ଅନୁପାତ ଅଧିକ ରହୁଥିବାରୁ ଉଚ୍ଚଶିକ୍ଷାରେ ସଂରକ୍ଷଣକୁ ବଢାଇବାକୁ ଏପରି ନିଷ୍ପତ୍ତି ନିଆଯାଇଛି। କମିଟିର ଏହି ନିଷ୍ପତ୍ତିକୁ ରାଜ୍ୟ ସରକାର ଗ୍ରହଣ କରି ଚଳିତ ବର୍ଷ ଠାରୁ ଲାଗୁ କରିବେ




ବୋଲି ସୂଚନା ଦେଇଛନ୍ତି କମିଟିର ସଦସ୍ୟ ବିଧାୟକ ସନ୍ତୋଷ ଖଟୁଆ। କିନ୍ତୁ ବିରୋଧୀଙ୍କ ଯୁକ୍ତି ଖାଲି ଶିକ୍ଷା ନୁହେଁ ନିଯୁକ୍ତିରେ ବି ମିଳୁ ଓବିସିଙ୍କୁ ସଂରକ୍ଷଣ। ଶିକ୍ଷା ଏବଂ ନିଯୁକ୍ତିରେ ଓବିସିଙ୍କୁ ସଂରକ୍ଷଣ ନେଇ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ନୂଆ ସରକାର ଆସିବା ପରେ ଉଚ୍ଚ ଶିକ୍ଷା ବା କେବଳ ୟୁଜି ଏବଂ ପିଜିରେ ଓବିସିଙ୍କୁ ସଂରକ୍ଷଣ ନେଇ ମେ ୧୪, ୨୦୨୫ରେ ହୋଇଥିଲା କ୍ୟାବିନେଟ ନିଷ୍ପତ୍ତି। କିନ୍ତୁ ପରେ ମେଡିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷାରେ ମଧ୍ୟ ସଂରକ୍ଷଣ ନେଇ ଦାବି ଉଠିଥିଲା। ଯାହାକୁ ଚଳିତ ବର୍ଷଠାରୁ ଲାଗୁ କରିବାକୁ ଯାଉଛନ୍ତି ସରକାର। ତେବେ ରାଜ୍ୟ ପଛୁଆ ବର୍ଗ ମଞ୍ଚ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ବି ଓବିସିଙ୍କ ପାଇଁ ସଂରକ୍ଷଣ ପ୍ରତିଶତକୁ ୨୭କୁ ବଢ଼ାଇବାକୁ ଦାବି କରିଛି। ବଡ଼ କଥା ହେଉଛି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ପାଇଁ କମିଟି ଦେଇଥିବା କାର୍ଯ୍ୟସୂଚୀରେ ମୋହର ମାରିଛନ୍ତି ସରକାର। ଆଉ ନୀତି ନିର୍ଦ୍ଧାରଣ କମିଟିର ସଂରକ୍ଷଣ ନିଷ୍ପତ୍ତିକୁ ବି ଖୁବଶୀଘ୍ର କ୍ୟାବିନେଟ ଅନୁମୋଦନ କରାଇ ସରକାର ଲାଗୁ କରିପାରନ୍ତି।

ସବୁ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ଚିଠି

## ଓଡ଼ିଆରେ ସରକାରୀ କାମ

**ଭୁବନେଶ୍ୱର :** ଏଣିକି ଆଉ ଇଂରାଜୀ ଚଳିବନି, ଓଡ଼ିଆରେ ହେବ ସବୁ ସରକାରୀ କାମ। ସରକାରୀ କାର୍ଯ୍ୟାଳୟରେ 'ଓଡ଼ିଆ' ହେବ ବାଧ୍ୟତାମୂଳକ। ଏହି ନିୟମ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ସରକାରୀ ଅଫିସରେ କଡ଼ାକଡ଼ି ଲାଗୁ ହେବ। ସମସ୍ତ ବିଜ୍ଞପ୍ତି, ପତ୍ର ବିନିମୟ ଓଡ଼ିଆ ଭାଷାରେ ହେବ। ନିୟମ ଖିଲାପ କଲେ ଅଧିକାରୀଙ୍କ ବିରୋଧରେ ହେବ ନୋଟିସ୍। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ଅଧିକାରୀ ଏହାର ଖିଲାପ କରିବେ, ତାଙ୍କୁ ଏହି ବିଷୟରେ ତାଗିଦ କରାଯିବ ଓ ଆବଶ୍ୟକ ହେଲେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଅଧସ୍ତନ କାର୍ଯ୍ୟାଳୟ, ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଅନୁଷ୍ଠାନ ଯେପରିକି ବିଭିନ୍ନ ନିଗମ, ପୌର ସଂସ୍ଥା ଓ ସ୍ୱୟଂ ଚାଳିତ ସଂସ୍ଥା ଇତ୍ୟାଦି ଏହି ନିର୍ଦ୍ଦେଶକୁ ପାଳନ କରିବେ। ସୂଚନାନୁଯାୟୀ ପ୍ରଶାସନିକ ଭାଷାକୋଷକୁ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଉପଲବ୍ଧ କରାଯିବ। ଏଥିପାଇଁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ରାଜ୍ୟର ସମସ୍ତ ବିଭାଗ, ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର ସମସ୍ତ ଜିଲ୍ଲାପାଳଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ଚିଠି ଲେଖିଛନ୍ତି। ସମସ୍ତ ବିଭାଗ, ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ। ନିଗମ, ପୌର ସଂସ୍ଥା ଓ ସ୍ୱୟଂ ଚାଳିତ ସଂସ୍ଥା ନିର୍ଦ୍ଦେଶକୁ ପାଳନ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆବଶ୍ୟକ ପଦକ୍ଷେପ ନେବ। ଖିଲାପ କଲେ ତାଗିଦ ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବ। ସବୁ ସରକାରୀ ଅଫିସରେ ଓଡ଼ିଆରେ ସବୁ କାର୍ଯ୍ୟ କରାଯିବ। ଏନେଇ କଡ଼ାକଡ଼ି ଭାବରେ ନିୟମ ପାଳନ କରିବାକୁ ହେବ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ କାମ କରାଯିବ। ସରକାରୀ କାର୍ଯ୍ୟାଳୟରୁ ପ୍ରକାଶ ପାଉଥିବା ସମସ୍ତ ନୋଟିସ୍, ବିଜ୍ଞପ୍ତି, ପତ୍ର ବିନିମୟ ଏସବୁ ଓଡ଼ିଆ ଭାଷାରେ ହିଁ ହେବ।

ଯାତ୍ରୀ ପରିବହନରେ ଭୁବନେଶ୍ୱର ବିମାନବନ୍ଦରର ସର୍ବକାଳୀନ ରେକର୍ଡ

## ୨୦୨୫ରେ ଯାତ୍ରା କରିଛନ୍ତି ୫.୧୫ ମିଲିୟନ୍

**ଭୁବନେଶ୍ୱର :** ପୁରୁଣା ବର୍ଷରେ ନୂଆ ରେକର୍ଡ। ସର୍ବକାଳୀନ ରେକର୍ଡ କଲା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର। ଯାତ୍ରୀ ପରିବହନରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ନୂଆ ରେକର୍ଡ କରିଛି। ୨୦୨୫ ବର୍ଷରେ ଭୁବନେଶ୍ୱର ବିମାନବନ୍ଦରରେ ୫.୧୫ ମିଲିୟନ୍ ଯାତ୍ରୀ ଯାତାୟାତ କରିଛନ୍ତି। ଅର୍ଥାତ୍ ପ୍ରଥମଥର ପାଇଁ ଗୋଟିଏ ବର୍ଷରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୫୦ ଲକ୍ଷରୁ ଅଧିକ ଯାତ୍ର ଯାତାୟାତ କରିଛନ୍ତି। ଯାହାକି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ନୂଆ ଉପଲବ୍ଧି ଆଣି ଦେଇଛି। ଯାହାକୁ ନେଇ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ପ୍ରଥମଥର ପାଇଁ ଆମେ ଏଭଳି ସଫଳତା ପାଇଛୁ। ୨୦୨୫ରେ ୫.୧୫ ମିଲିୟନ୍ ଯାତ୍ରୀ ଭୁବନେଶ୍ୱର ବିମାନବନ୍ଦର ଦେଇ ଯାତାୟାତ କରିଛନ୍ତି। ସର୍ବାଧିକ ଯାତ୍ରୀ ଯାତାୟାତରେ ଭୁବନେଶ୍ୱର ବିମାନବନ୍ଦର ଦେଶରେ ୧୩ତମ ସ୍ଥାନରେ ରହିଛି। ସେ ଆହୁରି କହିଛନ୍ତି,



୨୦୨୫ରେ କୁହୁଡ଼ି ଯୋଗୁଁ ଭୁବନେଶ୍ୱର ବିମାନବନ୍ଦରରେ ବିମାନ ସେବା ପ୍ରଭାବିତ ହୋଇଥିଲା। ୨ ଦିନ ବିମାନ ସେବା ପ୍ରଭାବିତ ହୋଇ ବିଳମ୍ବିତ ହୋଇଥିଲା। ସେ ସମୟରେ ଆମେ ଏକାଠି କାର୍ଯ୍ୟ କରି ସମସ୍ୟାର ସମାଧାନ କରିଥିଲୁ। କୁହୁଡ଼ି ଉପରେ ନଜର ରଖି କାର୍ଯ୍ୟ କରୁଛୁ, ଯାତ୍ରୀଙ୍କୁ କୌଣସି ଅସୁବିଧା ହେବ ନାହିଁ। ଏବେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ୨୮ଟି ସ୍ଥାନକୁ ବିମାନ ଉଡ଼ାଣ କରୁଛି। ଅଧିକ ସ୍ଥାନକୁ ଭୁବନେଶ୍ୱରରରୁ ବିମାନ ଉଡ଼ାଣ କଲେ ଯାତ୍ରୀ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କହିଛନ୍ତି ବିଜୁ ପଟ୍ଟନାୟକ ବିମାନବନ୍ଦରର ନିର୍ଦ୍ଦେଶକ।

ଆମିଷ ଦୋକାନୀଙ୍କ ପାଇଁ ଗାଇଡ୍‌ଲାଇନ୍

# ଆମିଷ ବର୍ଜ୍ୟ ଏଣେତେଣେ ପକାଇଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ଜନସ୍ୱାସ୍ଥ୍ୟ, ପରିବେଶ ପରିମଳ ଏବଂ ବିମାନ ଚଳାଚଳ ଆଦିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆମିଷ ବର୍ଜ୍ୟ ପରିଚାଳନାକୁ କଡ଼ାକଡ଼ି କରାଯାଇଛି। ମାଛ, ମାଂସ, କୁକୁଡ଼ା ଦୋକାନ, କଂସେଇଖାନା ଆଦିରୁ ବାହାରୁଥିବା ବର୍ଜ୍ୟ ଏଣେତେଣେ ପକାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଥିବାବେଳେ ଫେବୃଆରୀ ୧ରୁ ଚଢ଼ାଉ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ବିଏମ୍‌ସିର ସୂଚନାନୁସାରେ, ପ୍ରତ୍ୟେକ ମାଛ, ମାଂସ, ଅଣ୍ଡା ଦୋକାନ ଓ କଂସେଇଖାନା ପରିସରରେ ଆମିଷ ବର୍ଜ୍ୟ ସଂରକ୍ଷଣ କରିବା ବାଧ୍ୟତାମୂଳକ। ବର୍ଜ୍ୟଗୁଡ଼ିକୁ ଖୋଲାପାତ୍ର, ବାସ୍କେଟ୍ କିମ୍ବା ଅନାବୃତ ପାତ୍ରରେ ରଖାଯିବ ନାହିଁ। ସେହିପରି ରାସ୍ତା, ନାଳ, ଖୋଲାସ୍ଥାନ, ଜଳାଶୟ କିମ୍ବା ପଡ଼ିଆ ଜମିରେ ଆମିଷ ବର୍ଜ୍ୟ ନିଷ୍କାସନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ସର୍ବନିମ୍ନ ୧୨୦



ମାଇକ୍ରୋନ୍ ମୋଟା ଜୈବ ବିଘଟନଯୋଗ୍ୟ ଆବର୍ଜନା ବ୍ୟାଗରେ ଏସବୁକୁ ସଂରକ୍ଷଣ କରି ରଖିବା ସହ କେବଳ ବିଏମ୍‌ସି ସଫେଇ ଗାଡ଼ିକୁ ହସ୍ତାନ୍ତର କରାଯିବ। ଏହାଦ୍ୱାରା ଏହାକୁ ବିଜ୍ଞାନସମ୍ମତ ସଂଗ୍ରହ ଓ ନିଷ୍କାସନ କରାଯାଇପାରିବ। ଆମିଷ ବ୍ୟବସାୟୀମାନେ ଆସନ୍ତା ଫେବୃଆରୀ ୧ ସୁଦ୍ଧା ଉପରୋକ୍ତ ନିର୍ଦ୍ଦେଶାବଳୀ କଡ଼ାକଡ଼ି ଅନୁପାଳନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଅମାନ୍ୟ କଲେ କଠିନ ବର୍ଜ୍ୟ ପରିଚାଳନା ନିୟମ, ୨୦୧୬ ପୌରପାଳିକା ଅଧିନିୟମ ଏବଂ ପ୍ରଯୁଜ୍ୟ ସୁରକ୍ଷିତ ବିମାନ ଚଳାଚଳ ନିୟମ ଅନୁଯାୟୀ ସମ୍ପୃକ୍ତ ଉଲ୍ଲଘଂନକାରୀଙ୍କ ବିରୋଧରେ ବିଭିନ୍ନ ପଦକ୍ଷେପ ଭାବେ ବାଣିଜ୍ୟ ଲାଇସେନ୍ସ ରଦ୍ଦ କରିବା, ଦୋକାନ ବନ୍ଦ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆଦି ଗ୍ରହଣ କରାଯିବ। ବିଏମ୍ସିର ଜୋନାଲ କମିଶନର, ସ୍ୱାସ୍ଥ୍ୟ ଅଧିକାରୀ, ସାନିଟାରୀ ଇନ୍ସପେକ୍ଟର ଏବଂ ପ୍ରବର୍ତ୍ତନ ଟିମ୍ ୟୁନିଟ-୧, ୟୁନିଟ୍-୪ ଏବଂ ଅନ୍ୟାନ୍ୟ ସଂପୃକ୍ତ ବଜାର ଅଞ୍ଚଳଗୁଡ଼ିକରେ ବିଶେଷ ଧ୍ୟାନ ଦେଇ କଠୋର ତଦାରଖ, ବ୍ୟାପକ ପ୍ରଚାର ଓ ଏହି ଆଦେଶର ଉପଯୁକ୍ତ କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ କୁହାଯାଇଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ଆମିଷ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିବହନ, ପରିଚାଳନା ଓ ନିଷ୍କାସନ ପାଇଁ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି। ଏହାଦ୍ୱାରା ପକ୍ଷୀମାନଙ୍କର ସମାବେଶ ହେଉଛି। ଫଳରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ବିମାନ ଚଳାଚଳ ସମୟରେ ପକ୍ଷୀ ମାଡ଼ ହୋଇ ଗୁରୁତର ବିପଦ ସୃଷ୍ଟି କରିବାର ସମ୍ଭାବନା ରହୁଛି।

## ରଥଯାତ୍ରା-୨୦୨୬ ପାଇଁ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର :** ରଥଯାତ୍ରା ୨୦୨୬କୁ ନେଇ ମୁଖ୍ୟ ଶାସନ ସଚିବଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୬ମାସ ପୂର୍ବରୁ ସବୁ ବିଭାଗକୁ ପ୍ରସ୍ତୁତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ପ୍ରତି ମାସ ସମୀକ୍ଷା ହେବ ରଥ ଯାତ୍ରା ପ୍ରସ୍ତୁତି। ବିଗତ ଦିନରେ ହୋଇଥିବା ତ୍ରୁଟିକୁ ଚିହ୍ନଟ ସହ କେମିତି ସୁଧାରି ହେବ ଏବଂ ଆଉ କଣ ଆବଶ୍ୟକୀୟ ପଦକ୍ଷେପ ହାତକୁ ନିଆଯିବ ସେନେଇ ରିପୋର୍ଟରେ ଉଲ୍ଲେଖ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ, ପିଇବା ପାଣି, କ୍ୱାଲିଟି ମନିଟର, ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଭିଡ଼ ପରିଚାଳନା, ଟ୍ରାଫିକ ସମସ୍ୟା ନେଇ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ପୋଲିସ ଡିଜି, ଅଗ୍ନିଶମ ବିଭାଗ ଡିଜିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଏକାଧିକ ବିଭାଗର ସଚିବ ଉପସ୍ଥିତ ଥିଲେ।

# 'ଫକୀର ମୋହନ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ'

**ଭୁବନେଶ୍ୱର :** ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ଅମିୟ ପଟ୍ଟନାୟକ ଫକୀର ମୋହନଙ୍କୁ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ ବୋଲି କହିବା ସହ ସାମାଜିକ ବ୍ୟବସ୍ଥାରେ ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଅଦମ୍ୟ ଚେଷ୍ଟା ତାଙ୍କୁ କାଳଜୟୀ କରିଛି ବୋଲି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟ ଅଧୀନ ସେଣ୍ଟର୍ ଫର୍ ଜୁଡ଼ିଶିଆଲ ଆର୍କାଇଭସ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ଲଲାଟେନ୍ଦୁ



ଦାସ ମହାପାତ୍ର, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ସଭାପତି ଜୀବନ କୁମାର ମହାପାତ୍ର, ସମ୍ପାଦକ ଅଜୟ ମହାନ୍ତି, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ଟେକ୍ନିକାଲ) ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡଃ ପଟ୍ଟନାୟକ ଫକୀରମୋହନ ସେନାପତିଙ୍କ ଲେଖନୀକୁ ସମୃଦ୍ଧ ଓଡ଼ିଶାର ଲେଖନୀ ବୋଲି ଅଭିବ୍ୟକ୍ତି ରଖିଛନ୍ତି। ଫକୀରମୋହନଙ୍କ ଅଭିନବ ଗଦ୍ୟଶୈଳୀ, କଥାସାହିତ୍ୟ ଓ କାଳ୍ପନିକ ଚରିତ୍ରଗୁଡ଼ିକ ଥିଲା ଅନନ୍ୟ। ଭାଷା ଆନ୍ଦୋଳନର କର୍ଣ୍ଣଧାର, ଓଡ଼ିଆ ପାଠ୍ୟପୁସ୍ତକର ପ୍ରଣେତା, ସମ୍ବାଦପତ୍ର ପ୍ରକାଶନ, ସଂଗଠନ, ଛାପାଖାନା ପ୍ରତିଷ୍ଠା, ଅନୁବାଦ ଏବଂ ସାମ୍ବାଦିକତା ଆଦି କ୍ଷେତ୍ରରେ ସେ ନିଜର ଅବଦାନ ପ୍ରକଟ କରିଯାଇଛନ୍ତି। ଫକୀର ମୋହନଙ୍କୁ ଓଡ଼ିଆ ଭାଷାସାହିତ୍ୟର ଜନକ, କଥାସମ୍ରାଟ, ବ୍ୟାସକବି ଭାବେ ସମ୍ମାନ ଦିଆଯାଇଛି ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଡଃ ମହାପାତ୍ର କହିଛନ୍ତି, ଓଡ଼ିଆ ଭାଷା ସାହିତ୍ୟର ପରମ ବିନ୍ଧାଣୀ, ଆଧୁନିକ ଓଡ଼ିଆ ସାହିତ୍ୟର ଅଗ୍ରଦୂତ ବ୍ୟାସକବି ଫକୀରମୋହନ ଓଡ଼ିଆ ସାହିତ୍ୟରେ ଏକ ବିରଳ ଦୃଷ୍ଟାନ୍ତ ଥିଲେ। ଓଡ଼ିଆ ମାଟି, ଓଡ଼ିଆ ଜାତି ଓ ମାତୃଭୂମି ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ ଆଜି ମାତୃଭାଷାର ଗୁରୁତ୍ୱ ବଢିଛି। ଦୈନନ୍ଦିନ ସମାଜ ବ୍ୟବସ୍ଥାକୁ ସେ ତାଙ୍କ ଲେଖନୀ ମୁନରେ ପରିସ୍ଫୁଟନ କରି ଜଣେ ସମାଜ ସୁଧାରକ ଭାବେ ନିଜର ଯଶ ଓ କୀର୍ତ୍ତି ରଖି ଯାଇଛନ୍ତି। ଫକୀରମୋହନଙ୍କ ସାହିତ୍ୟସୃଷ୍ଟି ଆଜି ଭାରତର ବିଭିନ୍ନ ଭାଷାରେ ଅନୂଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି।

## ଓଡ଼ିଶାରେ ବଢ଼ିବ ବିଧାୟକଙ୍କ ସଂଖ୍ୟା



**ଭୁବନେଶ୍ୱର :** ଓଡ଼ିଶାରେ ବଢ଼ିପାରେ ନିର୍ବାଚନମଣ୍ଡଳୀ ସଂଖ୍ୟା। ସୀମା ପୁନଃନିର୍ଦ୍ଧାରଣ ପୂର୍ବରୁ ମୁଖ୍ୟମନ୍ତ୍ରୀ ଦେଲେ ସଂକେତ। ୧୪୭ ବିଧାୟକଙ୍କ ପରିବର୍ତ୍ତେ ବିଧାନସଭାରେ ବସିବେ ପ୍ରାୟ ୨୦୦ ବିଧାୟକ। ୭୧ ଏକର ଜାଗାରେ ଛିଡ଼ା ହେବ ନୂଆ ବିଧାନସଭା ଓ ଲୋକସେବା ଭବନ। ୩୦୦ ଆସନ ବିଶିଷ୍ଟ ନୂଆ ବିଧାନସଭା ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ। ବିଧାନସଭା ହେଉଛି ରାଜ୍ୟ ରାଜନୀତିର ଏନ୍ତୁଡ଼ି ଶାଳ। ଦୀର୍ଘ ବର୍ଷ ତଳେ ନିର୍ମାଣ ହୋଇଥିବା ସେହି ବିଧାନସଭା କୋଠାକୁ ନୂଆ ରୂପ ଦେବାକୁ ଯାଉଛନ୍ତି ରାଜ୍ୟ ସରକାର। ବର୍ତ୍ତମାନ ଯେମିତି ଅବସ୍ଥାରେ ଲୋକେ ତାକୁ ଦେଖୁଛନ୍ତି, ତାହା ଆଗାମୀ ଦୁଇ ବର୍ଷ ପରେ କିଛି ଭିନ୍ନ ଦେଖାଯିବ। ଆଗକୁ ହେବାକୁ ଯାଉଛି ସୀମା ପୁନଃ ନିର୍ଧାରଣ। ରାଜ୍ୟରେ ପ୍ରାୟ ୫୦ ନୂତନ ବିଧାନସଭା ନିର୍ବାଚନ ମଣ୍ଡଳୀ ସୃଷ୍ଟି ହୋଇପାରେ। ନୂତନ ଓଡ଼ିଶା ବିଧାନସଭା ଦେଖିପାରେ ଅଧିକ ୫୦ ବିଧାୟକ। ବର୍ତ୍ତମାନ ରାଜ୍ୟରେ ୧୪୭ ନିର୍ବାଚନ ମଣ୍ଡଳୀ ଥିବା ବେଳେ ଆଗକୁ ସୀମା ପୁନଃ ନିର୍ଧାରଣ ପରେ ନିର୍ବାଚନ ମଣ୍ଡଳୀ ସଂଖ୍ୟା ୨୦୦ ଛୁଇଁବ। ନୂତନ ବିଧାନସଭା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ବେଳେ ଏମିତି କିଛି ସଂକେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ସଂକେତ ପରେ ରାଜ୍ୟ ରାଜ୍ୟନୀତି ବେଶ ସରଗରମ ହୋଇଛି। ସେପଟେ ୬୮ ବର୍ଷ ଧରି ରାଜଧାନୀରେ ଛିଡ଼ା ହୋଇଥିବା ଲୋକସେବା ଭବନକୁ ନୂଆ ରୂପ ଦେବେ ସରକାର। ଜାନୁଆରୀ, ୧୯୫୬ରେ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୧୯୫୯ରେ ଶେଷ ହୋଇଥିଲା ଲୋକସେବା ଭବନ। ସେହି କୋଠା ପାଇଁ ସେତେବେଳେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ରାଜ୍ୟ ସରକାରଙ୍କ ୪୧ଟି ବିଭାଗ ରହିଥିବା ବେଳେ ୩ ମହଲା ବିଶିଷ୍ଟ ଲୋକସେବା ଭବନ ରହିଛି। ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ। ଦ୍ୱିତୀୟ ମହଲାରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଏବଂ ପ୍ରଥମ ମହଲାରେ ରାଷ୍ଟ୍ରମନ୍ତ୍ରୀଙ୍କ ପାଇଁ ପ୍ରକୋଷ୍ଠ ରହିଛି। ସରକାରରେ କର୍ମଚାରୀଙ୍କ ବୃଦ୍ଧି, କାର୍ଯ୍ୟଭାର ସହ ନୂଆ ଟେକନୋଲୋଜିର ବ୍ୟବହାର ପାଇଁ ଆବଶ୍ୟକ ପଡୁଛି କୋଠା। ନୂଆ ଲୋକସେବା ଭବନ ପାଇଁ ପାୱାର ହାଉସ ଛକକୁ ମିଶାଇ ଲୋକସେବା ଭବନର ସୀମା ବୃଦ୍ଧି କରିବା ସହ ତଳେ ରାସ୍ତା ଓ ପାର୍କିଂ ପାଇଁ ସରକାର ପ୍ଲାନ କରୁଥିବା କୁହାଯାଉଛି।

ପ୍ରମୁଖ ସଚିବଙ୍କ ଆଧକ୍ଷତାରେ ଆମ ବସ୍ ସେବା ସମ୍ପର୍କିତ ଗଠିତ ଉଚ୍ଚସ୍ତରୀୟ କମିଟି ବୈଠକ

# ଚାଳକମାନଙ୍କ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର :** ଆମ ବସ୍ ସେବା ସମ୍ପର୍କିତ ଗଠିତ ଉଚ୍ଚସ୍ତରୀୟ କମିଟି କ୍ରୁଟ୍ କାର୍ଯ୍ୟାଳୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଆଧକ୍ଷତାରେ ଅନୁଷ୍ଠିତ ହୋଇ ଭାରି ଯାନ ଚଳାଚଳ ଦ୍ୱାରା ସଡ଼କବ୍ୟବହାକାରୀଙ୍କ ସୁରକ୍ଷା, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଏବଂ ଚାଳକମାନଙ୍କ ସାମଗ୍ରୀକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ ପରିବହନ କମିଶନର ଅମିତାଭ ଠାକୁର, ଏମଡି କ୍ରୁଟ୍ ସଞ୍ଜୟ ବିଶ୍ୱାଳ, ଡିସିପି, କମିଶନରେଟ୍ ପୁଲିସ୍, ଟ୍ରାଫିକ ଡ଼ିସିପି ଏବଂ ଜିଏମ୍ କ୍ରୁଟ୍ ପ୍ରମୁଖ ଉପସ୍ଥିତ ଥିଲେ। ଜାନୁଆରୀ ମାସର ପ୍ରଥମ ଦୁଇ ସପ୍ତାହରେ ଆମ ବସ୍ ଗୁଡ଼ିକର ସ୍ପିଡ୍ ଲିମିଟ୍ ର ଅନୁଧାନ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା । କୌଣସି ଆମ ବସ୍ ଏହି ନୀୟମ ଭଙ୍ଗ କରିଥିବାର ନଜିର୍ ଆସିନାହିଁ। ବସ



ଷ୍ଟପ ମାନଙ୍କରେ ଆମ ବସ ରହଣି ଉପରେ ମଧ୍ୟ ଆଲୋଚନା ହୋଇଛି। ଡ୍ରାଇଭିଂ ଟ୍ରେନିଙ୍ଗ ସ୍କୁଲ (ଆଇଡିଟିଆଁ) କୁ ମଧ୍ୟ ଇ-ବସ୍ ପ୍ରଦାନ କରାଯିବ। ଦୈନିକ ୧୮୦ କିମି ପର୍ଯ୍ୟନ୍ତ ଟ୍ରେନିଙ୍ଗ ସ୍କୁଲ ପରିସର ମଧ୍ୟରେ ଚାଳକମାନେ ଡ୍ରାଇଭିଂ ଟ୍ରେନିଙ୍ଗ ନେଇପାରିବେ। ଏନେଇ ଆବଶ୍ୟକୀୟ ଥିବା ମଲ୍ଟି ଚାର୍ଜିଂ ଇନ୍‌ଫ୍ରା ଛତିଆ, ବ୍ରହ୍ମପୁର ଏବଂ ବଣାଇ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବାର ଯୋଜନା କରାଯାଇଛି। ଯାହାଦ୍ୱାରା ସରକାରୀ ଯାନ ସହିତ ବେସରକାରୀ ଯାନଗୁଡ଼ିକର ଚାର୍ଜିଂ ସୁବିଧା ରହିବ। ଚାରିଚକିଆ ଇଭି ଯାନଗୁଡ଼ିକୁ ମଧ୍ୟ ଚାର୍ଜିଂ କରିବାର ସୁବିଧା ପାଇପାରିବେ ଜନସାଧାରଣ। ଜାନୁଆରୀ ୨୬ରୁ ଲାଗୁହେବ କ୍ୟାପଟେନ ଓ ଗାଇଡମାନଙ୍କ ନିମନ୍ତେ ପ୍ରୋତ୍ସାହନ ରାଶି। ଚାଳକଙ୍କ ସୁରକ୍ଷିତ ଗାଡ଼ି ଚାଳନା ଓ ବିଭିନ୍ନ ଦିଗରୁ ସେମାନଙ୍କ କାର୍ଯ୍ୟକୁ ମୂଲ୍ୟାଙ୍କନ କରି ତିନିମାସରେ ଥରେ ପ୍ରଦାନ କରାଯିବ ଏହି ରାଶି। ଫେବୃୟାରୀରୁ ଆରମ୍ଭ ହେବ ଆମ ବସ୍ ରୁଟରେ ଜନ ସାଧାରଣଙ୍କ ସହଭାଗିତା, ସାମାଜିକ ଗଣମାଧ୍ୟମରୁ ସାଧାରଣ ଯାତ୍ରୀଙ୍କଠୁ ମଗାହେବ ରୁଟ୍ ପରିବର୍ତ୍ତନ ଉପରେ ମତାମତ। ସେପରି ସୁବାହକ ଟ୍ରେନିଙ୍ଗର ସମୟ ସୀମା ତିନି ଦିନରୁ ପାଞ୍ଚ ଦିନକୁ ବୃଦ୍ଧି କରାଯାଇଛି। ଯାହାଦ୍ୱାରା ଚାଳକମାନେ ଅଧିକ ସମୟ ଓ ଅଧିକ ଦୂରତା ପର୍ଯ୍ୟନ୍ତ ଭାରି ମୋଟର ଯାନ ଚାଳନା ଟ୍ରେନିଂ ଗ୍ରହଣ କରିପାରିବେ। ସେଥିରେ ସାଇକୋମାଟ୍ରିକ ପରୀକ୍ଷା, ଇନ୍ ରିଟର୍ସ, ଲେନ ଡ୍ରାଇଭିଂ, ଚାଳକ ମାନଙ୍କର ନିଜସ୍ୱ ମୂଲ୍ୟାଙ୍କନ ଉପରେ ଅଧିକ ଧ୍ୟାନ ଦିଆଯିବ। ସେପରି ଇ-ବସ୍ ଚାଳନା ପ୍ରଶିକ୍ଷଣ ନିମନ୍ତେ ଟ୍ରେନିଙ୍ଗ ସ୍କୁଲ୍ ମାନଙ୍କରେ ସିମୁଲେଟର୍ ବ୍ୟବସ୍ଥା କରାଯିବ। ଯାତ୍ରୀ ମାନଙ୍କ ସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଦେଢ଼ ଲକ୍ଷରୁ ଅଧିକ କିଲୋମିଟର ଚଳାଚଳ ହୋଇସାରିଥିବା ପୁରୁଣା ବିପିଟିସିଏଲ୍‌ର ୩୦ଟି ପୁରୁଣା ବସ୍ ଗୁଡ଼ିକୁ ସ୍କ୍ରାପିଂ କରାଯିବ। ଏହା ବଦଳରେ କଟକ ଓ ଭୁବନେଶ୍ୱରରେ ରାସ୍ତାକୁ ଦେଖି ଛୋଟ ଇ-ବସ୍ ଜନ ସାଧାରଣଙ୍କ ନିମନ୍ତେ ଯୋଡ଼ିହେବ। ପ୍ରକାଶ ଥାଉକି ଆମ ବସ ଦୁର୍ଘଟଣାକୁ ଦୃଷ୍ଟିରେ ରାଖୀ ପ୍ରମୁଖ ସଚିବ ଶ୍ରୀମତୀ ପାଢୀଙ୍କ ଆଧକ୍ଷତାରେ ଏକ ଉଚ ସ୍ତରୀୟ କମିଟୀ ଗଠନ କରାଯାଇ ପ୍ରତି ୧୫ ଦିନରେ ଆମବସ ଚଳାଚଳ ସମ୍ପର୍କରେ ସମୀକ୍ଷା କରାଯିବା ନିମନ୍ତେ ନିଷ୍ପତି ଅନୁଯାଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ ଜାନୁଆରୀ - ୨୫ ଜାନୁଆରୀ, ୨୦୨୬


# ଦିନ ଅଳ୍ପ, ଅଧିକ ଗଳ୍ପ



ସମ୍ପାଦକୀୟ

ତାରକ ମହାନ୍ତି

ଯେଭଳି କୁହାଯାଏ କୁହାମୁଣ୍ଡା କପିଳା, ଗାଲୁଆଙ୍କ ବାରବାଟୀ ଚାଷ ଏବଂ ଏଭଳି ଅନେକେ ଫିଶାଦିଆ କାହାଣୀ। ବାସ୍ତବରେ ଓଡ଼ିଶାର ଡବଲ ଇଂଜିନ ସରକାର ସେହି ଦିଗରେ ଗତି କରୁଛି। ଘଡ଼ ଘଡି ବିଜୁଳି ଢେର ବର୍ଷା ନାହିଁ। ସୁନାମ ଅର୍ଜନ ପାଇଁ ଯୁଗଟିଏ ବିତିଯାଇପାରେ, ହେଲେ ଦୁର୍ନାମ ପାଇଁ ମାତ୍ର ଗୋଟିଏ କ୍ଷଣ ହିଁ ଯଥେଷ୍ଟ। ୨୪ବର୍ଷର ନବୀନ ପଟ୍ଟନାୟକଙ୍କ ସରକାର ଏବଂ ଦୁଇ ବର୍ଷ ପୂରଣ କରିନଥିବା ମୋହନ ମାଝୀଙ୍କ ସରକାର ପାଇଁ ଏହା ବେଶ ଦରକାରୀ ବୋଲି ବିଚାର କରୁଛି। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ସେମାନେ ପ୍ରଥମ ଦିନରୁ ହିଁ ଝୁଣ୍ଟି ଚାଲିଛନ୍ତି। ଯିଏ ମନ୍ତ୍ରୀ ହୋଇଛନ୍ତି ସେମାନେ ଯେଭଳି ଆଚରଣ ଦେଖାଉଛନ୍ତି ତାହା ବର୍ଜନୀୟ। କାରଣ ସାଧାରଣ ମଣିଷର ଭଲ ମନ୍ଦ, ଶୋକ ସନ୍ତାପ ଓ ଦୁଃଖ ବୁଝୁନଥିବା ମଣିଷ କଣ କେବେ କାହା ପ୍ରିୟଭାଜନ ହୁଏ କି! ଏ ସରକାର ସେଭଳି ଅଳ୍ପ ଦିନରେ ଅନେକ କଳଙ୍କ ମୁଣ୍ଡରେ ଥୋଇ ଶାସନ କରିବାକୁ ବସିଛି। କେତେବେଳେ ସ୍ମାର୍ଟ ମିଟର ତ ଆଉ କେତେବେଳେ ପିୟୁସିକୁ ନେଇ ଜନତାଙ୍କ ମଧ୍ୟରେ କୋକୁଆ ଭୟ ଖେଳାଉଛି। ଲୋକ ଯେଉଁ ଆଶା ଭରସା ନେଇ ଓଡିଶାରେ କ୍ଷମତା ପରିବର୍ତ୍ତନର ସ୍ୱପ୍ନ ଦେଖିଥିଲେ ତାହା ଏବେ ଲୋକଙ୍କ ପାଇଁ କାଳ ସାଜୁଛି। ସୁଶାସନ ନାଁରେ ଏତେଗୁଡିଏ କର ଲୋକଙ୍କୁ କିଭଳି ବାଧୁଛି ତାହା ବୋଧେ ଜାଣିପାରୁନାହାନ୍ତି ଆମ ମୁଖ୍ୟମନ୍ତ୍ରୀ। ଜଣେ ସାଧାରଣ ମଣିଷ ମୁଖ୍ୟମନ୍ତ୍ରୀ ହେଲେ ସାଧାରଣ ମଣିଷ ଆଶା କରନ୍ତି ଯେ ଯାହା ହେବ ଲୋକଙ୍କ ଭଲ ପାଇଁ। ଏଠି ସେଭଳି କିଛି ହେଲା ପରି ଲାଗୁନାହିଁ। ବରଂ ଲୋକ ଅନୁଭବ କଲେଣି ଯେ ନବୀନ ଖଣି ପାଣି ବିକନ୍ତୁ ପଛେ ଜନତାଙ୍କ ନିକଟରେ ହସ ପହଞ୍ଚାଇ ପାରୁଥିଲେ। କିନ୍ତୁ ଏ ସରକାର ସତେ ଯେମିତି କାହା ପକେଟରେ କିଛି ରଖାଇ ଦେବେନି। ୨୦୨୪ ସାଧାରଣ ନିର୍ବାଚନ ପ୍ରତିଶ୍ରୁତି କଣ ପାଳନ ହେଲା ବୋଲି ଏବେ ପ୍ରଶ୍ନ ଉଠୁଛି। ସେଥିରେ ଅନେକ ଗୋଷ୍ଠୀ ଅନେକ ବିବାଦ। କିଏ ନିୟନ୍ତ୍ରଣ କରୁଛି ଆମ ସରକାରକୁ ତାହା ବୁଝା ପଡୁନି। ମନମୋହନ ଗୋଷ୍ଠୀ, ଧର୍ମେନ୍ଦ୍ର ଗୋଷ୍ଠୀ, ଅପରାଜିତା ଗୋଷ୍ଠୀ ଏବଂ ଅସନ୍ତୁଷ୍ଟ ଗୋଷ୍ଠୀକୁ ନେଇ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହୋଇପାରୁନି। ଖାଲି ପଡିଛି ମନ୍ତ୍ରୀ ପଦ, ଆଶାୟୀ ହତାଶ। ସେଭଳି ନିଗମ ଅଧ୍ୟକ୍ଷ ଆଶାୟୀ ମାନେ ଦିନ ଗଣୁଛନ୍ତି ହେଲେ ପଦ୍ମ ଘୁଞ୍ଚୁ ଘୁଞ୍ଚୁ ଚାଲିଛି। ଏଣେ ଶାସନକୁ ଦୁଇ ବର୍ଷ ପୂରିବାକୁ ବସିଲାଣି. ଘୋଷଣା ଜୋରଦାର ଚାଲିଛି ହେଲେ ପୂର୍ବ ସରକାର ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ ହେଉନାହିଁ। ସତେ ଯେପରି ନବୀନ ଓ ପାଣ୍ଡିଆନ ଏ ସରକାରକୁ ନିୟନ୍ତ୍ରଣ କରୁଛନ୍ତି। ଯେଉଁଥିପାଇଁ ଦୁର୍ନୀତିର ପାହାଡ଼ ପାଖରେ ନୂଆ ସରକାର ବିବସ। ସେପଟେ ଡବଲ ଇଂଜିନ ସରକାର ମହାନଦୀ ଜଳ ବିବାଦର ସମାଧାନ କରିପାରୁନଥିବା କାରଣରୁ ଅଣମୌସୁମୀ ସମୟରେ ମହାନଦୀ ଅବସ୍ଥା କଣ ହେବ ତାହା ଚିନ୍ତାର ବିଷୟ। ଉପର ମୁଣ୍ଡରେ ଛତିଶଗଡ ଅବିଚାରିତ ଭାବେ ମହାନଦୀ ଜଳ ରୋକି ଚାଲିଛି। ଓଡିଶାର ଜୀବନରେଖା କୁହାଯାଉଥିବା ମହାନଦୀ ଆଗକୁ ମରୁଭୂମି ପାଲଟିବା ନିଃସନ୍ଦେହ।

# ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ-ଅସତ୍ ବ୍ୟବହାର



ଗଜାନନ ମିଶ୍ର

ସାଂପ୍ରତିକ ବିଶ୍ୱ ପରିସ୍ଥିତିରେ ନାଗରିକଙ୍କ ଜନ୍ମ ଓ ମୃତ୍ୟୁର ପଂଜିକରଣ ଏକ ଆବଶ୍ୟକତା। ଏହା ଏକ ଜାତୀୟ ପବିତ୍ର କାର୍ଯ୍ୟ। ଏହାକୁ ଅନୁଭବକରି ଆମ ଗଣତାନ୍ତ୍ରିକ ସରକାର ୧୯୬୯ ମସିହାରେ 'ଜନ୍ମ ମୃତ୍ୟୁ ପଂଜିକରଣ ଆଇନ ତିଆରି କରିଛନ୍ତି। ଯୋଉଠି ବି ସନ୍ତାନଟିଏ ଜନ୍ମଗ୍ରହଣ କରୁଛି ୨୧ ଦିନ ଭିତରେ ରିପୋର୍ଟ ଦିଆଯିବ ଆଉ ସଂପୃକ୍ତ ଅଧିକାରୀ ତିରିଶ ଦିନ ପଞ୍ଜିକୃତ କରି ପ୍ରମାଣପତ୍ର ଦେବେ। ଏହାଦ୍ୱାରା ସଠିକ୍ ଜନଗଣନା ହୋଇପାରିବ। ବହିରାଗତ ସବୁ ଅଲଗା ବାରି ହୋଇପଡିବେ। ଧାରା ୧୩ ଅନୁସାରେ ଯଦି କେହି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଜନ୍ମମୃତ୍ୟୁ ପଂଜିକୃତ କାର୍ଯ୍ୟାଳୟରେ ଜଣାଇ ନ ପାରିଲେ ତେବେ କାର୍ଯ୍ୟବାହୀ ଦଣ୍ଡପାଳ ବା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଶପଥପାଠ ମାଧ୍ୟମରେ ପଂଜିକୃତ ପାଇଁ ଆବେଦନ କରିପାରିବେ। ସ୍ୱଷ୍ଟ ଓ ପ୍ରାଞ୍ଜଳ ନିୟମ ଜନଗଣଙ୍କ ପାଇଁ ରହିଛି। କିନ୍ତୁ ଖଳପ୍ରବୃତ୍ତିର ଲୋକେ ମନ୍ଦ ଉଦ୍ଦେଶ୍ୟରେ ଏହାର ଅସତ୍ ବ୍ୟବହାର କରିବାରେ ପଛାଉ ନ ଥିବାର ପ୍ରମାଣ ରହିଛି। ଏଥିପାଇଁ ଧାରା ୧୫ ଅନୁସାରେ ସଂଶୋଧନ ବା ନାକଚ କରିବାର ବ୍ୟବସ୍ଥା ରଖାଯାଇଛି। ଯଦି ଭୁଲବଶତଃ କିଛି ତ୍ରୁଟି ରହିଯାଇଛି ତେବେ ସଂଶୋଧନ କରାଯାଇ ପାରିବ। ଯଦି ଠକାମି କରି ଜନ୍ମଗତ ପ୍ରମାଣପତ୍ର ନିଆଯାଇଛି ତେବେ ତାହାକୁ ନାକଚ ବା କେନସେଲ୍ ବି କରାଯାଇ ପାରିବ। ଆମ ଆଇନରେ ଦଣ୍ଡ ବିଧାନ ବି ରହିଛି। ଛୁଆଟିଏ କଲିକତାରେ ଜନ୍ମ ହୋଇଥିଲେ ବି, ସେଠାକାର ଜନ୍ମଗତ ପ୍ରମାଣପତ୍ର ଥିଲେ ବି, ଟିଟିଲାଗଡରୁ ଋଉ ଏକ ମିଛ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କେନସେଲ କରାଇବାକୁ ନାକେଦମ୍ ହେବାକୁ ପଡିଛି ବର୍ଷେକାଳ। ଦୋଷୀ ଦଣ୍ଡ ପାଇ ନି ଏ ଯାଏ। ଆମର ବିଚାର ବ୍ୟବସ୍ଥା!

ବେଳେବେଳେ ଦେଖାଯାଉଛି ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ସକାଶେ ମିଛଖଚ ମିଶାଇ ଛୁଆର ମୂଳ ଜନ୍ମସ୍ଥାନର ପ୍ରମାଣପତ୍ର ଥାଇ ବି, ଜନ୍ମଗ୍ରହଣ କରି ନ ଥିବା ସ୍ଥାନରୁ ପ୍ରମାଣପତ୍ର ହାସଲ କରାଯାଉଛି ବହୁତ କିଛି ତଥ୍ୟ ବଦଳାଇ, ଆଉ ଅସଦ୍ ବ୍ୟବହାର କରି ନାନାଦି ସରକାରୀ ବେସରକାରୀ ପାଏଦା ଉଠାଯାଉଛି। ଏହା ହେବା ଦ୍ୱାରା ଆଇନର ମୂଳ ଉଦ୍ଦେଶ୍ୟ ବ୍ୟାହତ ହେବା ସହିତ ଫୌଜଦାରୀ ମାମଲାକୁ ଆକର୍ଷଣ କରୁଛି। ମିଛ ଶପଥପାଠ, ମିଛ ତଥ୍ୟ, ମିଛ ପ୍ରୟୋଗ ପାଇଁ ଜେଲ ଜୋରିମାନା ହେବା ନିଶ୍ଚିତ ହୋଇପଡୁଛି। ମିଛ ଜନ୍ମ ପ୍ରମାଣପତ୍ରକୁ ଜାତୀୟ ଅପରାଧ ଭାବରେ ଗଣନା କରାଯାଇ କଠୋର ଦଣ୍ଡ ଦିଆଯିବା ବ୍ୟବସ୍ଥା ରଖାଯିବା ନିହାତି ଆବଶ୍ୟକ। କୋଉ କୋଉ ପଂଜିକରଣ କାର୍ଯ୍ୟାଳୟରେ କେତେ ଜଣଙ୍କୁ ଏମିତି ମିଛ ପ୍ରମାଣପତ୍ର ଦିଆଯାଇଛି, କେତେଜଣଙ୍କର ପ୍ରମାଣପତ୍ର ନାକଚ କରାଯାଇଛି ଓ ଅନୈତିକ ବେଆଇନ କାର୍ଯ୍ୟ ପାଇଁ କେତେଜଣ ଦଣ୍ଡ ପାଇଛନ୍ତି ସର୍ବ ସମକ୍ଷରେ ପ୍ରକାଶିତ ହେବା ଜରୁରୀ। ଏହା ନ ହୋଇ ସଂପୃକ୍ତ କର୍ମଚାରୀ/ଦଣ୍ଡପାଳ ଲୋକଙ୍କୁ ଡରାଇ ଧମକାଇ ଚାନ୍ଦା ଅସୁଲି କଲାଭଳି ଟଙ୍କା ଆଦାୟ କରୁଛନ୍ତି। ଠୋସ୍ ପ୍ରମାଣ ସହିତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିମ୍ବା ଥାନାରେ ଏତାଲା ଦେଲେ ମଧ୍ୟ ସୁଫଳ ମିଳୁ ନାହିଁ। ଉପଯୁକ୍ତ ନ୍ୟାୟାଳୟରେ ମାମଲା ଦାଏର କରାଗଲେ ମଧ୍ୟ ଲାଭ ହେଉ ନାହିଁ। ଲାଗୁଛି ଯେମିତି ଛୁଆଜନ୍ମ ପ୍ରମାଣପତ୍ର ବା ମୃତ୍ୟୁ ପ୍ରମାଣପତ୍ରର କିଛି ଅର୍ଥ ହିଁ ନାହିଁ। ଏମିତି ଚାଲିଲେ ଭବିଷ୍ୟତରେ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବ। ନ୍ୟାୟର ସମ୍ମାନ ହାନି ହେବ। ଲୋକେ ନ୍ୟାୟିକ ପ୍ରକ୍ରିୟାକୁ ଖାତିର କରିବେ ନାହିଁ। ଉପରେ ପଡି କାର୍ଯ୍ୟବାହୀ ଦଣ୍ଡପାଳ କହୁଛନ୍ତି 'ଯାଅ ମୋ ନାମରେ କେସ୍ କରିବ।' ଆଶ୍ଚର୍ଯ୍ୟ! ସରକାରୀ କର୍ମଚାରୀଙ୍କ ହାବଭାବ! ଲୋକ ବିରୋଧୀ କାର୍ଯ୍ୟ!

ନ୍ୟାୟର ଅଭାବରେ ନିରାଶଭାବ ଦେଖାଯିବ ଲୋକଙ୍କ ମନରେ। କୋଉଠି ନା କୋଉଠି ବିଦ୍ରୋହାତ୍ମକ ହୋଇଉଠିବେ, ଠକାମିର ଶିକାର ହୋଇ, ସତ୍ୟ ଆବିଷ୍କାର କରି ମଧ୍ୟ ଦୋଷୀ ଦଣ୍ଡ ନ ପାଇବା କାରଣରୁ। ଭାବନା ଆସିବ ଯେମିତି କୌଣସି ନ୍ୟାୟାଳୟର ଆଉ ଆବଶ୍ୟକତା ନାହିଁ। ନ୍ୟାୟାଳୟ ଅନ୍ୟାୟାଳୟରେ ପରିଣତ ହେଉ ନି ତ! କୁରୁସଭାର ନୀରବଦ୍ରଷ୍ଟାଙ୍କ ପରି ସମସ୍ତେ ଚୁପ୍ ଚାପ୍। ଅଯଥାରେ ଲୋକଙ୍କ ବା ଟିକସଦାତାମାନଙ୍କ କୋଟି କୋଟି ଟଙ୍କା ବରବାଦ କରାହେଉଛି! ଏହା ଦେଶ ପାଇଁ ଶୁଭଙ୍କର ନୁହେଁ ଆଦୌ। ଲୋକେ ଜିଇଁ ଥାଇ ବି ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି ଆଉ ଅନେକାନେକ ଲାଭରୁ ବଂଚିତ ହେଉଛନ୍ତି। ଅନୈତିକ ଲାଭ ଉଠାଯାଉଛି। ମୋର ଜଣେ ମହକିଲର ସମସ୍ତେ ମରିଗଲେଣି କହି ବିପକ୍ଷ ନିଜ ନାମରେ ସମସ୍ତ ଜମିର ଖତିୟାନରେ ଦାଖଲ ଖାରଜ କରାଇ ନେଇଥିଲା ପରେ ଧରା ପଡିଲାପରେ ପୁଣି ଜମି ଫେରି ପାଇଲା। ମାମଲାଟି ଟିଟିଲାଗଡ ତହସିଲ, ଦେସିଲ ମୌଜା ଅନ୍ତର୍ଗତ। ଉପରବାଲା ଭରସା। ସୁତରାଂ ନିରପେକ୍ଷ ତଦନ୍ତ ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କରାହେବା ନିହାତି ଆବଶ୍ୟକ। ଅର୍ଥଲୋଭରେ ପଡି ଭୁଲ ତଦନ୍ତ ପ୍ରଦାନ ପାଇଁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ବହିଷ୍କୃତ କରାଯିବା ଉଚିତ୍। ଖାଲି ନିଜସ୍ୱ ଫାଇଦା ରଖି କ୍ଷମତା ଉପଭୋଗ କରି ଗାଦିରେ ବସି ଆମେ ଆଇନର ଶାସନକୁ ସମ୍ମାନ ଦେଉଛୁଁ କହିବାରେ କିଛି ଲାଭ ନାହିଁ। ସତ୍ୟ ପ୍ରତିଷ୍ଠା ପାଇଁ ଅଦାଲତ ରହିଛି ନ୍ୟାୟର ମର୍ଯ୍ୟାଦା ବୃଦ୍ଧି କରିବାକୁ। ଏହା ନ ହେଲେ ଅଦାଲତ ମୂଲ୍ୟହୀନ ହୋଇ ପଡିବ, ଲୋକଙ୍କ ଆସ୍ଥା ବିଶ୍ୱାସ ହରାଇ ବସିବ।


*ତପୋବନ, ଟିଟିଲାଗଡ, ବଲାଙ୍ଗିର*

*ଦୂରଭାଷ : ୯୪୩୭୩୬୬୬୪୪*



**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ

ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା

ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଓଡ଼ିଶାରେ ୩୭ତମ ଜାତୀୟ ସଡକ ସୁରକ୍ଷା ଦିବସ-୨୦୨୬



ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ

ଭାରତବର୍ଷରେ ୩୭ତମ ଜାତୀୟ ସଡକ ସୁରକ୍ଷା ମାସ ୨୦୨୬କୁ ଜାନୁଆରୀ ୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ରାଜ୍ୟ ପାଳନ କରୁଅଛି। ସଡକ ସୁରକ୍ଷାର ଶ୍ଳୋଗାନ "ସଡକ ସୁରକ୍ଷା ଜୀବନ ରକ୍ଷା"। ସେହି ମର୍ମରେ ଓଡ଼ିଶାରେ ରାଜ୍ୟ ପରିବହନ ବିଭାଗ ସହ ମିଳିତ ଭାବେ ରାଜ୍ୟ ପୋଲିସ ବିଭାଗ ସାମିଲ ହୋଇ ସଡକ ସୁରକ୍ଷା ମାସକୁ ପାଳନ କରି ଆସୁଅଛି। ଜାନୁଆରୀ ମାସ ୩ ତାରିଖରେ ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ଗାନ୍ଧୀମାର୍ଗରେ ସଡକ ସୁରକ୍ଷା ମାସ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସଦୟ ଉପସ୍ଥିତିରେ ରାଜ୍ୟ ସ୍ତରୀୟ ସଡକ ସୁରକ୍ଷା ଉତ୍ସବର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଏଥିରେ ବହୁତ ମାନ୍ୟଗଣ୍ୟବ୍ୟକ୍ତି ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରତିପାଦନ କରିଥିଲେ। ସଡକ ସୁରକ୍ଷା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ନିମନ୍ତେ ପ୍ରଦତ୍ତବାର୍ତ୍ତା ଥିଲା "ନିରାପଦରେ ଘରକୁ ଫେରନ୍ତୁ"। ସଡକ ସୁରକ୍ଷା ମାସ ପାଳନ ଅବସରରେ ଗାଡିଚାଳନା ସମୟରେ ଖାମଖିଆଲି ମନୋଭାବକୁ ପରିତ୍ୟାଗ କରନ୍ତୁ ଏବଂ ସଡକ ସୁରକ୍ଷା ନିୟମକୁ କଡାକଡି ଭାବେ ପାଳନ କରନ୍ତୁ।

ସଡକ ସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ, ଏଥିପ୍ରତି ପ୍ରତ୍ୟେକ ଜନସାଧାରଣଙ୍କ ସାମୁହିକ ଦାୟିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାକୁ ଏକ ଦୁର୍ଘଟଣାଶୂନ୍ୟ ରାଜ୍ୟ ଭାବେ ପ୍ରତିପାଦିତ କରିବାକୁ ହେଲେ ଉଭୟ ସରକାର ତଥା ଓଡ଼ିଶାର ପ୍ରତ୍ୟେକ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଜନସାଧାରଣଙ୍କ ମନରେ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏବଂ ପ୍ରତି ଘରେ ଘରେ ପହଞ୍ଚାଇଲେ ସଡକ ସୁରକ୍ଷା ଶ୍ଳୋଗାନ ବିକଶିତ ଓଡ଼ିଶାର ପ୍ରତିଶ୍ରୁତିକୁ ଦୁର୍ଘଟଣାରୁ ବଞ୍ଚାଇ ପାରିବ। ପ୍ରତ୍ୟେକ ନାଗରିକ ରାସ୍ତାରେ ଯାତାୟତ କରିବା ସମୟରେ ସଡକ ସୁରକ୍ଷା ନିୟମାବଳୀକୁ ମାନିବା ସହିତ ସତର୍କତା ଅବଲମ୍ବନ କଲେ ଦୁର୍ଘଟଣାକୁ ସହଜରେ ଏଡାଯାଇ ପାରିବ।

ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ବୈଠକରେ ଗତବର୍ଷ ତୁଳନାରେ ଏବର୍ଷ ୧୧ ପ୍ରତିଶତ ଅଧିକ ଦୁର୍ଘଟଣା (ଜାନୁଆରୀ ରୁ ସେପ୍ଟେମ୍ବର) ମାସ ମଧ୍ୟରେ ଘଟିଛି। ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁସାରେ ଚଳିତବର୍ଷ ୧୧.୦୧ ପ୍ରତିଶତ ଅଧିକ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥରେ ହିଁ ସର୍ବାଧିକ ଲୋକଙ୍କର ମୃତ୍ୟୁ ହୋଇଛି। ନଭେମ୍ବର ମାସରୁ ଫେବୃଆରୀ ମଧ୍ୟରେ ପିକ୍‌ନିକ୍ ଓ ଘନକୁହୁଡି ଯୋଗୁଁ ସଡକ ଦୁର୍ଘଟଣା ବଢ଼ିବାର ଆଶଙ୍କା ଅଧିକ ରହିଥାଏ। ତେଣୁ ଜନସାଧାରଣ ଏହି ଦିଗପ୍ରତି ବିଶେଷ ଦୃଷ୍ଟି ଦେଇ ନିଶ୍ଚିନ୍ତ ଦୁର୍ଘଟଣାରୁ ଆମେ ବର୍ତ୍ତୀଯାଇ ପାରିବା। ଜାତୀୟ ରାଜପଥ ଅଥବା ସହରାଞ୍ଚଳ ରାସ୍ତାଘାଟ ସବୁଠାରୁ ବୁଲା ଗୋରୁଗାଇ, ଷଣ୍ଢ ଏବଂ ବୁଲା କୁକୁରମାନେ ବୁଲାବୁଲି କରୁଥିବା ଯୋଗୁଁ ଅଧିକ ଦୁର୍ଘଟଣାମାନ ଘଟୁଛି। ଏପରି ଦୁର୍ଘଟଣା ଯୋଗୁଁ ଉଭୟ ମନୁଷ୍ୟ ଏବଂ ନିରିହ ପଶୁମାନଙ୍କର ଜୀବନହାନି ଘଟୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ଭ୍ରାମ୍ୟମାଣ ଗାଡି ସାହାଯ୍ୟରେ




ଜାତୀୟ ରାଜପଥ ତଥା ସହରାଞ୍ଚଳ ରାସ୍ତା ଉପରୁ ଗାଈଗୋରୁଙ୍କୁ ନେଇ ଆଶ୍ରୟସ୍ଥଳ ମାନଙ୍କରେ ଥଇଥାନ କରାଗଲେ ବହୁ ପରିମାଣରେ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା। ଜାତୀୟ ରାଜପଥରେ ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକୁ ଚିହ୍ନଟ କରି ବ୍ୟାରିକେଡ୍ କରାଗଲେ ବୁଲା ଗୋରୁଗାଈଙ୍କ ଅବାଧ ଚଳାଚଳକୁ ରୋକାଯାଇ ପାରନ୍ତା। ପାରିପାର୍ଶ୍ୱିକ ଦିଗକୁ ବିଚାରକରି ଟ୍ରାଫିକ୍ ନିୟମକୁ କଡାକଡି ପାଳନ କରିବା, ଏଥିପ୍ରତି ଜନସାଧାରଣ ବା ବ୍ୟକ୍ତିବିଶେଷ ନୁହଁନ୍ତି ବରଂ ସରକାର ଯତ୍ନଶୀଳ ହେବା ଉଚିତ୍। ସଡକ ସୁରକ୍ଷା ପାଳନ ଅବସରରେ ସମସ୍ତ ଭିତ୍ତିଭୂମି ଯଥା ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ଜାତୀୟ ରାଜପଥ, ଦୂରଦର୍ଶନ, ରେଡିଓ ଷ୍ଟେସନ, ପଥପ୍ରାନ୍ତ ସଭା, ରାସ୍ତାର ଉଭୟ ପାର୍ଶ୍ୱରେ ବଡବଡ ହୋର୍ଡିଂମାନ ପ୍ରସ୍ତୁତ କରି ସଡକ ସୁରକ୍ଷାର ନିୟମାବଳୀ ପାଳନ ଓ ପ୍ରସାର ପାଇଁ ପ୍ରଚାର କରାଯାଇପାରନ୍ତା, ତାହେଲେ ଜନସାଧାରଣ ସଚେତନ ହୁଅନ୍ତେ ଏବଂ ଦୁର୍ଘଟଣାର ହାର ଅନେକମାତ୍ରାରେ କମ୍ ହୁଅନ୍ତା। ରାଜପଥରେ ଦ୍ରୁତ ଗାଡି ଚାଳନା ଯୋଗୁଁ ବଡ଼ବଡ଼ ଦୁର୍ଘଟଣାରେ ନିରିହ ଲୋକମାନଙ୍କର ଜୀବନହାନି ଘଟୁଛି। ରାତିରେ ବେଧଡକ ବାଲିଚାଲାଣ ଯୋଗୁଁ ରାସ୍ତାର ଦୁଇପାର୍ଶ୍ୱରେ ବାଲିଗୁଡିକ ପଡି ରହୁଛି। ଯାହାଫଳରେ ଦୁଇଚକିଆ ଯାନଗୁଡିକରେ ଯାତାୟତ କରୁଥିବା ଲୋକମାନଙ୍କର ଅକାଳରେ ଜୀବନଦୀପ ଲିଭିଯାଉଛି ଏବଂ ତାର ପରିବାର ବେସାହାରା ହୋଇଯାଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଭୁବନେଶ୍ୱର ପୁରୀ ଜାତୀୟ ରାଜପଥରେ ମଙ୍ଗଳପୁର ଠାରେ ଏକ ସଡକ ଦୁର୍ଘଟଣାରେ ଜଣେ ମହିଳା ସାମ୍ବାଦିକଙ୍କ ସହିତ ତାଙ୍କର ବାନ୍ଧବୀଙ୍କର ଅକାଳ ବିୟୋଗ ଘଟିଛି। ଏହା ଏକ ଦୁଃଖଦ ତଥା ହୃଦୟବିଦାରକ ଚିତ୍ର ଯାହା ସାରା ଓଡ଼ିଶାବାସୀଙ୍କ ହୃଦୟକୁ ଦୋହଲାଇ ଦେଇଛି। ଉକ୍ତ ମହିଳା ସାମ୍ବାଦିକଙ୍କ ୧୧ ବର୍ଷର ଶିଶୁପୁତ୍ର ମାଆକୁ ହରାଇ ବେସାହାରା ହୋଇଛି। ଜାନୁଆରୀ ୧ ଠାରୁ ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା "ଶୂନ୍ୟ ମୃତାହତ ପକ୍ଷ" ଧର୍ମକୁ ଆଖିଠାର ଭଳି ଦୃଶ୍ୟ ପରିଲକ୍ଷିତ ହୋଇଛି। ସରକାର କେବଳ ସଭାସମିତି କରି ସଡକ ସୁରକ୍ଷା ମାସକୁ ପାଳନ କରିବା ସହିତ ରାସ୍ତାରେ ଘଟୁଥିବା ଦୁର୍ଘଟଣାର କାରଣ ଓ ନିରାକରଣ ନିମନ୍ତେ ପରିବହନ ଓ ପୋଲିସ ବିଭାଗ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ ମାଧ୍ୟମରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରି ବର୍ଷତମାମ ଏହି ପ୍ରକ୍ରିୟା ଚାଲୁରଖିଲେ ଶୂନ୍ୟ ମୃତାୟତ ପାଳନ କରିବା ବାର୍ତ୍ତା ଲୋକମାନଙ୍କ ନିକଟରେ ପ୍ରତିଫଳିତ ହେବ। ଯାହାଫଳରେ ସଡକ ଦୁର୍ଘଟଣା ହ୍ରାସ ପାଇପାରିବ। ଆଜିର ସଡକ ଦର୍ଘଟଣା ମହାମାରୀ ଭଳି ମାରାତ୍ମକ ରୂପ ନେଇଛି। ଏଭଳି ମହାମାରୀରୁ ରକ୍ଷା ପାଇବାକୁ ହେଲେ ଯାତାୟତ ସମୟରେ ସଡକ ନିୟମ ପାଳନ ପ୍ରତି ଜନସାଧାରଣ ଗୁରୁତ୍ୱ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସହରାଞ୍ଚଳ ରାସ୍ତାରେ ଯାତାୟତ ସମୟରେ ସମସ୍ତ ଟ୍ରାଫିକ୍ ନିୟମାବଳୀକୁ ଗମ୍ଭୀରତାର ସହ ପାଳନ କରିବା ଦ୍ୱାରା ସହଜରେ ଆମେ ଦୁର୍ଘଟଣାକୁ ଏଡାଇଯାଇ ପାରିବା। ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପହଞ୍ଚାଇବାର ଦାୟିତ୍ୱ ରାଜ୍ୟ ସରକାରଙ୍କର ପ୍ରଥମ କର୍ତ୍ତବ୍ୟ।

ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ପରିଚାଳନା କରିବାକୁ ରାଜ୍ୟ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ବିଭାଗକୁ ମଞ୍ଜୁର କରିଥାନ୍ତି। ପ୍ରତିବର୍ଷ ରାଜ୍ୟ ପରିବହନ କର୍ତ୍ତ୍ୟପକ୍ଷ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିକୁ ପ୍ରତ୍ୟେକ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବଣ୍ଟନ କରିଥାନ୍ତି। ଏହି ଆବଣ୍ଟିତ ଅର୍ଥ ରାଶିକୁ ଆଞ୍ଚଳିକ ପରିବହନ ଅଧିକାରୀମାନେ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଖର୍ଚ୍ଚ କରିଥାନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଆବଣ୍ଟିତ ଅର୍ଥକୁ ଯଦି ପଥପ୍ରାନ୍ତ ସଭା, ସଡକ ସୁରକ୍ଷା ଉପରେ ଆଧାରିତ ଛୋଟ ଚଳଚ୍ଚିତ୍ର ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପ୍ରଚାର ପ୍ରସାର କରାଯାଏ ତେବେ ଲୋକମାନଙ୍କ ମନରେ ସଚେତନତା ସୃଷ୍ଟି କରାଯାଇ ପାରନ୍ତା।


*ଭୁବନେଶ୍ୱର*

*ଦୂରଭାଷ : ୮୬୩୭୨୮୯୦୪୨*


# ମାଦୁରୋଙ୍କ 'ଅଭେଦ୍ୟ ଦୁର୍ଗ' କିପରି ଭୁଶୁଡ଼ି ପଡ଼ିଲା ?



ଅସିତ ମହାନ୍ତି

ବିଶ୍ୱ ଶାନ୍ତି ବିଷୟରେ ବୟାନ ଦେଉଥିବା ଏବଂ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୬ ଆରମ୍ଭରେ ପୁରା ବିଶ୍ୱରେ ଅଶାନ୍ତିର ପ୍ରତୀକ ଭାବରେ ଛିଡାହୋଇଛନ୍ତି। ଯୁକ୍ତରାଷ୍ଟ୍ର ଭେନେଜୁଏଲା ଉପରେ ଆକ୍ରମଣ କରିଛି, ଯାହାର ପରିଣାମ ସ୍ୱରୂପ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ବନ୍ଦୀ କରାଯାଇ ନିଉୟର୍କ ଡ଼େଟେନ୍ସନ୍ ସେଣ୍ଟର ରେ ରଖାଯାଇଛି । ରାଷ୍ଟ୍ରପତି ଟ୍ରମ୍ପ , ନିଶା କାରବାର ଏବଂ ନାର୍କୋ-ଆତଙ୍କବାଦ ଭଳି କାରଣ ଦର୍ଶାଇ ଏହି କାର୍ଯ୍ୟକୁ ଯଥାର୍ଥ ବୋଲି କହିଛନ୍ତି ।କଥାଟି ଶୁଣିଲେ ଏପରି ଲାଗୁଛି , ଯେପରି ସଦ୍ଦାମ ହୁସେନ ଙ୍କ ପାଖରେ ପରମାଣୁ ଅସ୍ତ୍ର ଶସ୍ତ୍ର ରହିଛି କହି ତାଙ୍କୁ ଧରିଥିଲେ । ସେ ଯାହାହେଉ ଭେନେଜୁଏଲା ବିଷୟରେ ଜାଣିବାକୁ ହେଲେ ଆମେରିକାର ସାମ୍ରାଜ୍ୟବାଦୀ ଚରିତ୍ରକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ ।

ଆମେରିକୀୟ ସାମ୍ରାଜ୍ୟବାଦ ସହିତ ଭେନେଜୁଏଲାର ମୁକାବିଲାର କାହାଣୀ ଏକ ବିଚ୍ଛିନ୍ନ ଘଟଣା ନୁହେଁ ବରଂ ଏକ ବୃହତ୍ତର ଐତିହାସିକ ଢାଞ୍ଚାର ଅଂଶ ଯେଉଁଥିରେ ୱାଶିଂଟନ୍ ରାଜନୈତିକ, ଆର୍ଥିକ ଏବଂ ସାମରିକ ଭାବରେ ଲାଟିନ୍ ଆମେରିକା ଉପରେ ପ୍ରାଧାନ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଛି। ତେଲ, ସୁନା ଏବଂ ରୂପାର ପ୍ରଚୁର ଭଣ୍ଡାର ସହିତ ସମ୍ପନ୍ନ ଭେନେଜୁଏଲା ଦୀର୍ଘ ସମୟ ଧରି ଏହି ସାମ୍ରାଜ୍ୟବାଦୀ ଦୃଷ୍ଟିର ଲକ୍ଷ୍ୟ ହୋଇ ରହିଛି। ଏହି ହସ୍ତକ୍ଷେପର ଅମାନବତା କେବଳ ଏକ ସାର୍ବଭୌମ ରାଷ୍ଟ୍ରର ଆର୍ଥିକ ଗଳାକାଟିବାରେ ନୁହେଁ ବରଂ ଏହାର ଲୋକଙ୍କ ମର୍ଯ୍ୟାଦା, ସ୍ୱାୟତ୍ତତା ଏବଂ ଆତ୍ମନିର୍ଣ୍ଣୟର ଅଧିକାରର କ୍ଷୟରେ ମଧ୍ୟ ରହିଛି। ବର୍ତ୍ତମାନର ସଙ୍କଟକୁ ବୁଝିବା ପାଇଁ, ଜଣେ ଆମେରିକୀୟ ସାମ୍ରାଜ୍ୟବାଦର ମୂଳ ଖୋଜିବାକୁ ପଡିବ ଏବଂ ଭେନେଜୁଏଲାର ସଂଘର୍ଷ କିପରି ସମ୍ବଳ ସାର୍ବଭୌମତ୍ୱ ଏବଂ ବିଶ୍ୱ କ୍ଷମତା ରାଜନୀତି ମଧ୍ୟରେ ଏକ ବ୍ୟାପକ ପ୍ରତିଯୋଗିତାକୁ ପ୍ରତିଫଳିତ କରେ ତାହା ଚିହ୍ନିବାକୁ ପଡିବ।

ଭେନେଜୁଏଲାର ରାଜଧାନୀ କାରାକାସରେ ଅବସ୍ଥିତ ରାଷ୍ଟ୍ରପତି ଭବନ, ମିରାଫ୍ଲୋରେସ୍ ପ୍ୟାଲେସ୍ କିମ୍ବା ତାଙ୍କର ଗୁପ୍ତ ବଙ୍କର, ଯାହାକୁ ଥରେ ବିଶ୍ୱର ସବୁଠାରୁ ସୁରକ୍ଷିତ ଆଶ୍ରୟସ୍ଥଳ ବୋଲି ବିବେଚନା କରାଯାଉଥିଲା, ଆଜି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଯେଉଁ ବ୍ୟକ୍ତିଙ୍କୁ ୨,୦୦୦ ଭୟଙ୍କର ସ୍ୱତନ୍ତ୍ର କମାଣ୍ଡୋ ଜଗି ରହିଥିଲେ, ଯାହାଙ୍କ ଶୟନ କକ୍ଷ ମଧ୍ୟ ବାୟୁ ଫିଲ୍ଟର କରିଥିଲା, ତାଙ୍କୁ ଆମେରିକୀୟ ସେନା ମାଛି ପରି ବାହାର କରିଦେଇଥିଲା ।ସର୍ବବୃତ୍ତାନ୍ତ ହେଉଛି: ମାଡୁରୋଙ୍କ 'ଅଭେଦ୍ୟ ଦୁର୍ଗ' କିପରି ଧ୍ୱଂସ ପାଇଲା ? ମାଦୁରୋ ଯେଉଁ 'ରାଷ୍ଟ୍ରପତି ଗାର୍ଡ' ନାମରେ ଶପଥ ନେଇଥିଲେ ତାହା କେଉଁଠି ଥିଲା ? ରିପୋର୍ଟଗୁଡ଼ିକ ସୂଚିତ କରେ ଯେ ଯେତେବେଳେ ଆମେରିକୀୟ ସୈନ୍ୟମାନେ ମାଡୁରୋଙ୍କୁ ତାଙ୍କ ଶୟନ କକ୍ଷରୁ ଟାଣି ନେଉଥିଲେ, ତାଙ୍କୁ ସୁରକ୍ଷା ଦେବା ପାଇଁ ଗୋଟିଏ ବି ଗୁଳି ଚଳାଯାଇ ନଥିଲା ।ନିକୋଲାସ୍ ମାଦୁରୋ ସର୍ବଦା ତାଙ୍କ ଜୀବନ ପ୍ରତି ଭୟଭୀତ ଥିଲେ। ଏହି କାରଣରୁ ତାଙ୍କର ସୁରକ୍ଷା ଜଣେ ସାଧାରଣ ରାଷ୍ଟ୍ରପତିଙ୍କ ଭଳି ନୁହେଁ, ବରଂ ଜଣେ ଭୟଭୀତ ଏକଛତ୍ରବାଦୀଙ୍କ ଭଳି ଥିଲା। ଗାର୍ଡିଆ ଡି ଅନର ପ୍ରେସିଡେନ୍ସିଆଲ୍ ତାଙ୍କ ସୁରକ୍ଷା ପାଇଁ ଦାୟୀ ଥିଲେ। ୨,୦୦୦ ରୁ ଅଧିକ ଏଲିଟ୍ କମାଣ୍ଡୋ ମାଡୁରୋଙ୍କ ନିଶ୍ୱାସ ପ୍ରଶ୍ୱାସକୁ ଜଗି ରହିଥିଲେ। ଏମାନେ କୌଣସି ସାଧାରଣ ସୈନିକ ନଥିଲେ। ସେମାନଙ୍କୁ ଭେନେଜୁଏଲାର ସେନା, ବାୟୁସେନା ଏବଂ ନୌସେନାର ସବୁଠାରୁ ନିଷ୍ଠୁର ଏବଂ ବିଶ୍ୱସ୍ତ ସୈନିକମାନଙ୍କ ମଧ୍ୟରୁ ଚୟନ କରାଯାଇଥିଲା। ୩ ଟି ସୁରକ୍ଷା ବଳୟ – ବାହ୍ୟ ବଳୟ: ଏଠାରେ ସାମରିକ ପୋଲିସ ଏବଂ ନ୍ୟାସନାଲ ଗାର୍ଡ ମୁତୟନ କରାଯାଇଥିଲା, ଯାହା ମାଇଲ ମାଇଲ ପର୍ଯ୍ୟନ୍ତ ଯେକୌଣସି ବାହ୍ୟ କାର୍ଯ୍ୟକଳାପକୁ ଅବରୋଧ କରିଥିଲା। ମଧ୍ୟବର୍ତ୍ତୀ ବଳୟ:



ସ୍ନାଇପର, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଡ୍ରୋନ ପ୍ରତିରୋଧୀ ବ୍ୟବସ୍ଥା ଏଠାରେ ମୁତୟନ କରାଯାଇଥିଲା। ଭିତର ବଳୟ: ଏହା ମାଦୁରୋଙ୍କ ବ୍ୟକ୍ତିଗତ ବୃତ୍ତ ଥିଲା। ଏହା ଭେନେଜୁଏଲାରମାନଙ୍କୁ କମ୍ ଏବଂ କ୍ୟୁବା ଗୁପ୍ତଚର ଏଜେଣ୍ଟମାନଙ୍କୁ ଅଧିକ ନେଇ ଗଠିତ ଥିଲା। ମାଦୁରୋ ତାଙ୍କ ନିଜ ସୈନିକଙ୍କ ଅପେକ୍ଷା କ୍ୟୁବା ଏଜେଣ୍ଟମାନଙ୍କୁ ଅଧିକ ବିଶ୍ୱାସ କରୁଥିଲେ।

ପ୍ରତିଦିନ ରାତିରେ ତାଙ୍କ ବିଛଣା ବଦଳାଉଥିଲେ, ତାଙ୍କ ଫୋନ୍ ଛୁଇଁବାକୁ ମଧ୍ୟ ଭୟ କରୁଥିଲେ - ଆମେରିକୀୟ ଗୁପ୍ତଚର ଏଜେନ୍ସିଗୁଡ଼ିକୁ ଏଡାଇବା ପାଇଁ, ମାଦୁରୋ ଭୟଭୀତ ହୋଇଯାଇଥିଲେ। କୁହାଯାଏ ଯେ ମାଦୁରୋ ଲଗାତାର ଦୁଇ ରାତି ପାଇଁ ଗୋଟିଏ ବିଛଣାରେ କେବେ ଶୋଇ ନଥିଲେ। ସେ କାରାକାସର ବିଭିନ୍ନ ନିରାପଦ ଗୃହ ଏବଂ ଭୂତଳ ବଙ୍କରରେ ଲୁଚି ରହି ତାଙ୍କ ରାତି ବିତାଇଥିଲେ। ଟ୍ରାକ ହେବାର ଭୟରେ, ସେ ସ୍ମାର୍ଟଫୋନ୍ ବ୍ୟବହାର କରିବା ବନ୍ଦ କରିଦେଇଥିଲେ। ଯୋଗାଯୋଗ ପାଇଁ ସେ କେବଳ ବର୍ନର ଫୋନ୍ ବ୍ୟବହାର କରୁଥିଲେ। ତେବେ ଆମେରିକା ତାଙ୍କ ଶୟନ କକ୍ଷକୁ କିପରି ପ୍ରବେଶ କଲା ? ଏତେ ସୁରକ୍ଷା ସତ୍ତ୍ୱେ, ଯେତେବେଳେ ଆମେରିକୀୟ ସ୍ୱତନ୍ତ୍ର ବାହିନୀ ଚଢାଉ କରିଥିଲେ, ମାଦୁରୋଙ୍କ ସୁସ୍ଥ ହେବାର ସୁଯୋଗ ମଧ୍ୟ ନଥିଲା। ରଣନୀତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ଅପରେସନ ପ୍ରକାଶ କରେ ଯେ ମାଦୁରୋଙ୍କ ସୁରକ୍ଷା ବ୍ୟବସ୍ଥା ଭିତରୁ ପଚି ଯାଇଥିଲା। 'ଭିତରେ ଜଣେ ବିଶ୍ୱାସଘାତକ ଲୁଚି ରହିଥିଲେ' ୨,୦୦୦ କମାଣ୍ଡୋଙ୍କ ନୀରବତା ସୂଚାଇ ଦେଉଛି ଯେ ମାଡୁରୋଙ୍କ ସୁରକ୍ଷା ପରିସର ଭାଙ୍ଗି ଯାଇଛି। ତାଙ୍କର ନିକଟତମ ଜେନେରାଲମାନେ ଆମେରିକା ସହିତ ଏକ ଚୁକ୍ତି କରିଥିଲେ, କିମ୍ବା ଭେନେଜୁଏଲା ସାମରିକ ବାହିନୀ ନିଜେ ମାଡୁରୋଙ୍କୁ ହଟାଇବାକୁ ଚାହୁଁଥିଲେ। ମାଡୁରୋଙ୍କୁ 'ହରଣ' କରାଯାଉଥିଲା, ବାହାରେ ଠିଆ ହୋଇଥିବା ରକ୍ଷୀମାନେ ନୀରବ ରହିବା ପାଇଁ ନିର୍ଦ୍ଦେଶ ପାଳନ କରୁଥିଲେ। କ୍ୟୁବାର ଢାଲ ବିଫଳ ହୋଇଥିଲା: ସବୁଠାରୁ ଆଶ୍ଚର୍ଯ୍ୟଜନକ ଭାବରେ, ମାଡୁରୋଙ୍କ 'ଭିତରେ ଥିବା କ୍ୟୁବା ଏଜେଣ୍ଟମାନେ ମଧ୍ୟ ତାଙ୍କୁ ରକ୍ଷା କରିପାରିଲେ ନାହିଁ। ସେମାନଙ୍କର ବିଶ୍ୱସ୍ତତା ପାଇଁ ଜଣାଶୁଣା ଏଜେଣ୍ଟମାନଙ୍କୁ ନିରପେକ୍ଷ କରାଯାଇଥିଲା କିମ୍ବା ଆତ୍ମସମର୍ପଣ କରାଯାଇଥିଲା। ପ୍ରଯୁକ୍ତିବିଦ୍ୟା ଆକ୍ରମଣ: ଏହା ମଧ୍ୟ ସମ୍ଭବ ଯେ ଆମେରିକା ମାଡୁରୋଙ୍କ ସ୍ଥାନ ଚିହ୍ନଟ କରିବା ପାଇଁ ଅତ୍ୟନ୍ତ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥିଲା, ତାଙ୍କ ରାଡାର ଏବଂ ଯୋଗାଯୋଗକୁ ବାଧା ଦେଇଥିଲା। ଯେତେବେଳେ ମାଡୁରୋ ଏହା ବୁଝିପାରିଲେ, ସେତେବେଳେ ଆମେରିକୀୟ ବୁଟ୍ ତାଙ୍କ ଶୟନ କକ୍ଷରେ ଥିଲା। ବନ୍ଧୁକ ଟାଣି ରହିଥିଲା, ଏବଂ ଖେଳ ଶେଷ ହୋଇଥିଲା - ଏହି କାର୍ଯ୍ୟକୁ ଆଧୁନିକ ଇତିହାସର ସବୁଠାରୁ ସଫଳ ଏବଂ ଆଶ୍ଚର୍ଯ୍ୟଜନକ ସାମରିକ କାର୍ଯ୍ୟ ମଧ୍ୟରେ ଗଣନା କରାଯିବ। ୨,୦୦୦ କମାଣ୍ଡୋ, କ୍ଷେପଣାସ୍ତ୍ର ପ୍ରଣାଳୀ, ରାଡାର ଏବଂ ବିଦେଶୀ ଗୁପ୍ତଚରମାନଙ୍କୁ ନିରପେକ୍ଷ କରାଯାଇଥିଲା। ମାଦୁରୋ ବିଶ୍ୱାସ କରୁଥିଲେ ଯେ ବନ୍ଧୁକର ଏକ କାନ୍ଥ ତାଙ୍କୁ ସୁରକ୍ଷା ଦେବ, କିନ୍ତୁ ସେ ଜାଣି ନଥିଲେ ଯେ ଯେତେବେଳେ କାନ୍ଥଗୁଡ଼ିକ ନିଜେ ଭାଙ୍ଗିଯାଏ ସେତେବେଳେ ଦୁର୍ଗଗୁଡ଼ିକ କେତେ ଶୀଘ୍ର ଭୁଶୁଡ଼ି ପଡ଼େ।

ପ୍ରକୃତରେ, ମାଦୁରୋଙ୍କ ସହିତ ଯାହା ଘଟିଥିଲା ତାହା ୨୫୦ ବର୍ଷ ପୂର୍ବେ ଭାରତ ସହିତ ଘଟିଥିଲା। ଯେତେବେଳେ ବ୍ରିଟିଶମାନେ ଭାରତକୁ ଆସିଥିଲେ, ସେମାନେ ବଳପୂର୍ବକ ଭାରତ ସହିତ ଲଢ଼ି ନଥିଲେ। ରବର୍ଟ କ୍ଲାଇଭ ନବାବ ସିରାଜଦୁଲ୍ଲାଙ୍କ ସେନାପତିଙ୍କୁ ଲାଞ୍ଚ ଦେଇଥିଲେ। ସେତେବେଳେ ତୋପ ମଇଦାନରେ ଥିଲା, କିନ୍ତୁ ସେମାନଙ୍କ ଉପରେ ଗୁଳି ଚଳାଯାଇ ନଥିଲା। ନବାବ ଭାବିଥିଲେ ଯେ ସେନା ତାଙ୍କ ସହିତ ଅଛି, କିନ୍ତୁ ସେ ଭୁଲ ଥିଲେ। ଭେନେଜୁଏଲାରେ ମଧ୍ୟ ସମାନ ଘଟଣା ଘଟିଥିଲା। ପ୍ରଥମତଃ, ଆମେରିକା ନେତାମାନଙ୍କୁ କିଣି ନେଇଥିଲା। ଏମାନେ ସେହି ନେତା ଥିଲେ ଯେଉଁମନମାନେ ପୂର୍ବରୁ ଆମେରିକାକୁ ଗାଳିଦେଉଥିଲେ, କିନ୍ତୁ ଆମେରିକା ସେମାନଙ୍କୁ କିଣି ନେଇଥିଲା, ଏବଂ ସେମାନଙ୍କର ଦେଶପ୍ରେମ ବିକ୍ରି ହୋଇଯାଇଥିଲା। ଦ୍ୱିତୀୟତଃ, ସେନାର ସମସ୍ତ ଜେନେରାଲଙ୍କୁ କିଣି ନିଆଯାଇଥିଲା। ସେମାନଙ୍କୁ କୁହାଯାଇଥିଲା ଯେ ଯଦି ସେମାନେ ଯୁଦ୍ଧ କରନ୍ତି, ତେବେ ସେମାନେ ଜିତିପାରିବେ ନାହିଁ ଏବଂ ଆମେ ସେମାନଙ୍କୁ ଯୁଦ୍ଧ ଅପରାଧୀ ଘୋଷଣା କରିବୁ। ଯଦି ସେମାନେ ଚୁପଚାପ୍ ପଛକୁ ହଟିଯାଆନ୍ତି, ତେବେ ସେମାନେ ଲକ୍ଷ ଲକ୍ଷ ଡଲାର ଏବଂ ଆମେରିକାରେ ବିଳାସପୂର୍ଣ୍ଣ ଘର ପାଇବେ। ତୃତୀୟତଃ, ସ୍ଥାନୀୟ ସାଂସଦମାନଙ୍କୁ ଟାର୍ଗେଟ କରାଯାଇଥିଲା। ସେମାନଙ୍କୁ କୁହାଯାଇଥିଲା ଯେ ସେମାନେ ପରବର୍ତ୍ତୀ ସରକାରରେ ଉଚ୍ଚ ପଦବୀ ପାଇବେ। ଭେନେଜୁଏଲାରେ ସବୁକିଛି ଥିଲା, କିନ୍ତୁ ଏହାକୁ ପରିଚାଳନା କରିବା ପାଇଁ ଦାୟୀ ଥିବା ଲୋକମାନେ ସବୁ ବିକ୍ରି ହୋଇଗଲେ। ଫଳାଫଳ ଏହି ଥିଲା: କୌଣସି ଗୁଳି ଚଳାଯାଇ ନଥିଲା, ଏବଂ କେହି କଥା ହୋଇ ନଥିଲେ। ସମଗ୍ର ଦେଶ ଆମେରିକୀୟମାନଙ୍କୁ ବିକ୍ରି ହୋଇଗଲା, ଯେପରି ବ୍ରିଟିଶମାନେ ବଙ୍ଗଳା ଦଖଲ କରିଥିଲେ। ଆମେରିକୀୟ ସଂସ୍ଥା ସିଆଇଏ ପ୍ରକୃତରେ ସମାନ କାର୍ଯ୍ୟ କରିଥିଲା।


*ସୁଜନପୁର, ଯାଜପୁର*

*ଦୂରଭାଷ : ୯୪୩୭୨୮୮୦୨୮*

ଧାରାବାହିକ ଉପନ୍ୟାସ

# ମହାନାୟକ



## କ୍ଷୀରୋଦ ଦାସ

ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୪୪

*(ପୂର୍ବପ୍ରକାଶ ଉତ୍ତାରୁ*

"ଆଜି ବି ଯଦି ମୁଁ କିଛି ହୋଇଥାଏ, ଯାହା ବି କିଛି ହୋଇଥାଏ ତେବେ ତା'ର ସମସ୍ତ ଶ୍ରେୟ ମୋର ସେଇ ଅନନ୍ୟ ସହପାଠିନୀଙ୍କର, ଯାହାଙ୍କର ପଦେ କଥା ମୋ ଛାତି ଭିତରେ ଭାଙ୍ଗିରୁଜି ଯାଇଥିବା ଅନେକ କମନୀୟ ସୂକ୍ଷ୍ମ ଅଂଶକୁ ଯୋଡି ଦେଇଥିଲା। କିନ୍ତୁ ମୁଁ ଜାଣେନା, ମୋର ସେହି ଦେବୀ ପ୍ରତିମା ସହପାଠିନୀ ଜଣକ ଏବେ କେଉଁଠି, କିପରି ଅଛନ୍ତି। ସେହି ଦିନଠାରୁ, ସତ କହୁଛି, ସେହିଦିନଠାରୁ ତାଙ୍କ ସହ ଆଉ ଦେଖା ହୋଇନାହିଁ। ଅବଶିଷ୍ଟ ଜୀବନ କାଳ ଭିତରେ ଦେଖା ହେବ କି ନାହିଁ!

"କିନ୍ତୁ ମୁଁ ଆଜି ଏଇଠି ସର୍ବ ସମ୍ମୁଖରେ ହୃଦୟର ସହ ସ୍ୱୀକାର କରୁଛି ଯେ ସେ ଯେତେ ଦୂରରେ, ଯେଉଁଠି ଥାଆନ୍ତୁ ନା କାହିଁକି ଅଛନ୍ତି ମୋ ଭିତରେ। ଅନନ୍ୟ ଏକ ସ୍ନେହମୟୀ, ପ୍ରେରଣାଦାୟୀ ଦେବୀ ରୂପରେ। ତାଙ୍କର ସେଇ ଅମୃତମୟ କଥା ପଦକ ପାଖରେ ମୁଁ ବନ୍ଧା ପଡିଯାଇଛି ଯାବତ୍ ଜୀବନ। ତାଙ୍କୁ, ଆପଣମାନଙ୍କୁ ଏବଂ ମୋର ଏଇ ଆଦ୍ୟ ତପୋଭୂମିକୁ ମୁଁ ଭୂମିଷ୍ଠ ପ୍ରଣାମ ଜଣାଉଛି...।"

ବିପୁଳ କରତାଳିରେ କମ୍ପି ଉଠିଲା ସମଗ୍ର ସଭାସ୍ଥଳ।

ସୁମନ୍ତ ଫେରି ଆସିଲେ ନିଜ ଆସନ ପାଖକୁ।

ଶେଷରେ ମାଇକ୍ରୋଫୋନ୍ ପାଖକୁ ଉଠିଲେ ଉତ୍ସବର ସଭାପତି ତଥା କଲେଜର ଅଧକ୍ଷା ମହୋଦୟ। ଅତିଥି ଓ ଶ୍ରୋତାମାନଙ୍କୁ ସମ୍ବୋଧନ କରିସାରି ସେ କହିଲେ –

"ଆମର ପ୍ରିୟ ମୁଖ୍ୟବକ୍ତାଙ୍କ ଆବଗଭରପୂର ବକ୍ତବ୍ୟ – ଶୁଣି ସାରିବା ପରେ ମୁଁ ଯାହା କହିଲେ ବି ଆପଣମାନଙ୍କୁ ମନକୁ ପାଇବ ନାହିଁ। ପାଣିଚିଆ ଲାଗିବ। ଅତଏବ ଔପଚାରିକତା ଦୃଷ୍ଟିରୁ ମୁଁ ମାତ୍ର ଦୁଇ ମିନିଟ ଭିତରେ ଶେଷ କରିବି ମୋର ବକ୍ତବ୍ୟ।

"ଏଇ ଟିକେ ଆଗରୁ ଆମର ପ୍ରିୟ ମୁଖ୍ୟବକ୍ତା ମହୋଦୟ, ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ବିଖ୍ୟାତ ଗାଳ୍ପିକ, ଔପନ୍ୟାସିକ ଶ୍ରୀଯୁକ୍ତ ସୁମନ୍ତ ମହାନ୍ତି ଯେଉଁ ସାରଗର୍ଭକ ଭାଷଣଟି ଆମ ଆଗରେ ଉପସ୍ଥାପିତ କଲେ, ସତ କହୁଛି, ତାହା ମୋତେ ଅସଂମ୍ପୂର୍ଣ୍ଣ ମନେ ହେଲା। ସେ ଏଇ କଲେଜର ଛାତ୍ର ଥିବା ବେଳେ ଯେଉଁ ଗଳ୍ପଟି ଲେଖିଥିଲେ ଏବଂ ସେଇ ଗଳ୍ପଟିକୁ ନେଇ ଯେଉଁ ସବୁ ଘଟଣା ଘଟିଯାଇଥିଲା, ତାହାକୁ ସେ କେତେକାଂଶରେ ଭୁଲି ଯାଇଛନ୍ତି କିମ୍ବା ଜାଣିଶୁଣି କହିଲେ ନାହିଁ,



ସେ କଥା ମୁଁ ଜାଣେନା। କିନ୍ତୁ ଭଲ ଭାବରେ ଜାଣେ ଯେ 'ଗଳ୍ପ ଚୋର' ନାମକ ଯେଉଁ ଦୁର୍ନାମର ହାରଟି ତାଙ୍କ ବେକରେ ଜୋର ଜବରଦସ୍ତ ଗଳାଇ ଦିଆଯାଇଥିଲା, ତାହା ଥିଲା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ଏବଂ ପରଶ୍ରୀକାତରତା।

"ତତ୍କାଳୀନ ଅଧକ୍ଷ ମହୋଦୟ ଥିଲେ ଜଣେ ସାହିତ୍ୟ ବିମୁଖ ବ୍ୟକ୍ତି। ଦୀର୍ଘ ଦିନ ଧରି ଆର୍ମିରେ କାମ କରି ଆସିଥିବାରୁ ତାଙ୍କ ଭିତରୁ ବୋଧହୁଏ ଶେଷ ହୋଇଯାଇଥିଲା ସବୁ ଆବେଗ ଓ ଭାବପ୍ରବଣତା। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ନଥିଲା ଏତେ ଟିକିଏ ଶ୍ରଦ୍ଧା କିମ୍ବା ଆନ୍ତରିକତା। ଜଣେ ଗାଉଁଲୀ ଯୁବକ ଏତେ ସୁନ୍ଦର ଗପଟିଏ ଲେଖିପାରିବ, ତାହା ବୋଧହୁଏ ଗ୍ରହଣ କରିବା ତାଙ୍କ ପକ୍ଷରେ ଅସହ୍ୟ ଥିଲା। ଶ୍ରୀଯୁକ୍ତ ସୁମନ୍ତ ମହାନ୍ତିଙ୍କର ସେଇ ଗପଟି ଏତେ ବାସ୍ତବ, ଏତେ ଉଚ୍ଚକୋଟୀର ଥିଲା ଯେ, ସେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲେ ଏତେ ଚମତ୍କାର, ତ୍ରୁଟିଶୂନ୍ୟ ଗପ ଇଣ୍ଟରମିଡିଏଟ୍ ପଢୁଥିବା ଜଣେ ଛାତ୍ର ଲେଖିପାରେ ବୋଲି!

ତେଣୁ ଲେଖକର ମାନସକତା, ତା'ର ଆବେଗ, ତାର ଶ୍ରମ ଓ ନିଷ୍ଠା ପ୍ରତି ଟିକିଏ ବି ଧ୍ୟାନ ନ ଦେଇ ଗୋଟିଏ ବାକ୍ୟରେ ହିଁ ସେ କହିଦେଲେ ଯେ ଗଳ୍ପଟି ନିଶ୍ଚୟ କୋଉଠୁ ଚୋରି କରାଯାଇଛି। ଏହା ଶୁଣିବା ଦ୍ୱାରା ଗୋଟେ ନିରୀହ ନିଷ୍ପାପ ହୃଦୟ ଯେ କେତେ କ୍ଷତବିକ୍ଷତ ହେବ, ତା ଭିତରେ ସୁକୁମାର ସତ୍ତାଟି କେତେ ଲହୁ ଲୁହାଣ ହେବ, ସୃଜନ କଢ଼ି ପ୍ରସ୍ଫୁଟିତ ହୋଇ ଆସୁଥିବା ଜଣେ ସ୍ରଷ୍ଟାର ହୃଦୟ ଯେ କେତେ ରକ୍ତାକ୍ତ ହେବ, ସେ କଥା ସେ ଜାଣିନଥିଲେ। ଜାଣିବା ପରି ସୂକ୍ଷ୍ମ ବୁଦ୍ଧି ନଥିଲା ସେଇ ଅଧକ୍ଷ ମହାଶୟଙ୍କର।"

ପ୍ରିନ୍ସିପାଲ ମାଡାମ ଭାଷଣ ଆରମ୍ଭରୁ କହିଥିଲେ ଯେ ମାତ୍ର ଦୁଇ ମିନିଟ ଭିତରେ ଶେଷ କରିବେ ତାଙ୍କର ବକ୍ତବ୍ୟ। କିନ୍ତୁ ତାହା ଶେଷ ହେବା ପରି ଲାଗୁନଥିଲା ଏତେ ଶୀଘ୍ର। ସାମନାରେ ବସିଥିବା ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଫିସ କର୍ମଚାରୀମାନେ ଗଭୀର ମନଧ୍ୟାନ ଦେଇ ଶୁଣୁଥିଲେ ତାଙ୍କ ବକ୍ତବ୍ୟ। ସେମାନଙ୍କର ଉତ୍ସୁକତାପୂର୍ଣ୍ଣ ମୁହଁରୁ ଜଣାପଡୁଥିଲା ଯେପରି ସେମାନେ ସମ୍ପୂର୍ଣ୍ଣ ଘଟଣାଟି ବିଷୟରେ ଜାଣିବାକୁ ଆଗ୍ରହର ସହ ଅପେକ୍ଷା କରିଛନ୍ତି!

ମାଡାମ୍ ପାଖରେ ରଖାଯାଇଥିବା ବୋତଲରୁ ପିଇଲେ ଦି'ଢ଼ୋକ ପାଣି ଏବଂ ପୁଣି ଆରମ୍ଭ କଲେ–

*(କ୍ରମଶଃ)*

## ବିଶେଷ କବିତା





# ଭଲ ଲୋକ

## ସୁଧୀର ମେହେର

ଭଲ ଲୋକ ଗୁଡାକ
ଅବେଳରେ
କୁଆଡେ ଚାଲି ଯାଆନ୍ତି ସତେ!

ସେମାନଙ୍କୁ
ଆଖି ତରାଟିଲେ ବି
ଦେଖି ହୁଏନି,
ହାତ ବଢେଇଲେ ବି
ଛୁଇଁ ହୁଏନି,
ଲୀନ ହୋଇ ସାରିଥାନ୍ତି
ଶୂନ୍ୟ,ଶୂନ୍ୟ ମହାଶୂନ୍ୟରେ।

ବାସ୍
ପବନରେ/ବତାସରେ
କିଏ ଜଣେ ଲେସି ଦେଇଥାଏ
ମେଞ୍ଚାଏ ଓଦା ପଣ,
ଚଉପାଶେ ଖାଲି ଯାହା
ଅଛି,ଅଛିର ନିଆରା ଅନୁଭବ।

ଆଜି ବି ମନେ ପଡ଼େ ବାବା
ସ୍ନେହ ବୋଳା କେଇପଦ କଥା,
ଚମତ୍କାର ଲେଖୁଚ....
ଏମିତି ଲେଖି ଚାଲୁ ଥାଅ,
ଦିନେ ଯାଇ ଶୀର୍ଷରେ ଠିଆ ହେବ।

ମୁଣ୍ଡ ଉପରେ
ସେ ଆଶିର୍ବାଦର ହାତ ଆଉ କାହିଁ!
କେଉଁଠୁ ପାଇବି ଯେ-ପରକୁ ଆପଣାର
କରି ନେଉଥିବା ସେ ନିର୍ମାତା ପୁରୁଷଙ୍କୁ!

ସତରେ!
ଏମିତି ଅବେଳରେ
କୁଆଡେ ଚାଲି ଯାଆନ୍ତି ଯେ ଏମାନେ...?
ଥରୁଟିଏ ଫେରି ଆସନ୍ତେନି
ଦେଖିନେବାକୁ
କେମିତି ଅଛନ୍ତି ତାଙ୍କ ପ୍ରିୟ ପରିଜନ।

ହେଲେ,
ଅଗମ୍ୟ ଅରଣ୍ୟରେ ବାଟବଣା
ପକ୍ଷୀ କ'ଣ ଆଉ ଫେରେ!

ଜୀବନରେ
କିଛି ତ ଦେଇ ପାରିଲିନି ତା'ଙ୍କୁ,
ଆଜି,ତାଙ୍କର ଅବର୍ତ୍ତମାନ ରେ
ତାଙ୍କର ସେଇ ପବିତ୍ର ପାଦପଦ୍ମରେ
ଢାଳି ଦେଉଚି ଦି'ବୁନ୍ଦା ଲୁହ।

*ଚିଟୈଗୁଡା, ଜୁନାଗଡ଼, କଳାହାଣ୍ଡି*
*ସଂପର୍କ :୯୫୮୩୫୮୮୮୭*



# ଶଠତା

## ଡକ୍ଟର ଆଲୋକ କୁମାର ରାୟ

ଆସ୍ଥାର ପ୍ରଜ୍ୱଳିତ ଦୀପ ତଳେ
ଅନାସ୍ଥାର ବହଳ କିଟିମିଟିଆ ଅନ୍ଧାର।

ଯେଉଁଠି ଦେଖ ସେଠି ସେମିତି ପଡ଼ିରହିଛି
କୁଢ଼ କୁଢ଼ ଅବଶୋଷ, ହତାଶା,
ମ୍ରିୟମାଣ, ଅସହାୟତାର ପ୍ରମାଣ।

ବନ୍ସିରେ ଥୋପ ଦେଇ ବାଳିଆ ଧରିବା
ସବୁ ସମୟର, ସବୁ ବ୍ୟବସ୍ଥାର, ସବୁ ଅବସ୍ଥାର
ଏକାନ୍ତିକ ଇଛା ଓ ଲିପ୍ସା କବଳିତ ସଂକ୍ରମଣ।

ଚକ୍ରବ୍ୟୁହ ସଂରଚନା ସେବେ ଥିଲା, ଏବେ ଅଛି
ରୂପ ବଦଳାଇ ତାହା ଅପେକ୍ଷାରତ
ଶୋଷିବାକୁ ବଳକା ଯେତେ ବୁନ୍ଦା ଶୋଣିତ।

ପକ୍ଷପାତିତାର ଗହନ ଯନ୍ତ୍ରଣା ବୁଝିବାକୁ
ଉର୍ବର ମସ୍ତିଷ୍କ ବଦଳେ ଲୋଡ଼ା
ନିଷ୍କପଟ, ଅପମିଶ୍ରିତ ହୃଦୟ ଏକ।

ଯେଉଁଥିରୁ ଝରେ କି ସଞ୍ଜ, କି ସକାଳେ
ସହାନୁଭୂତି, ସହଭାଗିତା,
ସହନଶିଳତାର ମଧୁକ୍ଷରା ତାରକ।

ସମୟ ଗଡ଼ାଇ ସମସ୍ୟା ସହ ଯୁଝିବା
ହୋଇ ନପାରେ ବିଜ୍ଞତା।

ରାଜନୀତି ପଶାପାଲିରେ ସବୁ କଥାକୁ ତଉଲି
ଅପେକ୍ଷାର ତୋରଣ ସଜାଇବା
ଯିଏ ଯାହା କହୁ,
ଯେଉଁ ସପକ୍ଷ ଯୁକ୍ତିର ପାହାଡ଼ ତୋଳୁ
ସେସବୁ ଜଳ ଜଳ ଦେଖାଯାଉଥିବା
ନିରୋଳା, ନିପଟ, ନିରନ୍ତର ଶଠତା।

*ସହୀଦ ନଗର, ଭୁବନେଶ୍ୱର*
*ଦୂରଭାଷ :୯୪୩୭୦୬୮୦୦୩*



# ବିଭୋର ବେଳ

## ଶୁଭସ୍ମିତା ତ୍ରିପାଠୀ

ଝିଅ,
ତମ ଯନ୍ତ୍ରଣାରେ ବଞ୍ଚେଇ ରଖ ଏ ପୃଥିବୀକୁ
ବଞ୍ଚେଇ ରଖ ଏ ପୃଥିବୀର
ଶେଷ ପ୍ରେମିକା ଟିର ଏଣ୍ଡୁଣ୍ଡି ବନ୍ଧ ଉପରର ପାଦ
ଏବଂ ତା ତଳର କଣ୍ଟା ମୁନଟିକକର ମୋହ,
ନାଁ ଟିଏ ଦିଅ ସେ ଦରଜର
ତା'ପରେ ଉଡି ଆସିଥିବା କାକର ଜୁଡୁବୁଡୁ
ଜୁଳୁଜୁଳିଆ ପୋକ ମାନଙ୍କ ପରରେ
ଲେଖିଦିଅ "ଜହ୍ନ"
ତୁମ ଦର ମଉଳା ମଧୁମାଳତୀଙ୍କ ପାଖୁଡ଼ାରେ ଲେଖ
"ରକ୍ତ କୈରବ" ତମ ଲୁହ ଟୋପାଙ୍କ ଉପରେ ଆଙ୍କ
"ହଳଦୀ ରଙ୍ଗର ଦେବୀମୁହଁ"
ତମ ଆତଙ୍କର ମହୁଫେଣାର ଡାଳରେ
ଝଡ଼ିଲା ଫୁଲ ମାନଙ୍କ କଙ୍କାଳ ଟଙ୍ଗେଇ
ସେମାନଙ୍କ ଉପରେ ଲେଖିଦିଅ "ଆଉଟା ସ୍ୱପ୍ନ"
ତମ ତକିଆ ତଳେ ଲୁଚେଇ ରଖିଥିବା
ସବୁ ଦୀର୍ଘଶ୍ୱାସର ଗପ ମାନଙ୍କୁ ନାଁ ଦିଅ
"କନିଅର ଫୁଲ,ଭୋର ବେଳର"
ତମ ତମାମ ଅସୋସ ମାନଙ୍କୁ
ନାଁ ଦିଅ "ଆକାଶର ଶୂନ୍ୟସ୍ଥାନ"
ଭୋଗିଚାଲ ସବୁ ଶୂନ୍ୟତା ଓ ଅପହଞ୍ଚତା
ଯେତେ ଅଛି ମହଣ ମହଣ
ତମେ ବୁଝିବ, ତମେ ଓ ଆକାଶ
ଦୁଇ ସମାନ୍ତରାଳ ମହାଶୂନ୍ୟ,
ତମ ଡେଣାରେ ଜମେଇ ଦିଆଯିବ
ଭାରୀ ଭାରୀ ମେଘ,
ତମ ଚଞ୍ଚୁରୁ ଫୁଲ ଛଡେଇ ଖେଞ୍ଚି ଦିଆଯିବ
ନଈ ମାନଙ୍କ ତଣ୍ଟିର ଶୋଷ, ତମ ଆଖିରୁ ସ୍ୱପ୍ନ ଆଡେଇ
ଟଙ୍ଗେଇ ଦିଆଯିବ ହାରିଯିବାର ଭୟ
ତମେ କିନ୍ତୁ ଆକାଶରେ ବାଟ ଖୋଜିବ ଝିଅ !
ତମେ ଚାଲିଯିବାର ବାଟେ ଭରିବ ମେଘ ଠୁ ଅଧିକ
ଦରଦ,
ଏକାନ୍ତ କୋମଳ ଓଦା ଶବ୍ଦରେ,ତୁରେଇବ
ମାଟି ଆଉ ପାହାଡ଼,
ପର୍ଣ୍ଣମୋଚୀର ପତ୍ର ହେଇ ଝରୁଥିବା ଝରନ୍ତା ତାରାର
ଜଳନ୍ତା ନିଆଁ କୁ ଶୀତଳେଇ ତମେ
ଆକାଶରେ ଲେଖିବ
ପକ୍ଷୀବସାର କୁଟାକାଠିର କବିତା
ସେତେବେଳେ ଆକାଶର ରାସ୍ତା ସବୁ
ତମକୁ ନେଇଯିବେ ସମୁଦ୍ର ପର୍ଯ୍ୟନ୍ତ
ଝିଅ;ସେଇଠି ତମେ ଆକାଶର ଶେଷ ରାସ୍ତା
ଆଉ ସମୁଦ୍ରର ଶେଷ କମ୍ପନର
ମିଶ୍ରିତ ରୂପଟିଏ ହେବ
ବୁଝିବ ଝିଅ,
ତମ ଆଖି ଆଉ ତମ ଦୃଷ୍ଟି ଦେଖୁଥିବା ଦୃଶ୍ୟ
ଅନ୍ୟ ମଣିଷଙ୍କ ପାଇଁ ହେଇ ବସିବ ଅବୋଧ
ସେମାନେ ଶୁଣିବେ ତୁମ କଣ୍ଠସ୍ୱର,
ଲୁହ ଅଳତାରେ ବୁଡିବ ତୁମ ପଦ୍ମପତ୍ରର ପାଦ
ତଥାପି, ତମ ଉଚ୍ଚାରଣ
ସାମୁଦ୍ରିକ ଲହରୀ ଭଳି ଧୋଇଦେବ
ବାଲି ଆଡେଇ ଶାମୁକା ଖୋଜୁଥିବା
ଆଉ ମାନଙ୍କର ଦେହରୁ ବିଛିନ୍ନ ପାଦ,
ତମ ବିକ୍ଷିପ୍ତତାରେ ପୃଥିବୀର ପ୍ରତିଟି ଗଛ
ପତ୍ରରେ ଭରିବେ ତାଙ୍କ ସବୁଜିମା,
ଦେହରୁ ପରଦା ଆଡେଇ ତମ ଆକାଶ
ଭାଙ୍ଗି ଆସିବ ତାର ପୂର୍ବ ଗଢଣ
ଝିଅ,
ଶେଷ ରେ ତମେ ଦୁଇଫାଳ ପୃଥିବୀକୁ ଦେଖିବ
ତା ଭିତରର ମେଲା ଶୀତଳତାରେ
ଇଚ୍ଛା ହେଲେ ମୁହଁ ଥୋଇ ମୁଦିବ ଆଖି,
ନୀଳ ଝଙ୍କାରରେ ଓଦା ହେବ ତମ ସର୍ବାଙ୍ଗ
କେଇ ବର୍ଷପରେ ତମ ପାଇଁ
କେଉଁ ପରଦେଶୀ କବି ଟିଏ ଲେଖିଥିବ କବିତା
ଯା'ର ନାଁ ହେଇଥିବ
"ଝଡ଼ କୁ ଭଲପାଉଥିବା
ଗୋଟେ ଶୀତଳ ବିଦ୍ରୋହର ଜହ୍ନରାତି"!

*ବ୍ରହ୍ମପୁର, ଗଞ୍ଜାମ*
*ଦୂରଭାଷ : ୮୪୮୦୮୬୭୧୯୦*



# ପ୍ରେମିକା

## ରାମହରି ମହାରଣା

ଭଲ ପାଇଲି ଫୁଲକୁ
ନଦୀକୁ, ରାତିକୁ
ସ୍ୱପ୍ନ ସବୁକୁ
ଫିଙ୍ଗିଦେଲି
ସାଗର ବୁକୁକୁ।

ଜହ୍ନ ଅଗଣାରେ ଖେଳେ
ପକ୍ଷୀର କାକଳୀ
ହସିଉଠେ ଦରଫୁଟା
ଗୋଲାପର କଢ଼ି।

ମୃଗ ନୟନୀ
ବାନ୍ଧିଥିଲା ଯେଉଁ
ସୁଗନ୍ଧ କବରୀ,
ତା ଲାଗିସିନା ସିନା
କୋମଳ ହୃଦୟ ମୋର
ବାରବାର ବାରବାର
ବହୁବାର ଚୋରୀ।

ଛୁଉଁ ଛୁଇଁ
ଲାଜକୁଳି ଲତା
ମଉନା ବତୀ,
ବିନା ଆଶାଢ଼ରେ
କିବା କଦମ୍ବ ଫୁଟିଛି।

*ରାମହରି ମହାରଣା*
*ବାଲକାଟୀ, ଖୋର୍ଦ୍ଧା*

# ପଥପ୍ରାନ୍ତ

## ପ୍ରଭାତି ଜେନା



*(ପୂର୍ବପ୍ରକାଶ ଉତ୍ତାରୁ)*

ପରିବାରକୁ ସମ୍ଭାଳିବାରେ ସିଧିତା ପ୍ରାପ୍ତ ହୋଇଥାଏ।

କହିବାର ଯଥାର୍ଥତା ହେଲା ବେଦୀ ଚାରିକୋଣରେ ତିଆରି ହୋଇଥିବା ସେହି ମଣ୍ଡପର ବିଶେଷ ଭୂମିକା ରହିଛି। ଗୋଟେ ସ୍ତ୍ରୀର ଅପମାନ ପୁରୁଷ ସହି ପାରେନି କି ସ୍ୱାମି ଅପମାନ ସ୍ତ୍ରୀ ସହ୍ୟ କରି ପାରେନି ଯାହା ଜ୍ୱଳନ୍ତ ଉଦାହରଣ ଶିବ ସତୀ ବିବାହ ବୈଭବ ବୁଝିପାରିଥିଲେ ସ୍ୱାମୀ ସ୍ତ୍ରୀଙ୍କ ସଂପର୍କ। ବେଳେ ବେଳେ ଅଜାଣତେ କରି ଥିବା ଭୁଲ ଜାଣିଥିବା ଭୁଲ୍‌କୁ ଜାଣି ମଧ ଭୁଲ କରେ ତାହାର କ୍ଷମା ସହଜେ ମିଳେନି। ଅଜାଣତେ ଭୁଲ୍‌କୁ କ୍ଷମା କରି ଦିଆଯାଏ ସଂପର୍କ ମଜ୍‌ବୁତ୍ ହେବାକୁ ହେଲେ ନିଜର କଥା କୁ ଗୁରୁତ୍ୱ ନ ଦେଇ ଅନ୍ୟର କଥା ଯେଉଁଟା ଆମ ପାଇଁ ନିହାତି ଆବଶ୍ୟକ ତାହା ଗୁରୁତ୍ୱ ଦେବା ଆବଶ୍ୟକ ହୋଇ ପଡିଥାଏ। ନିଜର ମନମାନି ଅଂହକାର ଯୋଗୁଁ ଆମ ସଂପର୍କର ରଂଗ ଫିକା ପଡିଯାଏ । ମଳିନତା ଦିଶେ , ଅଳନ୍ଧୁ ଜମି ସଂପର୍କରେ ଦାଗ ଲଗାଏ। ବୈବଭ ଆଉ ବର୍ତ୍ତୀକା ଛୋଟ ବେଲୁ ଭଲସାଙ୍ଗ ଥିଲେ। ପରସ୍ପରକୁ ଭଲ ଜାଣନ୍ତି, ଉଭୟ ପରିବାର ମଧରେ ଆକାଶ ପାତାଳର ଫରକ ସଂପର୍କର....

ବୈଭବ ର ବାପା ରାଜନୀତି କରୁଥିବା ରାଜନେତ ଥିଲେ। ବର୍ତ୍ତିକା ବାପା ପୋଲିସ୍ ଅଧିକାରୀ ଜଣେ ନ୍ୟାୟର ଦେବତା ଆଉ ଜଣେ ଅନ୍ୟାୟର ରାଜୁତି କରୁଥିବା ରାଜନାୟକ। ଅଂହକାରରେ ଘର ଆଉ ମଣିଷକୁ କୁକୁର ଭଳି ବ୍ୟବହାର କରନ୍ତି ଯେ ସେମାନଙ୍କ ଘରଛାଡି ଚାଲି ଯିବାକୁ ଇଚ୍ଛା । କ'ଣ କରିବେ ପରିସ୍ଥିତି ପରିବେଶ ସମାନ ନ ଥାଏ। ପରିବାର ଚଳୁଛନ୍ତି। ଏମାନଙ୍କ ଦରମାରେ ସମୟରେ ତ ଦରମା ଗଣ୍ଡିକ ମିଳିଯାଏ। ସେଥିରେ ସମସ୍ତେ ଖୁସି ।ବର୍ତ୍ତୀକା ବୈଭବର ଘରକୁ ଯେବେ ଯାଏ ଲୁଚି କି ବାପା ଜାଣିଲେ ଗାଳିକରିବେ। ବୈବଭ ବାପା ଆଦିତ୍ୟ ବି ବହୁତ ହଇରାଣ କରନ୍ତି। ବର୍ତ୍ତୀକାର ବାପା ଓମ୍ ସ୍ୱରୂପ ନାୟକ ଓମ୍ ବାବୁ ନ୍ୟାୟର ମୂର୍ତ୍ତୀଙ୍କୁ । ରାଜନୀତିର ପାଓ୍ୱାର ପଇସା।

ପଇସା ପକେଇ ତାମସା ଦେଖନ୍ତି।

ଏଭଳି ପରିସ୍ଥିତି ବର୍ତ୍ତିକା ଆଉ ବୈବଭ କଥାବାର୍ତ୍ତା ଚାଲେ। ବର୍ତ୍ତୀକା –ବୈଭବ! ତମେ ଜାଣ ତମବାପା ମୋ ବାପା ଙ୍କ ପୁରା ବିପରୀତ ଦିଗ। ଗୋଟେ ପୂର୍ବ ତ ଗୋଟେ ପଶ୍ଚିମ ।ଏମାନଙ୍କ କେବେ ପଡିବ ନାହିଁ। ବୈଭବ –ମୋତେ ତ ଏମିତି ହିଁ ଲାଗେ। ଛାଡ ତମର ମୋର ଛୋଟ ବେଲୁ ଦେଖୁ ଆସୁଛେ। ଆମ ଭିତରେ ମତାନ୍ତର ହୁଏ ମନାନ୍ତର ହୋଇନି ନା!

ହେଲେ ମୋ ବାବା ବଦଳିବା ଚାନ୍‌ସ୍ ହିଁ ନାହିଁ। ତାଙ୍କ ଅଂହକାର ସମାଜର ପ୍ରତିଷ୍ଠା ତା' କୁ ବରବାଦ୍ କରିଦେବ। ସେ ଶୁଣିବେନି। ଏବେ ମାମା ବି ବଦଳି ଗଲେଣି। ତାଙ୍କର ଆଦର ସ୍ନେହ ଲୋକଙ୍କ ପ୍ରତି ସଚ୍ଚୋଟପଣ ଥିଲା। ସେବି ବଦଳିବା ଆରମ୍ଭ କଲାଣି। ମୋତେ ତ ଘରକୁ ଯିବାକୁ ଆଉ ଭଲ ଲାଗୁନି। ଆଉ ବଡଭାଇ ବାପାଙ୍କ ଭଳି ରୁକ୍ଷ ହୋଇ ଗଲେଣି। ବିଚାରି ଭାଉଜ ଅଣନିଶ୍ୱାସ ହୋଇ ଯାଉଛି। ନା' ତାକୁ ବାହାରକୁ କେହି ଛାଡୁ ନାହାନ୍ତି। ନାଁ ସେ ଆସି ପାରୁଛନ୍ତି।

ବର୍ତ୍ତିକା –ତମେ କିଛି ବାହନା କରନ୍ତୁ। ଭାଉଜଙ୍କୁ ବୁଲେଇବା ପାଇଁ। ମାଆଙ୍କୁ କିଛି ଆଡୁସାଡୁ କହିଦିଅ। ଆମ ଘରକୁ ଯେଉଁ ସବୁ ବାହାନା କରି ଆସ । (ହସି ଉଠିଲେ ଦୁଇ ଜଣ) ଅନ୍ତତଃ ସେ ଟିକେ ସୁସ୍ଥ ମାନସିକତାରେ ରହିବେ।

ବୈଭବ –ତମେ ଯାହା କହୁଛ ସେଇୟା ହିଁ କରିବି। ମାଙ୍କୁ ମିଛ ସତ କଥା କହି ଭାଉଜଙ୍କୁ ରାଜି କରେଇ ବୁଲେଇବାକୁ ନେଇ ଆସିଲେ।

ଭାଉଜ ସମ୍ବେଦନଶୀଳା ସ୍ନେହୀ ବି । ବୈବଭ ଆଉ ବର୍ତ୍ତିକା କୁ ମନକଥା ପଚାରିଲେ । ତମେ କୁହ ତମେ ଦୁଇଜଣ ପରସ୍ପର ପରସ୍ପରକୁ ପ୍ରେମ କରୁଛ କି। ନା ଏମିତି ସାଙ୍ଗ।

ବର୍ତ୍ତିକା – ନା ମ ଭଲପାଏ ଭାଉଜ।

ବୈବଭ- ହେ ନା ମ ମୋ ସାଙ୍ଗ ଆଉ କିଛି ନୁହେଁ।



*(କ୍ରମଶଃ)*





# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧକ୍ଷା ବୀଣା ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିପରି ସୁରୁଖୁରୁରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ, ବିଭିନ୍ନ କମିଟି ଗଠନ, ଅତିଥି ଚୟନ, ଜାନୁଆରୀ ୨୪ ଓ ୨୫ତାରିଖ ଦିନ ପ୍ୟାରେଡ ଅଭ୍ୟାସ ଅନୁଷ୍ଠିତ ହେବ ଓ ଜାନୁଆରୀ ୨୨ ତାରିଖ ଦିନ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହେବା ନେଇ ବ୍ୟାପକ ଭାବେ ଆଲୋଚନା ହୋଇଥିଲା। ଡାବୁଗାଁ ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ବୀଣା ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମୀର କୁମାର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍.ଆପ୍ପା ରାଓ, ଭାଜପା ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡା, ସବଇନିସ୍‌ପେକ୍ଟର ବିକ୍ରମ କିଶୋର ସାହୁ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କିଶାନ, ବନରକ୍ଷୀ ଅନିତା କୁମାରୀ ହିଆଲ, ବିଶ୍ୱନାଥ ରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଶିକ୍ଷୟତ୍ରୀ ଗୀତାଞ୍ଜଳି ନିହାଲ, ବନାଲତା ମହାନ୍ତି, ରଞ୍ଜିତା ଦାଶ, ଜ୍ୟୋତ୍ସ୍ନା ପରିଡା, ପଦ୍ମିନୀ ଭଦ୍ରା, ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନୌଜ ମହାପାତ୍ର, କ୍ରୀଡାଶିକ୍ଷକ ହେମନ୍ତ କୁମାର ସାମଲ, ଶିକ୍ଷକ ପୁଲସ୍ତି ସାହୁ, ବିକାଶ ରଞ୍ଜନ ନିଶଙ୍କ, ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱେଶ କୁମାର ତ୍ରିପାଠୀ, ଉମେଶ ପାତ୍ର, ନିତ୍ୟାନନ୍ଦ ଜେନା ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପଠାଣି ସାମନ୍ତ ପ୍ଲାନେଟାରିୟମର ନବୀକରଣ ପାଇଁ ବୁଝାମଣା

**ଭୁବନେଶ୍ୱର :** ରାଜ୍ୟର ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଏବଂ ମହାକାଶ ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିଭାଉଥିବା ପଠାଣି ସାମନ୍ତ ପ୍ଲାନେଟାରିୟମର ନବୀକରଣ ପାଇଁ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ୧୯୯୦ ମସିହାରୁ ଜନସାଧାରଣ ମାନଙ୍କ ଉତ୍ସର୍ଗୀକୃତ ଏହି ପ୍ଲାନେଟାରିୟମର ଆଧୁନିକୀକରଣ ତଥା ଏହାର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କୋଲକାତାସ୍ଥିତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଟେକ୍ନୋଲୋଜି ମ୍ୟୁଜିୟମ (ବିଆଇଟିଏମ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନସ୍ଥିତ ଉନ୍ନୟନ କମିଶନରଙ୍କ ସମ୍ମିଳନୀ କକ୍ଷରେ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଏବଂ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅନ୍ତର୍ଗତ ନ୍ୟାସନାଲ କାଉନସିଲ ଅଫ ସାଇନ୍ସ ମ୍ୟୁଜିୟମସ୍ ଅଧିନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍ (ବିଆଇଟିଏମ୍)ର ନିର୍ଦ୍ଦେଶକ ଶ୍ରୀ ଅର୍ଣ୍ଣବ ଚାଟାର୍ଜୀଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଖୁବଶୀଘ୍ର ଏକ ବୈଷୟିକ ଦଳ ଆସି ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ଚାଟାର୍ଜୀ ସୂଚନା ଦେଇଥିଲେଫ ଏହି ଅବସରରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀଦେଓରଞ୍ଜନ କୁମାର ସିଂହ ଯୋଗଦେଇ ବିଜ୍ଞାନ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ନିଜେ ଜଣେ ପଦାର୍ଥ ବିଜ୍ଞାନର ଛାତ୍ର ଭାବେ ବିଜ୍ଞାନ ପ୍ରତି ଥିବା ତାଙ୍କ ରୁଚି ଓ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ନବୀକରଣ ପାଇଁ ସମସ୍ତ ସହଯୋଗ ପ୍ରଦାନ କରାଯିବ ଓ ଏହି ଅନୁଷ୍ଠାନ ଆଗାମୀ ଦିନରେ ରାଜ୍ୟରେ ପଠାଣି ସାମନ୍ତ ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘ଓଡ଼ିଶା ରାଜନୀତିରେ ...

ଆହ୍ୱାନ ବୁମେରାଙ୍ଗ ହୋଇପାରେ। ବିରିଷ୍ଠ ନେତା ତଥା ପୂର୍ବତନ ବିଧାୟକଙ୍କ ଏଭଳି ବୟାନ ବିଜେଡିକୁ ଅଡୁଆ ପରିସ୍ଥିତିରେ ପକାଇଛି। ନେତାଙ୍କ ମଧ୍ୟରେ କୁହୁଳୁଥିବା ନିଆଁକୁ ଆହୁରି ତେଜିଛି। ଖାଲି ସେତିକି ନୁହେଁ ଅରବିନ୍ଦ ଓ ସନାଙ୍କ ନିଲମ୍ବନ ବିଜେଡିକୁ କ୍ଷତି ପହଞ୍ଚାଇବ ବୋଲି ଅନେକ ନେତା ମତ ପ୍ରକାଶ କରିଛନ୍ତି। ବିଜେଡିରୁ ନିଲମ୍ବିତ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର। ସେ କହିଛନ୍ତି ଏହି ନିଲମ୍ବନ କିଛି ଫରକ ପଡ଼ିବନି। ମୁଁ ମୋ ନିର୍ବାଚନ ମଣ୍ଡଳୀର ସାଧାରଣ ଜନତାଙ୍କ ସହ ରହିଛି ଆଉ ରହିବି। ମୁଁ କିଛି ଦୁର୍ନୀତି କରିନି। ଅରବିନ୍ଦଙ୍କ ସମର୍ଥକ ମାନେ ମଧ୍ୟ ନବୀନ ପଟ୍ଟନାୟକଙ୍କ ପଦକ୍ଷେପକୁ ନିନ୍ଦା କରିବା ସହ ପାଟକୁରାରେ ବିଜେଡିର ଶୋଚନୀୟ ସ୍ଥିତି ହୋଇଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଅରବିନ୍ଦ ମହାପାତ୍ରଙ୍କ ବାପା ବିଜୟ ମହାପାତ୍ର କହିଛନ୍ତି, କାହିଁକି ପୁଅକୁ ନିଲମ୍ବନ କରାଗଲା ମୁଁ ଆଦୌ ଜାଣିନି। ବିଶ୍ୱାସଘାତକ କିଏ ଲୋକେ ବିଚାର କରିବେ। ଏହା ପଛରେ ଷଡ଼ଯନ୍ତ୍ର ଥାଇପାରେ ବୋଲି ସନ୍ଦେହ ହେଉଛି। ସେହିଭଳି ଅରବିନ୍ଦ କହିଥିଲେ, ମୁଁ ନିଲମ୍ବନ ସମ୍ପର୍କରେ ଗଣମାଧ୍ୟମରୁ ଜାଣିଲି। ଦଳର କୌଣସି ନେତା ମୋ ସହ କଥା ହୋଇନାହାନ୍ତି। କାହିଁକି ନିଲମ୍ବନ କରାଗଲା, ମୁଁ ଜାଣିନାହିଁ। ଦଳକୁ ଅସୁବିଧାରେ ପକାଇଲା ପରି କାମ ମୁଁ କରି ନାହିଁ।

### ପୁଣି ବିଜେଡିକୁ ...

କାରଣ ପିଲାଟି କାଳେ କାନ୍ଦିବ। ଚାରି ପାଞ୍ଚ ବର୍ଷ ଯାଏ ଏସବୁ ଚାଲେ, ହେଲେ ପିଲା ବଡ଼ ହେଇ ପ୍ରାପ୍ତ ବୟସରେ ପହଞ୍ଚିଲା ପରେ ମଧ୍ୟ ବାପା ଯଦି ପିଲାର ମିଛକୁ ସତ କହି, ତା ହଁ ରେ ହଁ କୁହନ୍ତି, ତେବେ ଜନେ ହସନ୍ତି। ସେପଟେ ଶ୍ରୀମୟୀଙ୍କ ଭଳି ଏଲିନା ମଧ୍ୟ ଏଭଳି ସୁଯୋଗର ଖୁବ୍ ଭରପୁର ଫାଇଦା ନେଇଛନ୍ତି। ସେ ବି ଶିଖିଗଲେଣି ‘ନଈଁ ପଡ଼ିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ’। ତେଣୁ ସେ ମଧ୍ୟ ବିଜେଡି ନେତାଙ୍କୁ ତାଚ୍ଛଲ୍ୟ କରି ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି, ‘ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି, ମଝି ବରଡ଼ା ଥାଇ କହୁଛି ମୋ ବେଳ କାଳ ଆସୁଛି। ୫୧ ରୁ ୫୦ ହେଲେ, ତାପରେ ୪୮ ହେଲେ। ଗୋଟିଏ କ୍ରୀତଦାସ ପାଇଁ ଆଜି ଓଡ଼ିଶା ସାରା ହଜାର ହଜାର ବିଜେଡି କର୍ମୀ ତୃଣମୂଳ ସ୍ତରରେ ହନ୍ତସନ୍ତ ହେଉଛନ୍ତି। ଏବେ ବି ଯଦି ବିଧାୟକ ମାନେ ଏକ ନହୋଇ କ୍ରୀତଦାସତା କରିବେ ତାହେଲେ ଆଗାମୀ ଦିନରେ କାହା ବେଳ କାଳ କେତେବେଳେ ଆସିବ ତାହା କେବଳ ପ୍ରେସ୍ ରିଲିଜ୍ ଏବଂ ମିଡିଆରୁ ହିଁ ସମସ୍ତେ ଜାଣିବାକୁ ପାଇବେ ! ବିଜେଡିକୁ ଏବେ ପ୍ରଭୁ ଜଗନ୍ନାଥ ହିଁ ଭରସା। ବେଳ ଥାଉ ଥାଉ ଏକ ହୁଅ, ଏକତା ହିଁ ବଳ, ବିଭାଜନ ହିଁ ପତନ’ ବୋଲି ଏଲିନା ଲେଖିଛନ୍ତି।

### ଭଣ୍ଡବାବାଙ୍କୁ ...

ପୂର୍ବ ବର୍ଷମାନଙ୍କରେ ଯାତ୍ରା ମଞ୍ଚ ତଳେ ୫ ହଜାର ଚୌକି ପଡୁଥିଲା, ହେଲେ ଏଥରକ ତାହାର ଅଧା ଅର୍ଥାତ ଅଢେଇ ହଜାର ଚୌକି ପଡ଼ିବ। ଯାତ୍ରା ପରିବେଷଣ ବେଳେ ଦର୍ଶକମାନେ ଯେପରି ବସିବା ଓ ଯାତାୟାତରେ କୌଣସି ବାଧକ ନଆସିବ ସେ ଦିଗରେ ଗୁରୁତ୍ୱ ଦିଆଯିବ। ପୂର୍ବରୁ ବିଏମସି ବୈଠକରେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ଜୋର ଦିଆଯାଇଥିବା ବେଳେ ଏହାକୁ କଡ଼ାକଡ଼ି ପାଳନ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ। ମାଘ ସପ୍ତମୀରୁ ଆରମ୍ଭ ହୋଇ ମାଘ ପୂର୍ଣ୍ଣମୀ ଅର୍ଥାତ୍ ୯ ଦିନ ଧରି ଖଣ୍ଡଗିରିରେ ତପ ଜପ। ଆଧ୍ୟାତ୍ମିକ ପରିବେଶ ସହ ଆଧୁନିକତାର ସମ୍ମିଶ୍ରରେ ଖଣ୍ଡଗିରି ପାଦଦେଶ ପ୍ରକମ୍ପିତ ହେବ, ଆଉ ମେଳାର ମଜା ନେବେ ରାଜଧାନୀବାସୀ।

### ଛୋଟ ପ୍ରୟାସରୁ ...

ସୁଦୃଢ଼ କରିବା ଦିଗରେ ପରାମର୍ଶ ଦେଇଛନ୍ତି। ଚତୁର୍ଥରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜାତୀୟ ଶିକ୍ଷା ନୀତିରେ ଥିବା ବର୍ଷକୁ ୧୦ ଦିନ ବସ୍ତାନୀ ବିହୀନ ବିଦ୍ୟାଳୟ ପ୍ରଚଳନକୁ ଅଧିକ ବ୍ୟାପକ କରିବା ଦିଗରେ ପରାମର୍ଶ ଦେଇଛନ୍ତି। ଗଣଶିକ୍ଷା ମନ୍ତ୍ରୀ ଉପସ୍ଥିତ ରହି ରାଜ୍ୟ ସରକାର ବିକଶିତ କରିଥିବା ନୂତନ ପାଠ୍ୟପୁସ୍ତକ ସମ୍ପର୍କରେ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ଓଡ଼ିଶା ୫୫ ଟି ନୂତନ ଏନସିଇଆରଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ଏଥିସହ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ତିନୋଟି ନୂତନ ବିଷୟ - କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା, ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ କରୁଥିବା ସୂଚନା ଦେଇଛନ୍ତି। ସେ ଏହାମଧ୍ୟ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଯେଉଁ ସଂସ୍କାର କରାଯାଉଛି ତାହା କେବଳ ପାଠ୍ୟକ୍ରମ କିମ୍ବା ପାଠ୍ୟପୁସ୍ତକରେ ପରିବର୍ତ୍ତନ ନୁହେଁ, ବରଂ ପିଲାମାନଙ୍କ ଭବିଷ୍ୟତ ଏବଂ ଓଡ଼ିଶାର ପ୍ରଗତି ପାଇଁ ଏକ ସାମୂହିକ ପ୍ରତିବଦ୍ଧତା। କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ କହିଛନ୍ତି, ଜାତୀୟ ଶିକ୍ଷା ନୀତିକୁ ଓଡ଼ିଶାରେ ଭଲ ଭାବରେ ପ୍ରଚଳନ କରିବା ହେଉଛି ଆମର ଦାୟିତ୍ୱ଼ ଏହିକ୍ରମରେ ଶିକ୍ଷକମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ମାଷ୍ଟର ରିସୋର୍ସ ପର୍ସନ ମାନେ ଜାତୀୟ ଶିକ୍ଷା ନୀତିକୁ ରାଜ୍ୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିକଟରେ ପହଞ୍ଚାଇବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟାନ୍ୱୟନ ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରିବାରେ ଓଡ଼ିଶାର ସକ୍ରିୟ ଆଭିମୁଖ୍ୟ ରହିଛି। ଜାନୁଆରୀ ୨୦୨୫ ରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ନୀତି ନିର୍ଦ୍ଧାୟକଙ୍କ ଅଂଶଗ୍ରହଣରେ ଅନୁଷ୍ଠିତ ଜାତୀୟସ୍ତରୀୟ ସମ୍ମିଳନୀର ଆୟୋଜନରେ ଜାତୀୟ ଶିକ୍ଷା ନୀତିର ଆଭିମୁଖ୍ୟ ଏବଂ ଓଡ଼ିଶାର ସାଂସ୍କୃତିକ ଦୃଷ୍ଟିପଟକୁ ନେଇ କିପରି ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ପ୍ରସ୍ତୁତ ହୋଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ରାଜ୍ୟ ଷ୍ଟିୟରିଂ କମିଟି, ବିଦ୍ୟାଳୟ ଶିକ୍ଷା ନିମନ୍ତେ ଓଡ଼ିଶା ପାଠ୍ୟକ୍ରମ ଢାଞ୍ଚା ବିକଶିତ କରିଛି। ଏହି ପାଠ୍ୟକ୍ରମ ଢାଞ୍ଚା ଏନସିଇଆରଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ଆନୁଷ୍ଠାନିକ ଭାବେ ସେପ୍ଟେମ୍ବର ୫ , ୨୦୨୫ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଏହାର ଉନ୍ମୋଚନ କରିଛନ୍ତି। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ୫୫ ଟି ନୂତନ ଏନସିଇଆରଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରାଯାଇଛି। ଏହା ରାଜ୍ୟର ଆବଶ୍ୟକତା, ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରିବ। ସମସ୍ତ ନୂତନ ପାଠ୍ୟପୁସ୍ତକ ୨୦୨୬-୨୭ ଶିକ୍ଷାବର୍ଷରୁ ସମସ୍ତ ବିଦ୍ୟାଳୟରେ ଲାଗୁ କରାଯିବ। ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ଚାରୋଟି ଜୋନରେ ୪ ଟି ବ୍ୟାଚରେ ୧୦୦୦ ମାଷ୍ଟର ରିସୋର୍ସ ପର୍ସନଙ୍କୁ ଦିଗଦର୍ଶନ ଦିଆଯାଇଛି। ଏହି ମାଷ୍ଟର ରିସୋର୍ସ ପର୍ସନ ଗଣଶିକ୍ଷା ବିଭାଗ ଏବଂ ଜନଜାତି ବିଭାଗର ୧.୬୬ ଲକ୍ଷରୁ ଅଧିକ ପ୍ରାଥମିକ ଶିକ୍ଷକଙ୍କୁ ଜିଲ୍ଲାସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରିବେ।

### ‘ନିପା ପାଇଁ ...

ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଥିସହ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ରାଜ୍ୟର ବର୍ତ୍ତମାନ ସ୍ଥିତି, ସତର୍କତା ବ୍ୟବସ୍ଥା, ରୋଗ ନିରୀକ୍ଷଣ, ନମୁନା ପରୀକ୍ଷା, ଆଇସୋଲେସନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ସମ୍ପୂର୍ଣ୍ଣ ଆଲୋଚନା କରାଯାଇଛି।

### ଜମି ନେଉଛନ୍ତି ...

୧୯୭୪ ମସିହାରୁ ୧୯୯୭ ମଧ୍ୟରେ ପାଞ୍ଚଶହ ଚାରି ଏକର ୩୭ ଡେସିମିଲ ଜମିକୁ ଲିଜ ଦେଇଥିଲା ପୌର ସଂସ୍ଥା। ଯେଉଁଥିରେ ୧୭୮ ଏକର ସରକାରୀ ସଂସ୍ଥାର ଲିଜ ରହିଛି। ଘରୋଇ ସଂସ୍ଥାକୁ ପ୍ରାୟ ୫୨ ଏକର ଦିଆଯାଇଥିବା ବେଳେ ବ୍ୟକ୍ତିଗତ ଭାବରେ ୨୭୧ ଡେସିମିଲ ଲିଜରେ ଦିଆଯାଇଛି। ତେବେ ୧୯୯୭ ମସିହା ଠାରୁ ଏହାକୁ ଆଉ ଲିଜ ଦିଆଯାଇନାହିଁ କି ଅଣାଯାଇ ନାହିଁ। ରାଜସ୍ୱ ବିଭାଗ ଏହି ଜମିକୁ ନିଜର ଦାବି କରିବାରୁ ପୌର ସଂସ୍ଥା ଓ ରାଜସ୍ୱ ବିଭାଗ ମଧ୍ୟରେ ରହିଛି ନ୍ୟାୟିକ ବିବାଦ। ସେପଟେ ୨୦୨୩ରୁ ଭୋଗ ଦଖଲକାରୀଙ୍କ ନାଁରେ ଜମି ଅନ୍ତର୍ଭୁକ୍ତ କରି ଟଙ୍କା ରାଜସ୍ୱ ଆଦାୟ ପାଇଁ ଡ୍ରାଫ୍ଟ ହୋଇଥିଲେ ହେଁ ଗେଜେଟ ବିଜ୍ଞପ୍ତି ହୋଇ ନାହିଁ। ଯାହାଫଳରେ ଏକର ଏକର ଜମିରୁ ରାଜସ୍ୱ ହରାଉଛନ୍ତି ସରକାର। ପ୍ରତିବର୍ଷ ଏହି ସବୁ ଜମିରୁ ସରକାର ହରାଉଛନ୍ତି କୋଟି କୋଟି ଟଙ୍କାର ରାଜସ୍ୱ। ଖୁବଶୀଘ୍ର ସରକାରୀ ସ୍ତରରେ ଏନେଇ ନିଷ୍ପତ୍ତି ନିଆନଗଲେ ଏମିତି ସରକାରୀ ଜମିରୁ ମାଲାମାଲ୍ ହେଉଥିବେ ବ୍ୟବସାୟୀ

### ଓଡ଼ିଶାରେ ...

ଅନ୍ୟ ରାଜ୍ୟର ଉଦାହରଣ ଦେଇ ଓଡ଼ିଶାରେ ଏସ୍‌ଆଇଆରର କାର୍ଯ୍ୟକାରୀତା ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ୨୦୦୨ ଓ ୨୦୨୫ ଭୋଟର ତାଲିକା ମ୍ୟାପିଂ ସମୟରେ ଯେଉଁମାନେ ମିଳିବେ ନାହିଁ ସେମାନଙ୍କୁ ଜନ୍ମଗତ ପ୍ରମାଣ ପତ୍ର, ସ୍ଥାୟୀ ଆବାସିକ ପ୍ରମାଣ ପତ୍ର ପରି ୧୧ଟି ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ। ବିହାର ଓ ଉତ୍ତର ପ୍ରଦେଶରେ ଏମିତି ୧୧ଟି ପ୍ରମାଣ ପତ୍ର ଦେବାକୁ ପଡ଼ିଥିଲା। ତେବେ ଯଦି ସେମାନେ ସେହି ଡକ୍ୟୁମେଣ୍ଟ ନଦେଇ ପାରିଲେ ସେମାନଙ୍କୁ ଅବୈଧ ବୋଲି ଘୋଷଣା କରାଯିବ। ଅର୍ଥାତ ଯେତେ ସବୁ ଅନୁପ୍ରବେଶକାରୀ ଓଡ଼ିଶାରେ ଆଡା ଜମାଇଛନ୍ତି ସେମାନଙ୍କୁ ବିଦା ହେବାକୁ ପଡ଼ିପାରେ।

### ପାଣ୍ଡିଆନ ହିଁ ...

ନବୀନଙ୍କ ପାଖରେ ଅଭିଯୋଗ କରିବା ନିମନ୍ତେ ସୁଚିନ୍ତିତ ଢଙ୍ଗରେ ରଣନୀତି ପ୍ରସ୍ତୁତ ହୋଇଥିଲା। ବୈଠକ ସରିବା ପରେ ଦୁଇ ବିଧାୟକଙ୍କ ନିଲମ୍ବନ ପ୍ରସଙ୍ଗରେ ଦଳୀୟ ଆଭିମୁଖ୍ୟ କ’ଣ ରହିବ ତାହା ମଧ୍ୟ ନବୀନ ନିବାସ ନିଷ୍ପତ୍ତି ନେଇ ସାରିଥିଲା। ଏହି ନିଲମ୍ବନକୁ ଯଥାର୍ଥ ଦର୍ଶାଇବା ପାଇଁ ନବୀନ ନିବାସ ପକ୍ଷରୁ ଆକ୍ରମଣାତ୍ମକ ରଣନୀତି ପ୍ରସ୍ତୁତ କରାଯାଇଛି । ସୂତ୍ର ଅନୁସାରେ, ଗଣମାଧ୍ୟମରେ ବୟାନ ଦେବାବେଳେ ‘ଦୁର୍ନୀତିଗ୍ରସ୍ତ’ ଓ ବିଶ୍ୱାସଘାତକ’ ଭଳି ଶବ୍ଦକୁ ବହୁଳ ଉପଯୋଗ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ନେତାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଦଳର ବରିଷ୍ଠ ନେତା ଅତନୁ ସବ୍ୟସାଚୀ, ଦିବ୍ୟଶଙ୍କର ମିଶ୍ର ଓ ଲେନିନ ମହାନ୍ତିଙ୍କ ବୟାନ ସହ ଦଳୀୟ ପ୍ରେସ୍ ରିଲିଜରେ ମଧ୍ୟ ଏହି ଦୁଇ ଶବ୍ଦର ଉପଯୋଗ ଦେଖିବାକୁ ମିଳିଛି। ଅତନୁ କହିଥିଲେ ଯେ, ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକଙ୍କ ପାଇଁ ଦଳରେ କୌଣସି ସ୍ଥାନ ନାହିଁ। ସେହିପରି ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ନବୀନଙ୍କ ପାଖରେ ସମସ୍ତ ଗୁଇନ୍ଦା ରିପୋର୍ଟ ରହିଛି ଏବଂ ଯିଏ ବି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରିବ, ସେ ନିଶ୍ଚିତ ଭାବେ ନିଲମ୍ବିତ ହେବ। ଦଳର ପ୍ରେସ୍ ରିଲିଜ୍ ମାଧ୍ୟମରେ ମୁଖପାତ୍ର ଲେନିନ୍ ମହାନ୍ତି ମଧ୍ୟ ‘ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକ’ ଶବ୍ଦ ଉପଯୋଗ କରି ନିଲମ୍ବନ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହି ଦୁଇଟି ଶବ୍ଦ ମାଧ୍ୟମରେ ନିଲମ୍ବିତ ନେତାଙ୍କୁ ବଦନାମ କରିବା ପାଇଁ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଏକ ‘ସ୍କ୍ରିପ୍ଟ’ ପ୍ରସ୍ତୁତ କରାଯାଇଛି। ଯାହାକି ଦଳର ନେତା ଅତନୁ ସବ୍ୟସାଚୀ, ଦିବ୍ୟଶଙ୍କର ମିଶ୍ର ଓ ଲେନିନ ମହାନ୍ତି ଗଣମାଧ୍ୟମରେ ଏହି ଦୁଇଟି ଶବ୍ଦ ଉଚ୍ଚାରଣ କରି ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଯଥାର୍ଥ ବୋଲି ଦର୍ଶାଇବାକୁ ପ୍ରୟାସ କରିବା ପରେ ଏହା ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ପ୍ରମାଣିତ ହୋଇଛି।

### ଅନଲାଇନ୍‌ରେ ...

ପରୀକ୍ଷା ପରେ ଫଳ ସଠିକ୍ ସମୟରେ ପ୍ରକାଶ ନେଇ ସବୁବେଳେ ସିଏଚ୍‌ଏସ୍‌ଇକୁ ଥାଏ ବଡ଼ ଚ୍ୟାଲେଞ୍ଜ। ଯାହାକୁ ନେଇ ଏଥର ଆଉ ଏକ ପଦକ୍ଷେପ ନେବାର ଯୋଜନା ରଖିଛି କାଉନସିଲ୍। ପୂର୍ବରୁ ବିଜ୍ଞାନ ଓ ବାଣିଜ୍ୟ ବିଷୟରେ ଅନଲାଇନ୍ ମାଧ୍ୟମରେ ମୂଲ୍ୟାୟନ ହେଉଛି। ଚଳିତ ଥର କଳା ବିଭାଗର ଏଭଳି ପ୍ରକ୍ରିୟା ନେବାକୁ କାଉନସିଲ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଅନଲାଇନ୍ ମୂଲ୍ୟାୟନରେ ଯେତିକି ଚ୍ୟାଲେଞ୍ଜ ଅଛି ସେତିକି ପରୀକ୍ଷାର୍ଥୀଙ୍କ ପାଇଁ ଫାଇଦା ରହିଥିବା କହିଛନ୍ତି ପରୀକ୍ଷା ନିୟନ୍ତ୍ରକ। ଅନଲାଇନ୍ ମୂଲ୍ୟାୟନ ଦ୍ୱାରା ସ୍ୱଚ୍ଛତା ବଜାୟ ରହିବ। ଠିକ୍ ସମୟରେ ଅର୍ଥାତ୍ ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ସହ କୌଣସି ଜିଲ୍ଲାରେ ଶିକ୍ଷକଙ୍କ ଅସୁବିଧା ରହିଲେ ଯେ କୌଣସି ସ୍ଥାନରୁ ଅନଲାଇନ୍ ମୂଲ୍ୟାୟନ କମ୍ପ୍ୟୁଟର୍ ମାଧ୍ୟମରେ କରାଯାଇ ପାରିବ। କମ୍ ସମୟ ମଧ୍ୟରେ ପରୀକ୍ଷାର୍ଥୀଙ୍କ ଅନ୍ୟ ସ୍ଥାନରେ ଆଡମିଶନ ପାଇଁ ପିଡିଏଫ୍ ମଧ୍ୟ ଖୁବଶୀଘ୍ର ମିଳିପାରିବ। ଏହା ସହ ଖାତା ଦେଖିବା ପାଇଁ ସମୟ ସୀମା କମ୍ ରହିବ। ତ୍ରୁଟି ବିହୀନ ବା ତ୍ରୁଟି ଶୂନ୍ୟ ରେଜଲ୍ଟ ପାଇଁ ଅନଲାଇନ୍ ମୂଲ୍ୟାୟନ ଭଲ ବିକଳ୍ପ ବୋଲି କହିଛନ୍ତି କାଉନସିଲ୍ କର୍ତ୍ତୃପକ୍ଷ।

**ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

# ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରବେଶକୁ ପ୍ରଶଂସା କରିବା ସହ ଏହି ଅଭିଯାନ ରାଜ୍ୟରେ ଅଧିକରୁ ଅଧିକ ‘ଲକ୍ଷପତି ଦିଦି’ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ। ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଆୟୁକ୍ତ ତଥା ଶାସନ ସଚିବ ଗିରିଶ ଏସ ଏନ ସ୍ୱାଗତ ଅଭିଭାଷଣ ରଖିବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏହି ବୁଝାମଣାପତ୍ର ଅନୁସାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଟେଣ୍ଟ ଭଡା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗୀତା ପାଇଁ ପ୍ରଶିକ୍ଷିତ କରାଯିବ। ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ । ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ମାଟିରେ ମିଶିବ ୯ ତାଲା



**ଭୁବନେଶ୍ୱର :** ମାଟିରେ ମିଶିବ ବର୍ତ୍ତମାନର ନଅ ତାଲା, ସେଚ ସଦନ ଓ ରାଜୀବ ଭବନ। ଏନେଇ ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏସବୁ କୋଠାଗୁଡ଼ିକ ବିପଦ ସଂକୁଳ ବୋଲି ଘୋଷଣା ହୋଇସାରିଛି। ତେଣୁ ଏହି କୋଠା ଗୁଡ଼ିକୁ ଖୁବ୍‌ଶୀଘ୍ର ଭାଙ୍ଗି ମାଟିରେ ମିଶାଯିବ। ନଅ ତାଲାରେ ଥିବା ବିଭାଗ ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଅନ୍ୟପଟେ ତିନୋଟି ପର୍ଯ୍ୟାୟରେ ନିର୍ମାଣ ହେବ ନୂତନ ଲୋକସେବା ଭବନ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନର ମୁଖ୍ୟ ଅଫିସ୍। ଯାହା କି ଖାରବେଳ ଭବନ ନିକଟରେ ତଥା ପାୱାର ହାଉସ୍ ଛକକୁ ଲାଗି ଏଡିଏମ୍ ଓ ଓଏସ୍‌ଇପିଏ ଅଫିସ ପାଖରେ ହେବ ନିର୍ମାଣ। ତେବେ ୭୧ ଏକର ଜାଗାରେ ଛିଡ଼ା ହେବ ନୂଆ ବିଧାନସଭା ଓ ଲୋକସେବା ଭବନ। ୩୦୦ ଆସନ ବିଶିଷ୍ଟ ନୂଆ ବିଧାନସଭା ପାଇଁ ଶିଳାନ୍ୟାସ କରି ସାରିଛନ୍ତି ମୁଖ୍ୟମନ୍ତ୍ରୀ। ବିଧାନସଭା ହେଉଛି ରାଜ୍ୟ ରାଜନୀତିର ଏନ୍ତୁଡ଼ି ଶାଳ। ଆଗକୁ ହେବାକୁ ଯାଉଛି ସୀମା ପୁନଃ ନିର୍ଦ୍ଧାରଣ। ରାଜ୍ୟରେ ପ୍ରାୟ ୫୦ ନୂତନ ବିଧାନସଭା ନିର୍ବାଚନ ମଣ୍ଡଳୀ ସୃଷ୍ଟି ହୋଇପାରେ। ନୂତନ ଓଡ଼ିଶା ବିଧାନସଭା ଦେଖିପାରେ ଅଧିକ ୫୦ ବିଧାୟକ। ତେଣୁ ନୂଆ ବିଧାନସଭା ଗୃହ ନିହାତି ଆବଶ୍ୟକ ପଡ଼ିବ। ଜାନୁଆରୀ, ୧୯୫୬ରେ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୧୯୫୯ରେ ଶେଷ ହୋଇଥିଲା ଲୋକସେବା ଭବନ। ସେହି କୋଠା ପାଇଁ ସେତେବେଳେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ରାଜ୍ୟ ସରକାରଙ୍କ ୪୧ଟି ବିଭାଗ ରହିଥିବା ବେଳେ ୩ ମହଲା ବିଶିଷ୍ଟ ଲୋକସେବା ଭବନ ରହିଛି। ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ। ଦ୍ୱିତୀୟ ମହଲାରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଏବଂ ପ୍ରଥମ ମହଲାରେ ରାଷ୍ଟ୍ରମନ୍ତ୍ରୀଙ୍କ ପାଇଁ ପ୍ରକୋଷ୍ଠ ରହିଛି। ସରକାରରେ କର୍ମଚାରୀଙ୍କ ବୃଦ୍ଧି, କାର୍ଯ୍ୟଭାର ସହ ନୂଆ ଟେକନୋଲୋଜିର ବ୍ୟବହାର ପାଇଁ ଆବଶ୍ୟକ ପଡୁଛି କୋଠା। ଖାଲି ସେତିକି ନୁହେଁ, ରାଜ୍ୟରେ ବିଧାନ ପରିଷଦ ଗଠନ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସଂକେତ ମଧ୍ୟ ରହିଛି। ଭଙ୍ଗା ଯିବନି ବର୍ତ୍ତମାନର ବିଧାନସଭା, ସନ୍ତକ ହିସାବରେ ରଖାଯିବ। ମ୍ୟୁଜିୟମ ଭାବେ ବ୍ୟବହାର କରାଯିବ। ଭବିଷ୍ୟତରେ ଯଦି ବିଧାନ ପରିଷଦ ଗଠନ ହୁଏ, ସେହି କୋଠାକୁ ବ୍ୟବହାର କରାଯିବ। ଲୋକସେବା ଭବନ ଓ ବିଧାନସଭା ମଝିରେ ନିର୍ମାଣ ହେବ ନୂଆ ବିଧାନସଭା।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



**ନବରଙ୍ଗପୁର :** ଜିଲ୍ଲାରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁଭାରମ୍ଭ ହୋଇ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଉପସ୍ଥିତ ରହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ। ଏହି ପରିପେକ୍ଷୀରେ ଜିଲ୍ଲପାଳ ଉପସ୍ଥିତ ସମସ୍ତଙ୍କୁ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବା ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ କହିଥିଲେ। ଶୋଭାଯାତ୍ରା କାର୍ଯ୍ୟକ୍ରମରେ ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ୍‌ର ଛାତ୍ରଛାତ୍ରୀ, ଆର୍‌ଟିଓ, ଡିଇଓ, ଅଧୀକ୍ଷଣ ଯନ୍ତ୍ରୀ, ଆର୍ ଏଣ୍ଡ ବି, ସିଡିଏମଓ, ଟ୍ରାଫିକ ଇନ୍ସପେକ୍ଟର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ସମେତ ନବରଙ୍ଗପୁର ଡ୍ରାଇଭର ସଂଘ କର୍ମକର୍ତ୍ତା ସାମିଲ ହୋଇ ଥିଲେ। ଶୋଭାଯାତ୍ରା ରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସଡକ ସୁରକ୍ଷା ସମ୍ବଧୀୟ ସ୍ଲୋଗାନ, ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିଲା।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ରଙ୍କ ପରଲୋକରେ ଶୋକ



**କାକଟପୁର :** ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ବିପ୍ଳବୀ ରାଜନେତା, କୃଷକ ଆନ୍ଦୋଳନର ଅଗ୍ରଦୂତ, ପ୍ରବୀଣ ସାରସ୍ୱତ ସାଧକ ତଥା ସାମ୍ୟବାଦୀ ଚେତନାର ବରେଣ୍ୟ ପ୍ରତିଭା ସୋମନାଥ ପାତ୍ର ଆଉ ନାହାନ୍ତି। ଗତ ଗୁରୁବାର ୧୦୩ ବର୍ଷ ବୟସରେ କନିଷ୍ଠ ପୁତ୍ର ନଗେନ୍ଦ୍ର ପାତ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବହୁ ରାଜନେତା, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁ ତାଙ୍କର ଶେଷ ଦର୍ଶନ କରିଛନ୍ତି। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କୃଷକ ସଭାର ଜାତୀୟ ଉପସଭାପତି ଆଶିଷ କୁମାର କାନୁନଗୋ, ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ବିଧାୟକ ବାଇଧର ମଳିକ, ରବି ମଳିକ, ବରିଷ୍ଠ କଂଗ୍ରେସ ନେତା ଅମୀୟ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣେଇଥିଲେ। ସ୍ୱର୍ଗତ ପାତ୍ରଙ୍କ ଜନ୍ମ ୧୯୨୪ ଏପ୍ରିଲ ୧୨ ତାରିଖରେ କାକଟପୁର ବ୍ଲକ ବାଜପୁର ଗ୍ରାମରେ ଏକ ସାଧାରଣ ପରିବାରରେ ହୋଇଥିଲା। ତାଙ୍କ ବାପାଙ୍କ ନାମ ଧନୀ ପାତ୍ର ଓ ମାଙ୍କ ନାମ ଚାନ୍ଦ ଦେଇ। ସେ ଯୁବାବସ୍ଥାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅନେକ ବାର କାରାବରଣ କରିଥିଲେ। ତାଙ୍କର ୪୦ରୁ ଅଧିକ ପୁସ୍ତକ ପ୍ରକାଶ ପାଇଁ ପାଠକୀୟ ଆଦୃତି ଲାଭ କରିଛି। ସେ ମଧ୍ୟ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ସ୍ତମ୍ଭ ଲେଖୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର ଗଗନ ପାତ୍ର ଓ ନଗେନ୍ଦ୍ର ପାତ୍ର ଏବଂ ଝିଅ ନନ୍ଦିନୀ, ଜ୍ୱାଇଁ ଜ୍ଞାନେନ୍ଦ୍ର ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା। ଏହି ଅବସରରେ ଅସ୍ତରଙ୍ଗ ପ୍ରେସ କ୍ଲବ ସଭାପତି ତଥା ଓ ୟୁଦବ୍ଲୁଜେ ପୁରୀ ଜିଲ୍ଲା ଶାଖା ସଭାପତି ଶରତ ଚନ୍ଦ୍ର ପରିଡା, ସାଧାରଣ ସମ୍ପାଦକ ଜ୍ୟୋତି ଶଙ୍କର ଦାଶ ଶୃଙ୍ଖଳା କମିଟି ଅଧକ୍ଷ ଜଗନ୍ନାଥ ବେହୁରା ଓ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ଶୋକ ପ୍ରକାଶ କରିବା ସହିତ ଆତ୍ମାର ସଦ୍‌ଗତି କାମନା କରିଥିଲେ।





# ପଦ୍ମ ବେଶରେ ଦାରୁବ୍ରହ୍ମ

ପ୍ରେମାନନ୍ଦ ପାଣିଗ୍ରାହୀ

ଫୁଲ ମନୁଷ୍ୟ, ଦେବତା ଆଦି ସମସ୍ତଙ୍କୁ ପ୍ରସନ୍ନତା ପ୍ରଦାନ କରିଥଏ। ଏଥିପାଇଁ ଶୁଭକାର୍ଯ୍ୟରେ ଫୁଲର ମହତ୍ତ୍ୱ ଅଧିକ ରହିଥାଏ। କେଉଁ ପୁରାତନ କାଳରୁ ପଦ୍ମଫୁଲ ଆମର ସଂସ୍କୃତି, ପର୍ବପର୍ବାଣୀ, ପୌରାଣିକ ତଥା ସାମାଜିକ ଚଳଣି ସହିତ ଓତଃପ୍ରୋତ ଭାବେ ଜଡିତ। ପଙ୍କରୁ ଏହାର ଉତ୍ପତ୍ତି ହୋଇଥିବାରୁ ଏହାକୁ ପଙ୍କଜ ବୋଲି ମଧ୍ୟ କୁହାଯାଏ। ସଂସ୍କୃତରେ ଏହା ପଙ୍କଜ, ରାଜୀବ, କମଳ, ଅରବିନ୍ଦ ଆଦି ବହୁ ନାମରେ ନାମିତ। ଏହା ଏପରି ଏକ ଫୁଲ ଯାହାର ବର୍ଣ୍ଣନା ଆମ ପୌରାଣିକ କଥାବସ୍ତୁରେ ଦେଖିବାକୁ ମିଳେ। ପଦ୍ମ ଫୁଲକୁ ପବିତ୍ର,ପୂଜନୀୟ,ଶାନ୍ତି,ସମୃଦ୍ଧି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ରୂପେ ବିବେଚନା କରାଯାଏ। ଏଣୁ ପଦ୍ମ ଫୁଲକୁ ପୁଷ୍ପରାଜ ଅର୍ଥାତ୍ ଫୁଲମାନଙ୍କର ରାଜା ବୋଲି କୁହାଯାଏ।

ପଦ୍ମ ମା ଲକ୍ଷ୍ମୀଙ୍କର ଅତି ପ୍ରିୟ । ତେବେ ଦାରୁବ୍ରହ୍ମଙ୍କ ଆକର୍ଷଣୀୟ ବେଶଗୁଡିକ ମଧ୍ୟରୁ ପଦ୍ମ ବେଶ ଅନ୍ୟତମ। ସୌନ୍ଦର୍ଯ୍ୟ, ସାଧନା, ପବିତ୍ରତା, ଧ୍ୟାନ, ଜ୍ଞାନ, କର୍ମ, ଭକ୍ତି, ଭାବ ଓ ବୈରାଗ୍ୟର ପ୍ରତୀକ ଭାବେ ପଦ୍ମ ବେଶ ଅନ୍ୟତମ। ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ପବିତ୍ର ମାଘ ମାସ ଅମାବାସ୍ୟା ଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ଶ୍ରୀଜୀଉଙ୍କୁ ପଦ୍ମବେଶ କରାଯାଏ। ମହାପ୍ରଭୁଙ୍କୁ ଏହିଦିନ ବଡଛତା ମଠ ପକ୍ଷରୁ ଖିରି,ଅମାଲୁ ଭୋଗ ଲାଗି ହୁଏ। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଆକର୍ଷଣୀୟ ପଦ୍ମ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ଦାରୁବ୍ରହ୍ମ। ଶୀତ ଋତୁରେ ପଦ୍ମ ଫୁଲ ଫୁଟିବା ସମ୍ଭବ ହେଉନଥିବାରୁ ସୋଲ ନିର୍ମିତ ପଦ୍ମ ଫୁଲରେ ଶ୍ରୀଜୀଉମାନଙ୍କୁ ଏହି ବେଶରେ ସଜ୍ଜିତ କରାଯାଇଥାଏ ବୋଲି କିମ୍ବଦନ୍ତୀ ରହିଛି। ପଣ୍ଡୁ ପୂର୍ଣ୍ଣିମା ଠାରୁ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଏ । ସତ୍ତ୍ୱ ଲିପି ଅନୁସାରେ ସିଂହଦ୍ୱାର ସଂଲଗ୍ନ ବଡଛତା ମଠ ତରଫରୁ ଏହି ବେଶ ନିର୍ମାଣ ଓ ଖର୍ଚ୍ଚ ବହନ କରାଯାଇଥାଏ। ବେଶ ପାଇଁ ଆବଶ୍ୟକ ସୋଲ, ଜରି, କଇଁଥ ଅଠା, କନା, ବେତ, ବାଉଁଶ, ସନ୍ତରା ଆଦି ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ପଦ୍ମ ଫୁଲଠୁ ନେଇ ପଦ୍ମ ପାଖୁଡା, ପଦ୍ମ କେଶର, ଆମ୍ବ କଷି, ଡାଳି, ସାତଟି ଗଛ, ସାତଟି ସିଂହାସନ, ତିନିଟି ଶ୍ରୀମୁଖ ପଦ୍ମ, ତିନିଟି ବଡ ଚୂଳ ସବୁକିଛି ସୋଲ ଓ ଜରିରେ ପ୍ରସ୍ତୁତ ହୁଏ। କାରିଗରମାନେ ଦେଢ ମାସ ଧରି ହବିଷ ପାଳନ ପୂର୍ବକ ଏହି ବେଶ କାର୍ଯ୍ୟ କରିଥାନ୍ତି। ପଦ୍ମ ବେଶ ଭକ୍ତର ଭକ୍ତି ଓ



ଭାବମୂଳକ ବେଶ ବୋଲି ବିବେଚନା କରାଯାଏ।

ବଡଛତା ମଠର ସନ୍ଥ ରଘୁବର ଦାସଙ୍କ ଦ୍ୱାରା ପଦ୍ମ ବେଶ ଆରମ୍ଭ କରାଯାଇଥିଲା ବୋଲି ବିଶ୍ୱାସ ରହିଛି। ପ୍ରାୟ ତିନି ଶହ ବର୍ଷ ତଳେ ସପ୍ତଦଶ ଶତାବ୍ଦୀରେ ମହନ୍ତ ରଘୁର ଦାସ ଏହି ବେଶ ଆରମ୍ଭ କରିଥିଲେ। କିମ୍ବଦନ୍ତୀ ଅନୁସାରେ ହିନ୍ଦି ଭାଷି ସାଧୁ ମନୋହର ଦାସ ବହୁ ଦୂରରୁ ଚାଲିଚାଲି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ । କ୍ଲାନ୍ତ ହୋଇ ତୃଷାର୍ତ୍ତ ଅବସ୍ଥାରେ ଏକ ପୋଖରୀ ନିକଟରେ ଅଟକିଥିଲେ । ପୁଷ୍କରିଣୀରେ ପଦ୍ମ ଫୁଲ ଫୁଟିଥିବା ଦେଖି ଏସବୁ ଜଗନ୍ନାଥଙ୍କ ଇଚ୍ଛାରେ ହୋଇଥିବା ଭାବି ସେ ପଦ୍ମଫୁଲ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତୋଳିଥିଲେ। ଏକ ଗାମୁଛାରେ ପଦ୍ମଫୁଲଗୁଡିକୁ ଧରି ସେ ଶ୍ରୀମନ୍ଦିରରେ ପହଞ୍ଚିଲେ। ସେଦିନ ମାଘ ମାସ ଅମାବାସ୍ୟା ତିଥି ଥିଲା । ଗରୁଡ ସ୍ତମ୍ଭ ନିକଟରେ ଛିଡା ହୋଇ ମନୋହର ପ୍ରଭୁଙ୍କୁ ଦର୍ଶନ କରିବା ସହ ଭାବ ବିହ୍ୱଳ ହୋଇ ପଡିଲେ। ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଆଣିଥିବା ପଦ୍ମ ଫୁଲଗୁଡିକୁ ଲାଗି କରିବା ପାଇଁ ଜଣେ ପଣ୍ଡାଙ୍କୁ ସେ ଅନୁରୋଧ କରିଥିଲେ। ମଇଳା ଗାମୁଛାରେ ପଦ୍ମ ଫୁଲ ରହିଥିବା ଦେଖି ସେବାୟତ ବିରକ୍ତି ପ୍ରକାଶ କରିବା ସହ ସେସବୁକୁ ଫିଙ୍ଗି ଦେଇଥିଲେ। ସେଥିରେ ଅପମାନିତ ହୋଇ ସାଧୁ ମନୋହର ପଦ୍ମଫୁଲଗୁଡିକୁ ପୁଣି ଥରେ ଗାମୁଛାରେ ଧରି ଫେରୁଥିବା ବେଳେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟସ୍ଥ ବଡଛତା ମଠ ନିକଟରେ ଶ୍ରୀମଦିରରୁ ବାହାରି ବଡ ଛତା ମଠ ନିକଟରେ ପ୍ରଭୁଙ୍କୁ ସ୍ମରଣ କରି ମୂର୍ଚ୍ଛିତ ହୋଇଥିଲେ। ଭକ୍ତବତ୍ସଳ ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭାବାବେଗ ବୁଝି ପାରିଥିଲେ। ସେହିଦିନ ରାତିରେ ମନୋହରଙ୍କ ପଦ୍ମ ଫୁଲରେ ତାଙ୍କୁ ବେଶ କରିବା ପାଇଁ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ କରିଥିଲେ। ବଡସିଂହାର ବେଶରେ ଠାକୁରଙ୍କୁ ପଦ୍ମ ବେଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ତତ୍‌କ୍ଷଣାତ ସିଂହଦ୍ୱାର ନିକଟକୁ ଯାଇ ସାଧୁ ମନୋହରଙ୍କ ଠାରୁ ପଦ୍ମ ଫୁଲ ଗ୍ରହଣ କରିଥିଲେ। ସେତେବେଳକୁ ଫୁଲର ପାଖୁଡାଗୁଡିକ ଶୁଖି ଯାଇଥାଏ। ସେବକମାନେ ଶୁଖିଲା ଫୁଲଗୁଡିକ ଲାଗିକରିବା ପରେ ସେଗୁଡିକ ସତେଜ ହୋଇ ସଦ୍ୟ ପ୍ରସ୍ଫୁଟିତ ହୋଇଥିବା ଭଳି ଦୃଶ୍ୟମାନ ହେଲା। ଏହା ଦେଖି ସେବକମାନେ ସାଧୁ ମନୋହରଙ୍କୁ ରତ୍ନ ସିଂହାସନ ନିକଟକୁ ପାଛୋଟି ନେଲେ। ମହାପ୍ରଭୁଙ୍କୁ ପଦ୍ମ ବେଶରେ ଦେଖି ସାଧୁ ଜଣକ ବିମୋହିତ ହେଲେ। ସେଦିନ ଥିଲା ମାଘ ପ୍ରତିପଦ ଓ ବସନ୍ତ ପଞ୍ଚମୀ ମଧ୍ୟବର୍ତ୍ତୀ ବୁଧବାର। ସେହି ସ୍ମୃତିକୁ ମନେ ରଖିବା ପାଇଁ ଏବେବି ମାଘ ମାସର ଶୁକ୍ଳ ପକ୍ଷ ପ୍ରତିପଦ ଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଦ୍ମ ବେଶ କରାଯାଉଛି। ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ସରି ରାତିରେ ଚନ୍ଦନ ଲାଗି ପରେ ଏହି ବେଶ ଅନୁଷ୍ଠିତ ହୁଏ। ବେଶ ପରେ ଶ୍ରୀଜୀଉମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖିରି ଓ ଅମାଲୁ ଭୋଗ ଲାଗି ହୁଏ। ବର୍ଷକ ଭିତରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡସିଂହାର ବେଶ ହୁଏ ନାହିଁ । ପଦ୍ମ ବେଶରେ ପହୁଡ ହୁଅନ୍ତି ମହାପ୍ରଭୁ। ପରଦିନ ମଙ୍ଗଳ ଆଳତି ପରେ ଭକ୍ତମାନେ ସାହାଣ ମେଳାରେ ସିଂହାସନ ନିକଟକୁ ଯାଇ ଏହି ମନଲୋଭା ବେଶ ଦର୍ଶନ କରିଥାନ୍ତି। ପରଂବ୍ରହ୍ମଙ୍କ ଏହି ଆକର୍ଷଣୀୟ ବେଶ ଦର୍ଶନ କରି ବିଭୋର ହୁଅନ୍ତି ଭକ୍ତ। ଗତ ୨୦୧୧ ମସିହା ଠାରୁ ଶ୍ରୀଜିଉଙ୍କ ଏହି ଆକର୍ଷଣୀୟ ବେଶ ପାଇଁ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଚିନ୍ତାମଣି ଦାଶ ସଦ୍ୟ ପ୍ରସ୍ଫୁଟିତ ପଦ୍ମ ଫୁଲ ସଂଗ୍ରହ କରି ମୁଣ୍ଡାଇ ଶ୍ରୀମନ୍ଦିର ଗାରଦରେ ଜମା ଦେଉଛନ୍ତି। ସେଥିପାଇଁ ସେ ଭୁବନେଶ୍ୱର ଉପକଣ୍ଠ ଉତ୍ତରାରେ କେତୋଟି ପୋଖରୀ ଲିଜ ନେଇଛନ୍ତି। ଶୀତ କାକର ଯୋଗୁଁ ପଦ୍ମ ଫୁଟୁ ନଥିବାରୁ ସନ୍ଧ୍ୟା ହେବା ପୂର୍ବରୁ ପୋଖରୀକୁ ପାଲରେ ଘୋଡାଇ ଦିଆଯାଏ। ଯଦ୍ଵାରା ଶୀତ ଋତୁରେ ପଦ୍ମ ଫୁଲ ଫୁଟିବା ସମ୍ଭବ ହୋଇଥାଏ।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*







# ପାହାଡ଼ ଯେଉଁଠି କଥା କହେ

ସିତାଂଶୁ ଶେଖର ମିଶ୍ର

"ପାହାଡ଼ ନିରବ ଥାଏ, ତଥାପି ତା'ର ନିରବତା ମଧ୍ୟ ଗୋଟିଏ ଗଭୀର କଥା କହେ।"

ଓଡ଼ିଶାର ମନୋହର ଭୂପୃଷ୍ଠରେ କିଛି ସ୍ଥାନ ଅଛି, ଯାହାକୁ କେବଳ ଦେଖିହେବ ନାହିଁ—ଅନୁଭବ କରିବାକୁ ପଡ଼େ। ଡମ୍ବରୁଗଡ଼ ସେଇପରି ଗୋଟିଏ ସ୍ଥାନ। ଏହା କେବଳ ପର୍ଯ୍ୟଟନ ସ୍ଥଳ ନୁହେଁ; ଏହା ହେଉଛି ପ୍ରକୃତି, ଐତିହ୍ୟ ଓ ଆଧ୍ୟାତ୍ମିକତାର ଏକ ଅଦ୍ଭୁତ ସମନ୍ୱୟ। ଏହା ଲୋକମୁଖରେ ସ୍ନେହରେ 'ଡମ୍ବରଗାଡ଼' ବୋଲି ପରିଚିତ। ଏହି ପାହାଡ଼ ମଣିଷର ମନକୁ ନିରବତାର ଭାଷା ଶିଖାଏ। ମନକୁ ମୋହିନେବା ଏକ ଅଲୌକିକ ସ୍ଥାନ, ଯାହାକି ପ୍ରାକ୍ତନ ବୌଦ୍ଧ ଗଡ଼ଜାତ ରାଜଭବନର ଦକ୍ଷିଣ ଦିଗରେ ୨୧ କିଲୋମିଟର ଦୂରରେ, ବୌଦ୍ଧ–ସୁବର୍ଣ୍ଣପୁର ରାସ୍ତାର ସାହାଜପାଲ ଛକରୁ ଡାହାଣ ପଥରେ ୩ କିଲୋମିଟର ଆଗକୁ ଗଲେ, ଚିତ୍ରୋତ୍ପଳା ମହାନଦୀର ସଞ୍ଜିବନୀ କୂଳରେ ଉଦ୍ଭାସିତ ହୋଇଥିବା ଏହି ପର୍ବତକୁ ଦେଖିବାକୁ ମିଳିଥାଏ। ଦୂରରୁ ଦୃଷ୍ଟି ପତିତ ହେଲେ ମନେହୁଏ,ଯେପରି ଗୋଟେ ଭବ୍ୟ ଡମ୍ବରୁ—ପ୍ରକୃତି ନିଜେ ପାହାଡ଼କୁ ଡମ୍ବରୁ ଆକୃତି ସଦୃଶ୍ୟ କରି ଗଢ଼ି ତୋଳିଛି।

ପର୍ବତ – ପ୍ରକୃତିର ମୁକୁଟ, ଆଧ୍ୟାତ୍ମିକତାର ଭଣ୍ଡାର ପାହାଡ଼କୁ "ପୃଥିବୀର ମୁକୁଟ" ବୋଲି କୁହାଯାଏ।ଏହି ମୁକୁଟ ଡମ୍ବରୁଗଡ଼ରେ ଆଉ ବିଶେଷ ଭାବେ ଉଜ୍ଜ୍ୱଳ। ଭୟ, ରୋମାଞ୍ଚ, ନିରବତା, ସୌନ୍ଦର୍ଯ୍ୟ ସମସ୍ତକୁ ଧାରଣ କରି ରଖିଛି ଏହି ପାହାଡ଼। ପର୍ଯ୍ୟଟକଙ୍କ ପାଇଁ ଏହା ପ୍ରଥମ ପସନ୍ଦ; ସ୍ଥାନୀୟଙ୍କ ପାଇଁ ଜୀବିକାର ଏକ ଶକ୍ତିଶାଳୀ ଆଧାର; ଓ ସାଧକମାନଙ୍କ ପାଇଁ ଏକ ଜୀବନ୍ତ ସିଦ୍ଧପୀଠ। ଏଠାରେ ଅନେକ ବାବା, ସାଧୁସନ୍ଥ ତାଙ୍କର ତପଃସାଧନା କରି ସିଦ୍ଧି ଲାଭ କରିଥିବା କାହାଣୀମାନେ ଆଜି ମଧ୍ୟ ଜନଶ୍ରୁତିରେ ପ୍ରାସଙ୍ଗିକ। ଐତିହ୍ୟ ଓ ଆଧ୍ୟାତ୍ମିକତାର ନିରବ ପଦଚାରଣର ଶବ୍ଦ ଆଜିବି ଏଠାରେ ଅନୁଭବ କରାଯାଏ।

ପୁରାତନ ବୌଦ୍ଧ ଓ ତାନ୍ତ୍ରିକ ଐତିହ୍ୟର ଜୀବନ୍ତ ସାକ୍ଷୀ ଡମ୍ବରୁଗଡ଼ ଅଞ୍ଚଳ ଅତୀତରେ ଏକ ପ୍ରମୁଖ ତାନ୍ତ୍ରିକ ବୌଦ୍ଧ କେନ୍ଦ୍ର ଥିଲା। ଏପର୍ଯ୍ୟନ୍ତ ମଧ ଏଠାରେ ପୁରାତନ ବୌଦ୍ଧ ପ୍ରତ୍ନଚିହ୍ନ, ତାନ୍ତ୍ରିକ ସାଧନାର ପରିମଳ, "ଚୈତନ୍ୟଦେବ ଓ ରାଧା–କୃଷ୍ଣଙ୍କ ମନ୍ଦିର, ସିଦ୍ଧେଶ୍ୱର ବାବା ମଠ, ଗିରିବର



ଦାସ ବାବାଙ୍କ ପବିତ୍ର ସମାଧି —ଏକ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ଭକ୍ତି, ଶ୍ରଦ୍ଧା ଓ ନିରବ ସାଧନାର ଅନେକ "ଅମୂଲ୍ୟ ମୁହୂର୍ତ୍ତକୁ ହୃଦୟରେ ସଂରକ୍ଷିତ କରେ।"

ବାବା ଗିରିବର ଦାସ ଏହାକୁ ନିଜ ସାଧନା କ୍ଷେତ୍ର ଭାବେ ଚୟନ କରିଥିଲେ। ତାଙ୍କର ଦେହାନ୍ତ ପରେ ମଠ ପରିସରରେ ତାଙ୍କର ସମାଧି—ଏକ ଅନନ୍ୟ ଆତ୍ମିକ କେନ୍ଦ୍ର, ଯାହା ଭକ୍ତମାନଙ୍କୁ ଆଜି ପର୍ଯ୍ୟନ୍ତ ଆକର୍ଷିତ କରିଥାଏ। ପ୍ରକୃତିର ରୂପ–ରାଜି: ନଦୀ, ଜଙ୍ଗଲ, ପର୍ବତର ତ୍ରିଧାରା ସୌନ୍ଦର୍ଯ୍ୟ ତାଲସଡା ପଞ୍ଚାୟତ ଦେଇ ପ୍ରବାହିତ ଚିତ୍ରୋତ୍ପଳା ମହାନଦୀର ନୀଳ ଜଳରାଶି ସାଙ୍ଗକୁ କୂଳରେ ଘନସାଲ,ପିଆସାଲ, ଶାଗୁଆନ ଓ ଆମ୍ବଗଛର ଜଙ୍ଗଲ ଏବଂ ସୁଉଚ୍ଚ ପର୍ବତ ଯାହାକି ମନେହୁଏ ଏକ ଚିତ୍ରକରଙ୍କ ଅପୂର୍ବ ନାଟ୍ୟଚିତ୍ର ଅବତରଣ।

ପର୍ବତର ପାଦଦେଶରୁ ମହାନଦୀର ତୁମୁଳ ନୀରଧ୍ୱନି ଏବଂ ଶୀର୍ଷଦେଶରୁ ଜଙ୍ଗଲର ନିରବ ସଙ୍ଗୀତ—ହୃଦୟରେ ଅବର୍ଣ୍ଣନୀୟ ଶାନ୍ତି ସୃଷ୍ଟି କରେ।

ଏଠାରେ ଟ୍ରେକିଙ୍ଗ,ନେଚର୍ ୱାକ୍,ଫଟୋଗ୍ରାଫି,ପିକନିକ, ଇକୋ–କ୍ୟାମ୍ପିଂ ପାଇଁ ବେଶ୍ ଉପଯୋଗୀ ପରିବେଶ ମିଳିଥାଏ।

ଡମ୍ବରୁଗଡ଼: ବୌଦ୍ଧର ପ୍ରାକୃତିକ ନିଧି ଗୋଟିଏ ସ୍ଥାନରେ ପ୍ରାକୃତିକ ଶୈଳୀର ମାୟା,ବୌଦ୍ଧ କାଳର ଐତିହ୍ୟ,ଆଧ୍ୟାତ୍ମିକ ପବିତ୍ରତା, ଜଙ୍ଗଲ,ନଦୀ,ଓ ପର୍ବତର ଅଲୌକିକ ସମନ୍ୱୟ ଏକାଠି ହୋଇ ଯେପରି ଡମ୍ବରୁଗଡ଼କୁ ବୌଦ୍ଧ ଜିଲ୍ଲାର ଗର୍ବ କରିଛି, ସେପରି ଓଡ଼ିଶାର ଅପୂର୍ବ ପର୍ଯ୍ୟଟନ ସ୍ଥଳ ଭାବେ ମଧ୍ୟ ପରିଚିତ କରାଇଛି।

କେବେ ଆସିବେ ? କିପରି ପହଁଚିବେ ?

ସମୟ

ବର୍ଷର ସବୁ ସମୟରେ ଡମ୍ବରୁଗଡ଼ ଦର୍ଶନୀୟ। ହେଲେ ଶୀତ ଓ ବସନ୍ତ କାଳ (ନଭେମ୍ବର–ମାର୍ଚ୍ଚ) ସର୍ବଶ୍ରେଷ୍ଠ।

ସଡ଼କ ପଥରେ

ଭୁବନେଶ୍ୱର-ନୟାଗଡ- ବୌଦ୍ଧ : ୨୩୦ କି.ମି.

ଭୁବନେଶ୍ୱର- ଅନୁଗୁଳ-ରେଢାଖୋଲ- ବୌଦ୍ଧ : ୨୪୦ କି.ମି.

ବୌଦ୍ଧ–ସୁବର୍ଣ୍ଣପୁର ରାସ୍ତାରେ ସାହାଜପାଲ ଛକରୁ ୩ କି.ମି. ଡାହାଣ ପଥ।

ନିକଟସ୍ଥ ବିମାନବନ୍ଦର

ଭୁବନେଶ୍ୱର : ୧୬୯ କି.ମି.

ନିକଟସ୍ଥ ରେଲଷ୍ଟେସନ

ରେଢାଖୋଲ : ୩୦ କି.ମି.

ସେଠାରୁ ବସ/ଟ୍ୟାକ୍ସି ସହଜରେ ଉପଲବ୍ଧ।

ସେଥିପାଇଁ ଡମ୍ବରୁଗଡ଼ କେବଳ ଗୋଟିଏ ପାହାଡ଼ ନୁହେଁ—ଏହା ହେଉଛି ଅନୁଭବର ଏକ ପଥ,

ଆଧ୍ୟାତ୍ମିକତାର ଏକ ଶୀର୍ଷ ସ୍ତମ୍ଭ,ପ୍ରକୃତିର ଏକ ପବିତ୍ର ବରଦାନ।

ଯେତେବେଳେ ଜୀବନ କ୍ଳାନ୍ତ ହୋଇ ପଡ଼େ,

ଏଠାକୁ ଆସିଲେ ମନେହୋଇଥାଏ ଜୀବନର ସମସ୍ତ କ୍ଳାନ୍ତ କ୍ଷଣିକ ମାତ୍ରେ ଉଭେଇଯାଇ ମନରେ ଅପାର ଫୁର୍ତ୍ତି, ଶାନ୍ତି ପୁଣିଥରେ ଫେରି ପାଇଥାଏ।

ପର୍ବତର ନିରବତା, ମହାନଦୀର ସ୍ନେହିଳ ହସ, ଓ ଜଙ୍ଗଲର ହାଲୁକା ସ୍ପନ୍ଦନ ମନକୁ ପ୍ରଫୁଲ୍ଲିତ କରି ଜୀବନର ଅସୁମାରିକ ସ୍ୱପ୍ନ ନେଇ ଧାବମାନ ମଣିଷକୁ ପୁଣିଥରେ ଚଳଚଞ୍ଚଳ ହେବାର ପ୍ରେରଣା ମିଳିଥାଏ। "ପାହାଡ଼ ଡାକେ—ଆସ, ନିଜକୁ ନିଜେ ଫେରି ପାଇବୁ।"

*ସୋନପୁର,ଶାନ୍ତି ନଗର*
*ଦୂରଭାଷ : ୮୧୪୪୮ ୭୦୭୨୯*










### କେନ୍ଦ୍ରୀୟ ଯୋଜନା ଅର୍ଥ ଖର୍ଚ୍ଚ କରିପାରୁନି ପ୍ରାଣିସମ୍ପଦ ବିଭାଗ

## ଅସନ୍ତୋଷ ବ୍ୟକ୍ତ କଲେ ମୁଖ୍ୟ ଶାସନ ସଚିବ




**ଭୁବନେଶ୍ୱର :** କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍) ହେଉ କିମ୍ବା କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା (ସିଏସ୍ଏ)ଯୋଜନାରେ କିଭଳି ରାଜ୍ୟକୁ ଅଧିକରୁ ଅଧିକ ଅର୍ଥ ଆସିବ ତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀଗଣ ଗୁରୁତ୍ୱ ଦେଉଛନ୍ତି। ଏହାକୁ ନେଇ କେନ୍ଦ୍ର ଉପରେ ବିଭିନ୍ନ ସମୟରେ ପତ୍ର ଲେଖି ଚାପ ସୃଷ୍ଟି କରୁଛନ୍ତି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତା ରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୦୨୬-୨୭ ଆର୍ଥିକବର୍ଷ ଲାଗି ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ଅର୍ଥ ପରିମାଣ ବଢ଼ାଇବା ଲାଗି କେତେକ ପ୍ରସ୍ତାବ ଉପରେ ଗୁରୁତ୍ୱ ଦେଇଛନ୍ତି। ହେଲେ ରାଜ୍ୟର କେତେକ ବିଭାଗ ଏହି ଅର୍ଥକୁ ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ଫଳରେ ରାଜ୍ୟ ସରକାର ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଯେଉଁ ଆଭିମୁଖ୍ୟ ରଖିଛନ୍ତି ତାହା କେତେଦୂର ସାଧିତ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ବିବରଣୀ ଅନୁଯାୟୀ, ରାଜ୍ୟ ପ୍ରାଣୀସମ୍ପଦ ବିଭାଗ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥରୁ ମାତ୍ର ୮.୩୫ ପ୍ରତିଶତ ଟଙ୍କା ଖର୍ଚ୍ଚ କରିଥିବା ଜଣାଯାଇଛି। ଏହାକୁ ନେଇ ମୁଖ୍ୟସଚିବ ଅସନ୍ତୋଷ ପ୍ରକାଶ କରିବା ସହିତ ଏହା କିଭଳି ତ୍ୱରାନ୍ୱିତ ହୋଇପାରିବ ସେନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ ବଶିଷ୍ଠଙ୍କୁ ତାଗିଦ କରିଛନ୍ତି। ବୈଠକର ସୂଚନା ଅନୁଯାୟୀ, ୨୦୨୫-୨୬ ବର୍ଷରେ କେବଳ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ୧୫୫.୩୬କୋଟି ଟଙ୍କା ବ୍ୟୟଅଟକଳ କରାଯାଇଥିଲା। ସେଥିମଧ୍ୟରୁ ବିଭାଗ ପକ୍ଷରୁ ୧୫.୮୧କୋଟି ଟଙ୍କା ଅନୁଦାନ ହୋଇଥିବାବେଳେ ୧୨.୭୯କୋଟି ଟଙ୍କା ଉଠିଥିଲା। ଡିସେମ୍ବର ୩୧ ତାରିଖ ସୁଦ୍ଧା ବିଭାଗ ଏହି ଯୋଜନାରେ ୮.୩୫ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି ବୋଲି ବୈଠକରେ ଜଣାଇଥିଲା। ତେବେ ରାଜ୍ୟ ଯୋଜନାରେ ପ୍ରାଣୀସମ୍ପଦ ବିଭାଗ ଭଲ ପ୍ରଦର୍ଶନ କରିଛି। ୭୭୧.୨୦କୋଟି ଟଙ୍କା ବ୍ୟୟ ଅଟକଳ ମଧ୍ୟରୁ ୯୦.୯୮ପ୍ରତିଶତ ଖର୍ଚ୍ଚ କରିପାରିଛି। ଅନ୍ୟପକ୍ଷରେ ମତ୍ସ୍ୟ ସମ୍ପଦ ବିଭାଗ ଉଭୟ କେନ୍ଦ୍ର ଓ ରାଜସ୍ୱ ଯୋଜନାରେ ଯଥାକ୍ରମେ ୬୪.୬୩% ଏବଂ ୩୪.୧୮ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ଜଣାଯାଇଛି। ବିଭାଗ ପକ୍ଷରୁ ଚଳିତବର୍ଷ ଲାଗି କାର୍ଯ୍ୟକ୍ରମ ବାବଦରେ ୧୬୫୫.୨୯କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ଡିସେମ୍ବର ଶେଷ ସୁଦ୍ଧା ୬୨.୪୬ପ୍ରତିଶତ ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷରେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୬୧୫.୪୯କୋଟି ଟଙ୍କା ମଧ୍ୟରୁ ୭୩.୨୮ପ୍ରତିଶତ ଖର୍ଚ୍ଚ ହୋଇଛି। ସମୁଦାୟ ୨୨୭୦.୭୯କୋଟି ଟଙ୍କା ମଧ୍ୟରୁ ୧୪୮୪.୯୨ପ୍ରତିଶତ ଅର୍ଥ ଖର୍ଚ୍ଚ ବିଭାଗ କରିବାକୁ ସକ୍ଷମ ହୋଇଛି।

### ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ

## ୧୫ ସୂତ୍ରୀ କାର୍ଯ୍ୟକ୍ରମ ନେଇ ଆଲୋଚନା

**ଭୁବନେଶ୍ୱର :** ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସବୁ ବିଭାଗର ସଚିବ ଉପସ୍ଥିତ ରହିଥିଲେ। ବୈଠକ ପରେ ବଡ଼ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ସେ କହିଛନ୍ତି ବର୍ତ୍ତମାନ ସୁଦ୍ଧା ବଜେଟ ଖର୍ଚ୍ଚ ୫୦ ପ୍ରତିଶତ ହୋଇଥିବାବେଳେ ୬୦ ପ୍ରତିଶତ ବୃଦ୍ଧି ପାଇଁ ସବୁ ବିଭାଗ ସଚିବଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ପ୍ରତି ଶନିବାର ଭିତ୍ତିଭୂମି ସମୀକ୍ଷା ବୈଠକ ହେବ। ସଚିବ ମାନେ ଫିଲଡ଼ ଭିଜିଟ ବେଳେ ମେଗା ପାନୀୟ ଜଳ ପ୍ରକଳ୍ପକୁ ଗୁରୁତ୍ୱ ଦେଇ ସମୀକ୍ଷା କରିବାକୁ ନିର୍ଦ୍ଦେଶ ରହିଛି। ବୈଠକରେ ରାଜସ୍ୱ ଆଦାୟ, ବିଭିନ୍ନ ଆଇନ ସଂଶୋଧନ, ପୂର୍ଣ୍ଣାଙ୍ଗ ବଜେଟ ନେଇ ଆଲୋଚନା ହୋଇଛି। ବିଭାଗରେ କଣ କଣ ନୂଆ କରାଯାଇପାରିବ ବଜେଟ ପୂର୍ବରୁ ବିଭିନ୍ନ ବିଭାଗ ସେମାନଙ୍କ ପ୍ରସ୍ତାବ ଦେବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଦେଇଥିବା ୧୫ ସୂତ୍ରୀ କାର୍ଯ୍ୟକ୍ରମ ନେଇ ବିଭାଗ ଗୁଡିକ କଣ ପଦକ୍ଷେପ ନେଇଛନ୍ତି ସେ ନେଇ ସଚିବ ମାନଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ। ପ୍ରତି ମାସ ୧୬ ତାରିଖରେ ଜିଲ୍ଲାପାଳ ମାନଙ୍କ ସହ ଆଲୋଚନା କରାଯିବ। ସମସ୍ତ ବିଭାଗର ସଚିବ ମାନେ ମଧ୍ୟ ଅନ୍ୟ କୌଣସି ଦିନ ବୈଠକ ନ ଡାକି ସେହିଦିନ ଜିଲ୍ଲାପାଳ ମାନଙ୍କ ସହ ଆଲୋଚନା କରିପାରିବେ। ଖାରବେଳ ଭବନରେ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ସଚିବ ସ୍ତରୀୟ ବୈଠକରେ ଏଭଳି ନିଷ୍ପତି ହୋଇଛି। ଏହା ସହିତ ଆଗାମୀ କିଛି ଦିନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ସାଶନ ସଚିବ କଲିକତା ଗ୍ରସ୍ତ ଯିବେ। ସେଠାରେ ଦୁଇ ଦିନ ପାଇଁ ନିବେଶ ସମ୍ମିଳନୀରେ ଯୋଗଦାନ କରିବେ। ଏହି ବୈଠକ ହେବାର ଏକ ମାତ୍ର ଲକ୍ଷ୍ୟ ହେଉଛି ରାଜ୍ୟରେ କେଉଁଭଳି ଅଧିକରୁ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇପାରିବ। ଓଡ଼ିଶାରେ ଚାକିରୀ ସୁଯୋଗ ଉପରେ ଅଧିକ ଫୋକସ ଦିଆଯାଉଛି। ଏହା ଦ୍ୱାରା ଓଡ଼ିଶାକୁ ପୁଞ୍ଜି ଆସିବ।



### ନିଖିଳ ଉତ୍କଳ ଦଲିଲ ଲେଖକ ମୋହରୀର ମହାସଂଘର ୪୫ତମ ରାଜ୍ୟସ୍ତରୀୟ ବାର୍ଷିକ ସମାବେଶ

## ଦଲିଲ ଲେଖକ ମୋହରିରଙ୍କ ଜୀବନ ଜୀବିକାର ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି

**ପୁରୀ :** ପୁରୀରେ ନିଖିଳ ଉତ୍କଳ ଦଲିଲ ଲେଖକ ମୋହରୀର ମହାସଂଘର ୪୫ତମ ରାଜ୍ୟସ୍ତରୀୟ ବାର୍ଷିକ ସମାବେଶ ପାଳିତ ହୋଇଯାଇଛି। ରାଜ୍ୟର ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସରେ କାର୍ଯ୍ୟରତ ଦଲିଲ ଲେଖକ ମୋହରିର ଓ ଏମାନଙ୍କ ସହଯୋଗୀ ଶୃଙ୍ଖଳାର ସହ ଜନସାଧାରଣଙ୍କର ବିଭିନ୍ନ ପ୍ରକାରର ଦଲିଲ ଲେଖି ରେଜିଷ୍ଟ୍ରେସନ ପାଇଁ ପ୍ରସ୍ତୁତ କରିଥାନ୍ତି। ଏହି ବୃତ୍ତିରେ ଥିବା ବ୍ୟକ୍ତିମାନେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଅନୁଯାୟୀ ଦୀର୍ଘ ଏକ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରି ଆସୁଛନ୍ତି। ଜନସାଧାରଣଙ୍କ ଠାରୁ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ୍ ତନଖି କରି ପକ୍ଷଙ୍କ ଠାରୁ ସମସ୍ତ ବିଷୟ ଅବଗତ ହୋଇ ବିଭିନ୍ନ ଆଇନକୁ ତର୍ଜମା କରି ଦଲିଲ ରେଜିଷ୍ଟ୍ରେସନ ପାଇଁ ପ୍ରସ୍ତୁତ କରନ୍ତି। ଏହାଦ୍ୱାରା ଷ୍ଟାମ୍ପ ଓ ଫିସ ବାବଦରେ ସରକାରୀ ରାଜସ୍ୱ ଆଦାୟ କରାଯାଇ ରାଜକୋଷକୁ ଅର୍ଥ ଯାଇଥାଏ। ସରକାରଙ୍କ ଠାରୁ କୌଣସି ପାରିଶ୍ରମିକ ପାଇ ନଥାନ୍ତି। ଜଣେ ଦଲିଲ ଲେଖକ ମୋହରିର ଷ୍ଟାମ୍ପ ଓ ଫିସ ରାଜସ୍ୱ ପରୋକ୍ଷ ଭାବରେ ଆଦାୟ କରି ସରକାରୀ ରାଜସ୍ୱ ଅଭିବୃଦ୍ଧିରେ ସହାୟକ ହୋଇଥାନ୍ତି। ଏଣୁ ଦଲିଲ ଲେଖକ, ମୋହରର ଓ ସହଯୋଗୀ ବାର୍ଷିକ ପ୍ରାୟ ଦୁଇ ହଜାର କୋଟିରୁ ଅଧିକ ରାଜସ୍ୱ ସରକାରୀ ତହବିଲକୁ ପରୋକ୍ଷ ଭାବରେ ଆଦୟ କରାଇଥାନ୍ତି। ଓଡ଼ିଶାରେ ଦଲିଲ ଲେଖକ, ମୋହରିରମାନଙ୍କ ବୃତ୍ତିଗତ ସୁବିଧା ଦଲିଲ ଲେଖକ ମାନଙ୍କ ପାଇଁ ସରକାରୀ ସ୍ତରରେ ଏକ ୱେଲଫେୟାର ଫଣ୍ଡ ଖୋଲାଯିବାକୁ ଦାବି କରାଯାଇଛି। ସୂଚନାଥାଉ କି, ଆଡଭୋକେଟ୍ ଓ ଆଡଭୋକେଟ୍ କ୍ଲର୍କ ଯେଉଁପରି ୱେଲଫେୟାର ଫଣ୍ଡରେ ସୁବିଧା ପାଉଛନ୍ତି ସେହିପରି ଦଲିଲ ଲେଖକ ମାନଙ୍କୁ ସୁବିଧା ଦିଆଯିବାକୁ ଦାବି କରାଯାଇଛି। ଏଥିସହ ୬୦ ବର୍ଷରୁ ଅଧିକ ଥିବା ଦଲିଲ ଲେଖକ, ମୋହରିର କିମ୍ବା ଶାରିରୀକ ଅସୁବିଧା ଯୋଗୁଁ କାର୍ଯ୍ୟକ୍ରମ ନଥିବା ଦଲିଲ ଲେଖକଙ୍କୁ ସରକାର ପେନ୍‌ସନ ଦେବାକୁ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଏଥିସହ ଦିଲଲ ଲେଖକ ମୋହରିର ମାନଙ୍କୁ ସ୍ୱାସ୍ଥ୍ୟକାର୍ଡରେ ସୁବିଧା ଦିଆଯାଉ। ଏତଦ୍ୱାରା ପୀଡିତ ବ୍ୟକ୍ତି ତଥା ପରିବାର ବହୁ ଉପକୃତ ହୋଇପାରିବେ। ଯଦି ଅନ୍‌ଲାଇନ ରେଜିଷ୍ଟ୍ରେସନ କରାଯାଏ ତେବେ ଦଲିଲ ଲେଖକମାନଙ୍କ ବୃତ୍ତିଗତ କ୍ଷତି ହେବାର ସମ୍ଭାବନା ରହିଛି। ଯାହାଦ୍ୱାରା କି ୧୦ ହଜାରରୁ ଊର୍ଦ୍ଧ୍ୱ ମୋହରିରଙ୍କ ପରିବାର କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଏଣୁ ସରକାର ଦଲିଲ ଲେଖକ ମୋହରିରଙ୍କ ଜୀବନ ଜୀବିକାର ବିକଳ୍ପ ବ୍ୟବସ୍ଥା କରିବାକୁ ସଂଘର ରାଜ୍ୟ ସଭାପତି ବଂଶୀଧର ବେହେରା ଏବଂ ମିଡିଆ ସେଲ୍ ସଂଯୋଜକ ନରହରି ସାହୁ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ଦଲିଲ ଲେଖକ ମୋହରିରମାନଙ୍କ ବୃତ୍ତିଗତ କ୍ଷତି ବିଷୟରେ ଭାରତର ପ୍ରଧାନମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ରାଜ୍ୟ ସଂଘ ତରଫରୁ ଅବଗତ କରାଯାଇଛି।









## ପରୀକ୍ଷା କିମ୍ବା ଚାକିରି ପାଇଁ ଦେବାକୁ ହେବନି ଏନଓସି

**ଭୁବନେଶ୍ୱର :** ସରକାରୀ ଚାକିରି କରିଥିବା କର୍ମଚାରୀ ବା ଅଧିକାରୀ ଯେଉଁମାନେ ୟୁପିଏସ୍ସି, ଓପିଏସ୍‌ସି, ଏସ୍ଏସ୍‌ସି, ଓଏସ୍ଏସ୍‌ସି, ଓଏସ୍ଏସ୍ଏସ୍‌ସି ଆଦି କରୁଥିବା ପରୀକ୍ଷା ଦେବାକୁ ଚାହୁଁଛନ୍ତି ସେମାନଙ୍କୁ ଆଉ ଏନ୍‌ଓସି (ନୋ ଅବଜେକ୍‌ଶନ ସାର୍ଟିଫିକେଟ) ଦରକାର ପଡିବ ନାହିଁ। ଆଗରୁ ସରକାରୀ କର୍ମଚାରୀ ଏହିସବୁ ପରୀକ୍ଷା ଦେବାକୁ ହେଲେ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗଠାରୁ ଏନ୍‌ଓସି ଆଣିବାକୁ ବାଧ ହେଉଥିଲେ। ହେଲେ ସରକାର ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି, ବିନା ଏନ୍‌ଓସିରେ ଏବେ ସେମାନେ ପରୀକ୍ଷା ଦେଇପାରିବେ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ଚିଠି ଜାରି କରାଯାଇଛି। ସେଥିରେ ଉଲ୍ଲେଖ ରହିଛି, ଯେଉଁମାନେ ସରକାରୀ ଚାକିରିରେ ଥାଇ ନିଜ ଭବିଷ୍ୟତକୁ ଆଗକୁ ନେବା ଲାଗି କିଛି ସରକାରୀ ପରୀକ୍ଷା ଦେବାକୁ ଏନ୍‌ଓସି ପାଇଁ ଦୀର୍ଘସମୟ ଅପେକ୍ଷାକରି ସମୟ ନଷ୍ଟ କରୁଥିଲେ ଏହି ନିୟମରେ ପରିବର୍ତ୍ତନ କରାଯାଇଛି। ଯଦି ଆଶାୟୀ କର୍ମଚାରୀ ଏଣିକି କିଛି ପରୀକ୍ଷା ଦେବାକୁ ଚାହାନ୍ତି ତେବେ ସେମାନେ ପରୀକ୍ଷା ପାଇଁ ତାଙ୍କ ସରକାରୀ କାର୍ଯ୍ୟ ଏବଂ ଦାୟିତ୍ୱରେ ଅବହେଳା ନ କରିବା ଦରକାର। ପରୀକ୍ଷା ଦେବା ସମୟରେ ସେମାନେ ତାଙ୍କ ଉପରିସ୍ଥ ଅଧିକାରୀଙ୍କ ନିକଟରୁ ଛୁଟି ମଞ୍ଜୁରୀ ଏବଂ ମୁଖ୍ୟାଳୟ ଛାଡ଼ିବା ଅନୁମତି ନେଇ ଯିବା ଦରକାର। ଯେଉଁ ପରୀକ୍ଷା ଦେବେ ତା'ର ଆଡ୍‌ମିଟ୍ କାର୍ଡ କିମ୍ବା ସେ ସମ୍ବନ୍ଧିତ କାଗଜପତ୍ର ଦେଖାଇବେ। ଯଦି ସେମାନେ ଯେଉଁ ପରୀକ୍ଷା ଦେଉଛନ୍ତି ସେଥିରେ ଉତ୍ତୀର୍ଣ୍ଣ ହେଉଛନ୍ତି ତେବେ ସେମାନେ ସରକାରୀ ପଦ୍ଧତିରେ ସେହି ବିଭାଗରୁ ରିଲିଭ ହେବେ, ସେମାନଙ୍କ ଅଧାପନ୍ତରିଆ କାର୍ଯ୍ୟକୁ ସାରିବେ।

## ଯାଜପୁର ରୋଡ୍‌-ଧାମରା ରେଳ ଲାଇନ ଡିପିଆରକୁ ମଞ୍ଜୁରୀ

**ଭୁବନେଶ୍ୱର:** ଯାଜପୁର-କେନ୍ଦୁଝର ରୋଡ-ଧାମରା ଭାୟା ଆରଡ଼ି ରେଳ ଲାଇନ୍ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)କୁ ରେଳ ବୋର୍ଡ ମଞ୍ଜୁରୀ ପ୍ରଦାନ କରିଛି। ପ୍ରକଳ୍ପ ପାଇଁ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। ୩୩୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୧୨-୧୩ରେ ସର୍ଭେ ପାଇଁ ଘୋଷଣା ହୋଇଥିବା ୧୦୧ କି.ମି ଲମ୍ବ ଯାଜପୁର-କେନ୍ଦୁଝର ରୋଡ ଧାମରା ରେଳ ଲାଇନକୁ ୨୦୨୫ ଡିସେମ୍ବରରେ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଥିଲା। ଫାଇନାଲ ଲୋକେସନ ସର୍ଭେ ପରେ ୨୦୨୪ ଜୁଲାଇରେ ପୂର୍ବତଟ ରେଳପଥ ଏହାର ଡିପିଆର ରେଳ ବୋର୍ଡ ନିକଟରେ ଦାଖଲ କରିଥିଲା। ସେଥିରୁ ୯୬ କି.ମିର ରେଳ ଲାଇନ ନିର୍ମାଣ ପାଇଁ ଡିପିଆରକୁ ମଞ୍ଜୁରୀ ମିଳିଛି। ଏହି ରେଳପଥ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ସଂଯୋଗ କରିବ। ହାୱଡ଼ା-ଚେନ୍ନଇ ରେଳପଥରୁ ଯଖପୁରା ରେଳ ଷ୍ଟେସନ ନିକଟରୁ ନୂଆ ଲାଇନ ବାହାରି ଯାଜପୁର, କେନ୍ଦ୍ରାପଡ଼ା ଦେଇ ଭଦ୍ରକର ଧାମରା ବନ୍ଦର ନିକଟରେ ଶେଷ ହେବ। ପ୍ରାୟ ୫୩୨ ହେକ୍ଟର ଘରୋଇ ଓ ୫୧୭ ହେକ୍ଟର ଜଙ୍ଗଲ ଜମିକୁ ମିଶାଇ ଯାଜପୁର ଏବଂ ଭଦ୍ରକରେ ମୋଟ ୬୫୭ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ପ୍ରସ୍ତାବିତ ପ୍ରକଳ୍ପ ଶେଷ ହେଲେ ମା' ବିରଜା ପୀଠ, ଆଖଣ୍ଡଳମଣିଙ୍କ ପୀଠ, ଭିତରକନିକା ଜାତୀୟ ଉଦ୍ୟାନ ସମେତ ତିନି ଜିଲାର ପ୍ରମୁଖ ଧାର୍ମିକ ପୀଠ ଏବଂ ପର୍ଯ୍ୟଟନ ସ୍ଥଳକୁ ଲୋକଙ୍କ ଆଗମନ ବଢ଼ିବ। ଏଠାରେ ସମୁଦାୟ ୧୧ଟି ଷ୍ଟେସନ, ୩୦ଟି ବଡ଼ ଏବଂ ୮୮ଟି ଛୋଟ ପୋଲ, ଗୋଟିଏ ଫ୍ଲାଏଓଭର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଥିସହ ଧାମରା ବନ୍ଦର ଦେଇ ଲୁହାପଥର, କ୍ରୋମାଇଟ, କୋଇଲା ଶିଳ୍ପ ସାମଗ୍ରୀ, ପଣ୍ୟ ପରିବହନ ବଢ଼ିବ। ଏହି ପ୍ରକଳ୍ପ ଶେଷ ହେଲେ ଧାମରା ବନ୍ଦରର ରପ୍ତାନି, ଆମଦାନୀ କ୍ଷମତା ବଢ଼ିବ। ଏହି ପ୍ରକଳ୍ପର ରେଟ୍ ଅଫ୍ ରିଟର୍ଣ୍ଣ ୨୪.୨୨% ରହିଛି। ପ୍ରକଳ୍ପ ପାଇଁ ଡିପିଆରକୁ ଅନୁମୋଦନ ମିଳିବା ସ୍ୱାଗତଯୋଗ୍ୟ ବୋଲି ଯାଜପୁର ରୋଡ ଧାମରା ରେଳପଥ ସଂଗ୍ରାମ ପରିଷଦର ଅଧ୍ୟକ୍ଷ ଡ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ତେବେ ଏହାକୁ ସରକାରୀ ଘରୋଇ ଭାଗୀଦାରି (ପିପିପି) ମୋଡ୍ରେ କରିବା ପାଇଁ ରେଳ ମନ୍ତ୍ରଣାଳୟ ଯେଉଁ ନିଷ୍ପତ୍ତି ନେଇଛି ତାହା ଉଚିତ ହେବ ନାହିଁ। ଏହା ବିଶେଷ ବଡ଼ ପ୍ରକଳ୍ପ ନୁହେଁ, ତେଣୁ ଭାରତୀୟ ରେଳପଥ ଏହାକୁ ନିଜେ ନିର୍ମାଣ କରୁ ବୋଲି ଆଜି ରେଳମନ୍ତ୍ରୀଙ୍କୁ ପତ୍ର ଲେଖି ସେ ଅନୁରୋଧ କରିଛନ୍ତି।

### କୋଣାର୍କରେ କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ

## 'ସାମ୍ବାଦିକ ମାନେ ନିର୍ଭୀକ ହୋଇ ନିରପେକ୍ଷ ଖବର ପରିବେଷଣ କରିବା ଜରୁରୀ'

**ଗୋପ :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ମା ଭଗବତୀ ପୀଠରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଶାଖାର ସଭାପତି ଶରତ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସମାଜର ବିକାଶର ବାହାକ ହେଉଛନ୍ତି ଗଣମାଧ୍ୟମ। ସାମ୍ବାଦିକ ମାନେ ନିର୍ଭୀକ ହୋଇ ନିରପେକ୍ଷ ଭାବରେ ଖବର ପରିବେଷଣ କରି ବିକଶିତ ଓ ଭ୍ରଷ୍ଟାଚାର ମୁକ୍ତ ଗଠନରେ ବ୍ରତୀ ହେବା ଜରୁରୀ ବୋଲି ମୁଖ୍ୟ ଅତିଥି ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଏହି ସାଧାରଣ ପରିଷଦ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ଉପ ସଭାପତି ପରମାନନ୍ଦ ମିଶ୍ର, ପୁରୀ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର ମହିଳା ଆଇନ ସହାୟତା କେନ୍ଦ୍ର ନିର୍ଦ୍ଦେଶିକା ଜୟଶ୍ରୀ ମହାପାତ୍ର, ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଶାଖାର ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, ଜିଲ୍ଲା ଶାଖାର ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା ପ୍ରମୁଖ ଯୋଗ ଦେଇ କୃତ୍ରିମ ବୁଦ୍ଧିମତ୍ତାର ଉପାଦେୟତା ଓ ସାମ୍ବାଦିକ ସୁରକ୍ଷା ଏବଂ ଏହା ଉପରେ ଏଆଇର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାଖାର କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ, ବରିଷ୍ଠ ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀ, ସତ୍ୟ ଖବର ସାମ୍ବାଦିକ ଅକ୍ଷୟ କୁମାର ନାୟକ, ମହେଶ୍ୱର ସାମଲ ଓ ଜିଲ୍ଲା ଶାଖାର କୋଷାଧ୍ୟକ୍ଷ ବିଚିତ୍ର ଓଝା ସମେତ ୧୫ରୁ ଊର୍ଦ୍ଧ୍ୱ ସାମ୍ବାଦିକ ମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାଖାର ସାଧାରଣ ସମ୍ପାଦକ ଜ୍ୟୋତି ଶଙ୍କର ଦାଶ ସଂପାଦକୀୟ ବିବରଣୀ ପାଠ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଅରୁଣ କୁମାର ବିଶ୍ୱାଳ, ହାପି ପାତ୍ର, ଅଲେଖ ବିଶ୍ୱାଳ, ଗଣେଶ ଚନ୍ଦ୍ର ବେହେରା, ତାରକେଶ୍ୱର ବରାଳ, ପ୍ରଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।



Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**